◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-204 ◆BHUBANESWAR ◆SUNDAY ◆19 JANUARY 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୦୪ ◆ଭୁବନେଶ୍ୱର ◆ରବିବାର ◆୧୯ ଜାନୁଆରୀ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦ (ସିନ୍ଦୂରା ସହ)

୧୦ ମାନଦଣ୍ଡ ଆଧାରରେ ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତି ପାଇଁ ସରକାରଙ୍କ ପ୍ରସ୍ତାବ

ଦୋଛକିରେ ରାଜ୍ୟ ପ୍ରଶାସନ

■ **ଭୁବନେଶ୍ୱର, ୧୮।୧ (ସମିସ):** ରାଜ୍ୟରେ କ୍ଷମାତାସୀନ ବିଜେପି ସରକାର ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଆସନ୍ତା ଫେବୃଆରୀ ମାସରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଣିବେ। ଆଗାମୀ ଚାରି ବର୍ଷ ପାଇଁ ରାଜ୍ୟ ବିକାଶର ଆଭିମୁଖ୍ୟକୁ ସ୍ପଷ୍ଟ କରିବା ସହ ସମ୍ପ୍ରତି ଜାରି ରହିଥିବା ବିକାଶଧାରାକୁ ଅଧିକ ଗତିଶୀଳ କରିବା ପାଇଁ ରୂପରେଖ ପ୍ରସ୍ତୁତି ଉଦ୍ଦେଶ୍ୟରେ ଏହି ବଜେଟ୍ ଗୁରୁତ୍ୱ ବହନ କରୁଛି। ରାଜ୍ୟବାସୀଙ୍କ ଆଶା ଆକାଂକ୍ଷାକୁ ଦୃଷ୍ଟିରେ ରଖି ଆଗାମୀ ବଜେଟ୍‌ରେ ସାମାଜିକ କ୍ଷେତ୍ରକୁ ପ୍ରାଧାନ୍ୟ ଦେବା ନେଇ ନୂଆ ସରକାର ୧୦ଟି ମାନଦଣ୍ଡ ଅନୁଯାୟୀ ବିଭାଗ ଗୁଡ଼ିକରୁ ପ୍ରସ୍ତାବ ଆଗତ କରୁଛନ୍ତି।

ତେବେ ପୂର୍ବ ବଜେଟର ସିଂହଭାଗ ଖର୍ଚ୍ଚ ହୋଇପାରି ନଥିବା ବେଳେ ଆଗାମୀ ବଜେଟରେ କେଉଁ ଯୋଜନା ଓ ପ୍ରକଳ୍ପର ପ୍ରସ୍ତାବ ସ୍ଥାନିତ ହେବ, ତାକୁ ନେଇ

ଆଗାମୀ ଚାରି ବର୍ଷ ପାଇଁ ବଜେଟରେ ଆଭିମୁଖ୍ୟ ସ୍ପଷ୍ଟ କରିବେ ସରକାର

୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ଲକ୍ଷ୍ୟ

ବିଭାଗଗୁଡିକ ଏବେ ଦୋ ଛକିରେ। ଗୋଟିଏ ପଟେ ବହୁ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପ ତଥା ଯୋଜନା ଏଯାବତ ସମ୍ପୂର୍ଣ୍ଣ ହୋଇ ନଥିବା

ବେଳେ ନୂତନ ପ୍ରକଳ୍ପ ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ କୌଣସି ପ୍ରସ୍ତାବ ଆସିନାହିଁ। ଅନ୍ନଦାତା, ନାରୀଶକ୍ତି, ସହଜରେ ଜୀବନ ଯାପନ, ମୌଳିକ ନାଗରିକ ସୁବିଧା, ବିକଶିତ ଗାଁ-ବିକଶିତ ସହର, ରୋଜଗାର ଓ କର୍ମ ନିଯୁକ୍ତି, ଓଡିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି, ଲୋକଙ୍କ ସରକାର ଭଳି ୧୦ଟି ଆଧାରରେ ବଜେଟ ପ୍ରସ୍ତୁତ କରିବା ଉଭୟ ସରକାର ଓ ପ୍ରଶାସନ ପାଇଁ କଷ୍ଟସାଧ୍ୟ ହୋଇଛି। ଏଥିପାଇଁ ଗତ ଡିସେମ୍ବର ମାସରୁ ମଧ୍ୟ ଅର୍ଥ ବିଭାଗ ସବୁ ବିଭାଗ ଠାରୁ ରିପୋର୍ଟ ମାଗିଲାଣି।

ସରକାରରେ ପଙ୍ଗ ପରିବର୍ତ୍ତନ, ବିଳମ୍ବିତ ବଜେଟ ଆବଣ୍ଟନ, ଯୋଜନାରେ ବଡ଼ ପରିବର୍ତ୍ତନ, ପୁରୁଣା ଭିତରେ ନୂଆ ଯୋଜନାର ପ୍ରବେଶ, ସର୍ବୋପରି ପାଣ୍ଠି ପରିଚାଳନାରେ ଉପଯୁକ୍ତ ନିରୀକ୍ଷଣର ଅଭାବ ଚଳିତ ବର୍ଷ ବଜେଟ ବ୍ୟୟରେ ବଡ଼ ଅନ୍ତରାୟ ▶ପୃଷ୍ଠା-୯

୪୦ ଘଣ୍ଟା ପରେ ୩ ଶ୍ରମିକଙ୍କ ମୃତଦେହ ଉଦ୍ଧାର

'ଡାଲମିଆ ସିମେଣ୍ଟ' ବିରୋଧରେ ୩ ମାମଲା

■ **ରାଉରକେଲା, ୧୮।୧(ସମିସ):** ଦୀର୍ଘ ୪୦ ଘଣ୍ଟା ପରେ ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନାର ପାୱାର ପ୍ଲାଣ୍ଟରେ ଧସି ଯାଇଥିବା କୋଇଲା ପାହାଡ଼ ତଳୁ ୩ ଶ୍ରମିକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକମାନେ ହେଲେ, ମଧୁସୂଦନ କଲୋନୀ ନିବାସୀ ରଞ୍ଜିତ ଭୋଳ, ଆଇଟି କଲୋନୀ ନିବାସୀ ଦଶରଥ ପାତ୍ର ଓ ବଏଲର ଅପରେଟର୍ ସୁଶାନ୍ତ କୁମାର ରାଉତ। ଏହି ଘଟଣାରେ କାରଖାନା ବିରୋଧରେ ରାଜଗାଙ୍ଗପୁର ଥାନାରେ ୩ଟି ମାମଲା ରୁଜୁ ହୋଇଛି। କାରଖାନାର ଫାକ୍ଟ୍ରି ଅକ୍ୟୁପାୟର ଭେଙ୍କଟେଶ ତ୍ୟାଗରାଜନ୍ ଏବଂ ମ୍ୟାନେଜର ସନ୍ଦୀପ ବର୍ମାଙ୍କ ନାମରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ସେହିପରି ଏହି ଘଟଣାରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସିମେଣ୍ଟ କାରଖାନାର ପାୱାର ପ୍ଲାଣ୍ଟରେ ୫୪ ମେଗାୱାଟ୍‌ରେ ଥିବା ସମସ୍ତ ବଏଲର ବଙ୍କର ଓ କନଭେୟର ବେଲ୍ଟ ଚଳାଇବା ପାଇଁ ସମ୍ପୂର୍ଣ୍ଣ ନିଷେଧ କରାଯାଇ ତାକୁ ସିଲ୍ କରି ଦିଆଯାଇଛି। କାରଖାନାରେ ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ନଯିବା ପର୍ଯ୍ୟନ୍ତ ପାୱାର ପ୍ଲାଣ୍ଟକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀ

ବଏଲର ବଙ୍କର୍ ଓ କନଭେୟର ବେଲ୍ଟ ସିଲ୍

ମୃତକଙ୍କ ପରିବାରକୁ ୨୫ ଲକ୍ଷର ସହାୟତା

ସୂଚନା ଦେଇଛନ୍ତି। ଏହାସହ କାରଖାନା କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଥିବା କାରଖାନା ଓ ବାଷ୍ପିତ୍ର ବିଭାଗ ଉପନିର୍ଦ୍ଦେଶକ ଙ୍କ ବିଭୁପ୍ରସାଦ ସୂଚନା ଦେଇଛନ୍ତି। ସେହିପରି ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ନିର୍ଦ୍ଦେଶାଳୟ ପକ୍ଷରୁ ଏହାର ତଦନ୍ତ କରାଯାଉଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମାଝୀ ସୂଚନା ଦେଇଛନ୍ତି। ▶ପୃଷ୍ଠା-୯

ସାଢ଼େ ୮ ପ୍ରତିଶତ କଟ୍‌ନୀଛଟ୍‌ନୀକୁ ବିରୋଧ

ବିନାୟକପୁରରେ ଉତ୍ତେଜନା

ଧାନ ବସ୍ତା ଓଜନ ପାଇଁ ଦେବାକୁ ପଡୁଛି ଚାରି ଟଙ୍କା

■ **ଭଦ୍ରକ/ବାସୁଦେବପୁର, ୧୮।୧ (ସମିସ):** ଭଦ୍ରକ ଜିଲ୍ଲାର ବିଭିନ୍ନ ମଣ୍ଡିରେ ଧାନବିକ୍ରିକୁ ନେଇ ଅସନ୍ତୋଷ ଦେଖାଦେଇଛି। ମଣ୍ଡିରେ ଧାନ ବସ୍ତା ଓଜନ ପାଇଁ ୪ ଟଙ୍କା ଦେବାକୁ ପଡୁଥିବା ବେଳେ ସାଢ଼େ ୮ରୁ ୧୦ ପର୍ସେଣ୍ଟ କଟନୀ ଛଟନୀକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ କେଉଁଠି ଚାଷୀ ଧାନ ବିକ୍ରି ବନ୍ଦ କରିଦେଇଥିବା ବେଳେ ଆଉ କେଉଁଠି ସୋସାଇଟ୍ ଧାନ ନ କିଣି ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି।

ବାସୁଦେବପୁର ବ୍ଲକର ବିନାୟକପୁର ସୋସାଇଟିର ସାଢ଼େ ୮ ପର୍ସେଣ୍ଟ କଟ୍‌ନୀ ଛଟନୀକୁ ଚାଷୀ ବିରୋଧ କରିବାରୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଗଣମାଧ୍ୟମର ପ୍ରତିନିଧିମାନେ ପହଞ୍ଚିବା ପରେ ମଣ୍ଡି ଛାଡି ସଦସ୍ୟମାନେ ପଳାଇ ଯାଇଥିଲେ। ବହୁ କଷ୍ଟରେ ଚାଷୀ ବର୍ଷା ଓ ଶୀତକୁ ଖାତିରି ନ କରି, ବାତ୍ୟା, ବନ୍ୟା ସହ ଯୁଝି ଯେଉଁ ଫସଲ ଗଣ୍ଡା ଅମଳ କରିଛି; ଏବେ ତାହାକୁ ବିକ୍ରି କରିବାକୁ ସେ ପ୍ରଶାସନ ଓ ମିଲମାଲିକଙ୍କ ▶ପୃଷ୍ଠା-୯

ଆରଜି କର ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣା

ସଞ୍ଜୟ ରୟ ଦୋଷୀ; ୨୦ରେ ଦଣ୍ଡବିଧାନ

■ **କୋଲକାତା, ୧୮।୧ (ଏଜେନ୍ସି):** ବହୁଚର୍ଚ୍ଚିତ କୋଲକାତା ଆର.ଜି. କର ମେଡିକାଲ କଲେଜ ହସ୍ପିଟାଲର କାର୍ଯ୍ୟରତ ଟ୍ରେନି ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ମାମଲା ।।ରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ ରୟକୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏହି ଘଟଣାର ୧୬୧ ଦିନ ପରେ ସିଆଲଦା କୋର୍ଟ ସଞ୍ଜୟକୁ ଦୋଷୀ ସାବ୍ୟସ୍ତ କରିଥିଲା ବେଳେ ଆସନ୍ତା ୨୦ ତାରିଖରେ ଦଣ୍ଡବିଧାନ କରିବେ। ୨୦୨୪ ଅଗଷ୍ଟ ୯ରେ ଆରଜିକେ ହସ୍ପିଟାଲ ମଧ୍ୟରୁ ଜଣେ ଟ୍ରେନି ମହିଳା ଡାକ୍ତରଙ୍କ ମୃତଦେହ ମିଳିଥିଲା। ସେ ପୂର୍ବ ରାତିରେ ଡ୍ୟୁଟି ସାରି ବିଶ୍ରାମ ନେଉଥିଲା ବେଳେ ତାଙ୍କୁ ଦୁଷ୍କର୍ମ କରାଯିବା ▶ପୃଷ୍ଠା-୯

ଆକ୍ସିସ ବ୍ୟାଙ୍କରେ ପଲିସି କରି ଫସିଗଲେ

୪୮ ଲକ୍ଷ ହରାଇଲେ ଶିକ୍ଷକ

■ **ଦେବଗଡ଼, ୧୮।୧ (ସମିସ):** ଅବସରପ୍ରାପ୍ତ ଶିକ୍ଷକଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୪୮ଲକ୍ଷ ଟଙ୍କା ଗାଏବ। ଆକ୍ସିସ ବ୍ୟାଙ୍କରେ ମ୍ୟାକ୍ସ-ଲାଇଫ୍ ପଲିସି କରି ସର୍ବସ୍ୱ ଜମା ପୁଞ୍ଜି ହରାଇଲେ ଶିକ୍ଷକ। ୪୭ଲକ୍ଷ ୯୫ହଜାର ୧୫୦ ଟଙ୍କା ହରାଇବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପ୍ରାଥମିକ ତଦନ୍ତ ପରେ ଆକ୍ସିସ ବ୍ୟାଙ୍କର ତତ୍କାଳୀନ ମ୍ୟାନେଜରଙ୍କ ସମେତ ୧୨ ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁ ସହ ଘଟଣାର ତଦନ୍ତ ଆରମ୍ଭ କରିଛି ଦେବଗଡ଼ ପୁଲିସ।

ଦେବଗଡ଼ ଥାନା ଅନ୍ତର୍ଗତ ବଳମ ପଞ୍ଚାୟତ ଭାଲୁମୁଣ୍ଡା ଗ୍ରାମର ୭୨ ବର୍ଷୀୟ ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ଜନାର୍ଦ୍ଦନ ପ୍ରଧାନ ଗତ ୨୦୧୪ ମସିହା ଜୁଲାଇରେ ତତ୍କାଳୀନ ଆକ୍ସିସ ବ୍ୟାଙ୍କ ମ୍ୟାନଜର ସୁମିତ ମିଶ୍ରଙ୍କ ସହ ଆଲୋଚନା କରି ମ୍ୟାକ୍ସ ଲାଇଫ ଇନସ୍ୟୁରାନ୍ସ କମ୍ପାନୀରେ ତାଙ୍କ ନାମରେ ଏକ ପଲିସି କରିଥିଲେ।

ତତ୍କାଳୀନ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୧୨ ଜଣଙ୍କ ନାମରେ ମାମଲା

ତେବେ ୨୦୧୬, ୨୦୧୭, ୨୦୧୯ ମସିହାରେ ସେହି ବ୍ୟାଙ୍କର ଅନ୍ୟ ଜଣେ ମ୍ୟାନେଜର ସୌମ୍ୟ ପାଣିଗ୍ରାହୀଙ୍କ କୌଣସି ସମ୍ମତି ବିନା ସେ ତାଙ୍କ ନାମରେ ୨ଟି ଓ ତାଙ୍କ ସ୍ତ୍ରୀ ସୈରେନ୍ଧ୍ରୀ ପ୍ରଧାନ ନାମରେ ୪ଟି, ଏପରି ▶ପୃଷ୍ଠା-୯

ନିଶା ମାଫିଆଙ୍କ ଗଳାବାଟ ପାଲଟିଛି ବିମାନ ବନ୍ଦର

ପୁଣି ୭କୋଟିର ମାରିଜୁଆନା ଜବତ

■ **ଭୁବନେଶ୍ୱର, ୧୮।୧ (ସମିସ):** ନିଶା ମାଫିଆଙ୍କ ଗଳାବାଟ ପାଲଟିଛି ଭୁବନେଶ୍ୱର ବିମାନ ବନ୍ଦର। ସେମାନେ ବିମାନ ବନ୍ଦର ଦେଇ ବିଦେଶରୁ ମାରିଜୁଆନା ଚାଲାଣ କରୁଛନ୍ତି। ଗତ ୧୪ ଦିନରେ ୨୧କୋଟିରୁ ଅଧିକ ଟଙ୍କା ମୂଲ୍ୟର ମାରିଜୁଆନା ଜବତ ହେଲାଣି। ଏହି ଘଟଣାରେ ଦୁଇ ମହିଳା ସମେତ ୩ଜଣଙ୍କୁ ଗିରଫ କରାଗଲାଣି। ତଥାପି ମାରିଜୁଆନା ଚାଲାଣ କମୁନାହିଁ।

ଆଜି ପୁଣି ବିଜୁ ପଟ୍ଟନାୟକ ବିମାନ ବନ୍ଦରରୁ ୭କୋଟିର ମାରାଜୁଆନା ଜବତ କରାଯାଇଛି। ଜଣେ ଚାଲାଣକାରୀ ମାରିଜୁଆନା ଆଣି ଆସୁଥିବା ବେଳେ ମାଡ଼ି ବସିଥିଲା କଷ୍ଟମ ବିଭାଗ। ଚାଲାଣ କରୁଥିବା ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି କଷ୍ଟମ ବିଭାଗ। ୭ କେଜିର ମାରିଜୁଆନା ନେଇ ଜଣେ ଅଭିଯୁକ୍ତ ବ୍ୟାଙ୍କକ୍‌ରୁ ଭୁବନେଶ୍ୱର ଆଣୁଥିଲେ। ଏନେଇ ଗୁଇନ୍ଦା ସୁତ୍ରରୁ ଖବର ପାଇଥିଲା କଷ୍ଟମ ବିଭାଗ । ଇଣ୍ଡିଗୋ ବିମାନ ଭୁବନେଶ୍ୱର ବିମାନ ବନ୍ଦରରେ ଅବତରଣ କରିବା ପରେ କଷ୍ଟମ ବିଭାଗ କର୍ମଚାରୀ ଜଣେ ଯାତ୍ରୀଙ୍କ ଲଗେଜ୍ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ୭ କୋଟିର ମାରିଜୁଆନା ଧରାପଡିଥିଲା। ଉକ୍ତ ବ୍ୟକ୍ତିଙ୍କୁ ଉଠାଇ ନେଇଥିଲା କଷ୍ଟମ ବିଭାଗର ଏୟାର

ଜଣେ ଚାଲାକକାରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି

୧୪ ଦିନରେ ୨୧ କୋଟିରୁ ଅଧିକ ମାରିଜୁଆନା ଜବତ ହେଲାଣି

ଥାଇଲାଣ୍ଡ, ମାଲେସିଆରୁ ହେଉଛି ଚାଲାଣ

ଇଣ୍ଟେଲିଜେନ୍ସ ୟୁନିଟ୍। ବ୍ୟାଙ୍କକ୍ ଓ କ୍ୱାଲାଲମପୁରରୁ ପୂର୍ବରୁ ଆସୁଛି ଏହି ଦାମୀ ନିଶାଦ୍ରବ୍ୟ। ପୂର୍ବରୁ ୨ ଜଣ ମହିଳା ଓ ୩ଯୁବକଙ୍କୁ ଗିରଫ କରାଯାଇଥିବା ବେଳେ ବିମାନବନ୍ଦର ବର୍ତ୍ତମାନ ନିଶା କାରବାରର ▶ପୃଷ୍ଠା-୯

'୨୫ ମିନିଟ ବିଳମ୍ବ ହୋଇଥିଲେ ମୁଁ ବଞ୍ଚି ନ ଥାନ୍ତି'

ନୂଆଦିଲ୍ଲୀ,୧୮।୧(ଏଜେନ୍ସି) : ନିଜ ଦେଶରୁ ପଳାଇ ଆସି ବର୍ତ୍ତମାନ ଭାରତରେ ଆଶ୍ରୟ ।।ନେଇଥିବା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନା ୱାଜେଦ୍ ୨୦୨୪ ଅଗଷ୍ଟ ୫ ତାରିଖର ଘଟଣାକ୍ରମକୁ ମନେ ପକାଇ ନିଜ ଦୁଃଖ ବଖାଣିଛନ୍ତି। ବାଂଲାଦେଶରେ ବିକ୍ଷୋଭ ପରେ ତାଙ୍କ ଉପରେ କିଭଳି ମରଣାନ୍ତକ ଆକ୍ରମଣ ହୋଇଥିଲା ଏବଂ ତାଙ୍କୁ ମାରିଦେବାକୁ ରାଜନୈତିକ ସ୍ତରରେ ଷଡ଼ଯନ୍ତ୍ର କରାଯାଇଥିଲା ତାହାକୁ ହସିନା ସାମ୍ନାକୁ ଆଣିଛନ୍ତି। ସେ ଆଲ୍ଲାଙ୍କ କୃପାରୁ ବଞ୍ଚି ଯାଇଥିବା କହିଛନ୍ତି । ୨୦୦୪ ଅଗଷ୍ଟ ୫ରେ ହସିନା ନିଜ ଦେଶ ଛାଡି ଅପ୍ରତ୍ୟାଶିତ ଭାବେ ଭାରତ ପଳାଇ ଆସିଥିଲା

ମତେ ମାରିବାକୁ ଷଡ଼ଯନ୍ତ୍ର ହୋଇଥିଲା: ହସିନା

ବେଳେ ସେହି ଦିନ ହିଁ ବାଂଲାଦେଶର କୋଟାଲିପଡ଼ାରେ ହୋଇଥିବା ଗ୍ରେନେଡ୍ ଆକ୍ରମଣରେ ତାଙ୍କୁ ଟାର୍ଗେଟ କରାଯାଇଥିଲା । ଯେଉଁଥିରେ ୨୪ ଜଣ ଲୋକଙ୍କ ମୃତ୍ୟୁ ହୋଇଥିଲା ଏବଂ ସେ ଆହତ ହୋଇଥିଲେ । ଯଦି ୨୦ ରୁ ୨୫ ମିନିଟ ବିଳମ୍ବ ହୋଇଥାଆନ୍ତା ତେବେ ସେ ଆଜି ନ ଥାନ୍ତେ ବୋଲି ଅଡିଓ ମେସେଜରେ ହସିନା କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୪ରେ ବାଂଲାଦେଶରେ ହସିନା ସରକାରଙ୍କ ବିରୋଧରେ ବ୍ୟାପକ ଆନ୍ଦୋଳନ ଚାଲିବା ସହିତ ଦେଶର ସବୁ ପ୍ରାନ୍ତରରେ ବିକ୍ଷୋଭ, ହିଂସା ବଢିଥିଲା। ହିଂସାରେ ଶତାଧିକ ଲୋକଙ୍କ ମୃତ୍ୟୁ ହେବା ସହିତ ଶହ ଶହ ଲୋକ ଆହତ ହୋଇଥିଲେ। ତେବେ ୨୦୨୪ ଅଗଷ୍ଟ ୫ରେ ବିକ୍ଷୋଭକାରୀମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଭିତରେ ପଶିବାକୁ ଉଦ୍ୟମ କରିବା ପୂର୍ବରୁ ଶେଖ ହସିନା ସେନା ହେଲିକପ୍ଟରରେ ଭାରତ ଚାଲି ଆସିଥିଲେ। ତାଙ୍କ ସହ ତାଙ୍କ ଭଉଣୀ ମଧ୍ୟ ଭାରତରେ ଆଶ୍ରୟ ନେଇଛନ୍ତି । କିନ୍ତୁ ଏହାମଧ୍ୟରେ ଶେଖ ହସିନାଙ୍କ ପ୍ରତ୍ୟର୍ପଣ ଲାଗି ବାଂଲାଦେଶର ଅନ୍ତରାଣ ସରକାର ଦୁଇଥର ଭାରତକୁ ଚିଠି ଲେଖିସାରିଛନ୍ତି। କିନ୍ତୁ ଭାରତ ସରକାର ହସିନାଙ୍କ ପ୍ରତ୍ୟର୍ପଣ ନେଇ ମୁହଁ ଖୋଲି ନଥିଲା ବେଳେ ହସିନାଙ୍କ ଭିସା ଅବଧି ବଢାଇ ଦେଇଛନ୍ତି।

ଚନ୍ଦ୍ରବାବୁଙ୍କ ଓଲଟା ବାଟ

ହଟ୍ ସ୍ପଟ୍

ତିରୁପତି ଲଡୁ ବିବାଦ ଏବଂ ସୁପ୍ରିମ କୋର୍ଟଙ୍କ ଭର୍ତ୍ସନା ପରେ ଦୀର୍ଘ ଦିନ ଧରି ନିରବତା ଅବଲମ୍ବନ କରିଥିବା ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ପୁଣି ମୁହଁ ଖୋଲିଛନ୍ତି। ମୁହଁ ଖୋଲୁ ।।ଖୋଲୁ ସେ ଯେଉଁ କଥାଟି କହିଛନ୍ତି, ତାହା ତାଙ୍କୁ ପୁଣି ବିବାଦ ଘେରକୁ ଟାଣିବା ଥୟ। ରାଜ୍ୟରେ ସେ ନୂଆ ଆଇନ ତିଆରି କରିବାକୁ ଯାଉଛନ୍ତି । ଯେଉଁମାନଙ୍କର ଦୁଇରୁ ଅଧିକ ପିଲା ଥିବେ ସେମାନେ ହିଁ ପଞ୍ଚାୟତ ଓ ପୌର ନିର୍ବାଚନ ଲଢ଼ିପାରିବେ। ଏହି ଆଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ ବୋଲି ସେ କହିଛନ୍ତି। ତାଙ୍କର ଯୁକ୍ତି ହେଉଛି ଯେ ରାଜ୍ୟରେ ବୟସ୍କମାନଙ୍କ ସଂଖ୍ୟା ବଢ଼ି ଚାଲିଥିବା ବେଳେ ପିଲା ଓ ଯୁବକମାନଙ୍କ ସଂଖ୍ୟା



କମି କମି ଚାଲିଛି। ତେଣୁ ଏଭଳି ଅସଙ୍ଗତିକୁ ଦୂର କରିବା ଲାଗି ନୂଆ ଆଇନ ଜରୁରୀ ହୋଇପଡ଼ିଛି। ଦୁଇରୁ ଅଧିକ ସନ୍ତାନ ଥିଲେ ନିର୍ବାଚନ ଲଢ଼ିପାରିବେ ନାହିଁ ସାରା ଦେଶରେ ନିୟମ ରହିଥିବା ବେଳେ ଏହି ଧାରାକୁ ଭାଙ୍ଗିବାକୁ ପ୍ରତିଜ୍ଞା କରିଛନ୍ତି ଚନ୍ଦ୍ରବାବୁ। ଦୁଇ ମାସ ତଳେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ନିର୍ବାଚନ ପାଇଁ ଅଧିକ ସନ୍ତାନ ଉପରେ ରହିଥିବା କଟକଣାକୁ ହଟାଇ ଦିଆଯିବ। ଅଧିକ ସନ୍ତାନ ପରିବାରକୁ ସରକାରୀ ସହାୟତା ମଧ୍ୟ ମିଳୁଛି। ଏଭଳି ପରିବାରକୁ ରିହାତି ଦରରେ ଚାଉଳ ଯୋଗାଇ ଦଆଯାଉଛି। ଦୁଇରୁ ଅଧିକ ସନ୍ତାନ ଥିଲେ ଯାଇ ନିର୍ବାଚନରେ ଲଢ଼ିବାକୁ ସୁଯୋଗ ମିଳିବ ବୋଲି ସେ ଯେଉଁ ନିୟମ କରିବାକୁ ଯାଉଛନ୍ତି, ତାହାକୁ ନେଇ ଅନେକ ନେତା ଚିନ୍ତାରେ। ନିର୍ବାଚନ ଲଢ଼ିବା ଲାଗି ସନ୍ତାନ ସଂଖ୍ୟାକୁ ଦୁଇ ଭିତରେ ସୀମିତ ରଖିଥିବା ନେତା ଏବେ କଣ କରିବେ। ତେବେ ଉଲ୍ଲେଖନୀୟ କଥାଟି ହେଉଛି ଯେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ଏଭଳି ଯୁକ୍ତିକୁ ସମର୍ଥନ କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍। ସେ କହିଛନ୍ତି ଯେ ଦକ୍ଷିଣ ଭାରତରେ ପରିବାର ନିୟନ୍ତ୍ରଣ ଯୋଗୁଁ ଲୋକସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ରାଜନୈତିକ ଦୃଷ୍ଟିକୋଣରୁ ଏହା ଦକ୍ଷିଣ ଭାରତ ରାଜ୍ୟଙ୍କୁ କ୍ଷତି ପହଞ୍ଚାଉଛି। ପୁଣି ଚନ୍ଦ୍ରବାବୁ ଦେଶସାରା ଏଭଳି ନିୟମ ଲାଗୁ କରିବାକୁ ପରାମର୍ଶ ଦେଇଛନ୍ତି। କହିଛନ୍ତି ଦେଶ ଏବେ ନଚେତିଲେ ଜାପାନ ଓ କୋରିଆ ଭଳି ଦୁର୍ଦ୍ଦଶା ଭୋଗିବ।

୭୩୭ ପାଲେଷ୍ଟିନୀୟ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରିବ ଇସ୍ରାଏଲ

ତେଲ୍ ଆଭିଭ୍,୧୮।୧(ଏଜେନ୍ସି): ଇସ୍ରାଏଲ ଏବଂ ହମାସ ମଧ୍ୟରେ ଯୁଦ୍ଧ ବିରତିକୁ ନେଇ ବିଗତ କିଛି ଦିନ ହେଲା ଦ୍ୱନ୍ଦ୍ୱ ଉପୁଜିଥିଲା ବେଳେ ରବିବାର ଏହା ବାସ୍ତବାୟିତ ହେବାକୁ ଯାଉଛି। ଯୁଦ୍ଧବିରତି ପ୍ରସ୍ତାବକୁ ଇସ୍ରାଏଲ କ୍ୟାବିନେଟ୍ ଶନିବାର ଅନୁମୋଦନ ଦେବା ପରେ ଏହାକୁ ନେଇ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହିକ୍ରମରେ ଆସନ୍ତାକାଲି ଉଭୟ ପକ୍ଷ ପଣବନ୍ଦୀଙ୍କୁ ମୁକ୍ତ କରିବେ। ମିଳିଥିବା ସୂଚନା ଅନୁସାରେ ଆସନ୍ତାକାଲି ସକାଳେ ଇସ୍ରାଏଲରେ ବନ୍ଦୀ ଥିବା ପାଲେଷ୍ଟାଇନର ପ୍ରାୟ ୭୩୭ ବ୍ୟକ୍ତିଙ୍କୁ ମୁକ୍ତ କରାଯିବ। ଜାନୁଆରୀ ୧୯ ଏଠାକାର ସ୍ଥାନୀୟ ସମୟ ସକାଳ ୮.୩୦ ମିନିଟ୍‌ରେ ଏହି ଯୁଦ୍ଧବନ୍ଦୀଙ୍କୁ ଇସ୍ରାଏଲ ଜେଲରୁ ମୁକ୍ତ କରାଯିବ ବୋଲି ପ୍ରମୁଖ ମଧ୍ୟସ୍ଥ ରାଷ୍ଟ୍ର କତାର ପକ୍ଷରୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟ ଯୁଦ୍ଧ ବିରତି ବୁଝାମଣା ଅନୁସାରେ ୭୩୭ ପାଲେଷ୍ଟନୀୟ ଯୁଦ୍ଧବନ୍ଦୀଙ୍କୁ ମୁକ୍ତ କରାଯିବ ବୋଲି ଇସ୍ରାଏଲ ନ୍ୟାୟିକ ମନ୍ତ୍ରାଳୟ ପକ୍ଷରୁ ମଧ୍ୟ ସ୍ପଷ୍ଟ କରାଯାଇଛି। ମୁକ୍ତି ପାଇବାକୁ ରହିଥିବା ଲୋକମାନଙ୍କ ମଧ୍ୟରେ ୫ ରୁ ୬ ହମାସ ସଂଗଠନର କେତେକ ପ୍ରମୁଖ ନେତା ରହିଥିଲା ବେଳେ ଏଥିରେ ମହିଳା ଏବଂ ଶିଶୁ ମଧ୍ୟ ରହିଛନ୍ତି। ଅନ୍ୟପକ୍ଷରେ ପାଲେଷ୍ଟାଇନରେ ବନ୍ଧକ

ହମାସ-ଇସ୍ରାଏଲ ଯୁଦ୍ଧ ବିରତି ପ୍ରକ୍ରିୟା ଆରମ୍ଭ

ପ୍ରଥମ ପର୍ଯ୍ୟାୟରେ ୩୩ ଇସ୍ରାଏଲୀଙ୍କୁ ମୁକ୍ତ କରିବ

ରହିଥିବା ୩୩ ଇସ୍ରାଏଲୀ ବନ୍ଦୀଙ୍କୁ ମଧ୍ୟ ହମାସ ମୁକ୍ତ କରିବ। ଗାଜାପଟି ନିକଟରେ ଉଭୟ ପକ୍ଷ ଲୋକଙ୍କୁ ସ୍ୱେଦଶ ଯିବାକୁ ଅନୁମତି ଦିଆଯିବ ବୋଲି କୁହାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ଇସ୍ରାଏଲ ଏବଂ ହମାସ ମଧ୍ୟରେ ୪୨ ଦିନ ପାଇଁ ଏହି ପର୍ଯ୍ୟାୟଯୁଦ୍ଧ ବିରତି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇଛି। ଏହାପରେ ଯଦି ଦୁଇ ପକ୍ଷ ମଧ୍ୟରେ ସ୍ଥିତି ସ୍ୱାଭାବିକ ହୁଏ ଏବଂ ସବୁକିଛି ଠିକଠାକ୍ ଚାଲେ ତେବେ ଦୀର୍ଘସୂତ୍ରରେ ଯୁଦ୍ଧ ବିରତି ପ୍ରସ୍ତାବ କାର୍ଯ୍ୟକାରୀ କରାଯାଇପାରେ। ଏଥିପାଇଁ କତାରରେ ଅନୁଷ୍ଠିତ ବୈଠକରେ ଆଲୋଚନା କରାଯାଇଛି। ଅନ୍ୟପକ୍ଷରେ ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଭିମୁଖ୍ୟ ଇସ୍ରାଏଲ ଏବଂ ପାଲେଷ୍ଟାଇନ ସମସ୍ୟା ପ୍ରସଙ୍ଗରେ ଆଗକୁ ନୂଆ ମୋଡ ଦେଇପାରେ ବୋଲି ମଧ୍ୟ ଆକଳନ କରାଯାଉଛି।

ଇରାନ ସୁପ୍ରିମକୋର୍ଟର ଦୁଇ ବିଚାରପତିଙ୍କୁ ହତ୍ୟା

ତେହରାନ୍,୧୮।୧(ଏଜେନ୍ସି): ଇରାନ ସୁପ୍ରିମକୋର୍ଟ ପରିସରରେ ଶନିବାର ଆତଙ୍କବାଦୀ ଆକ୍ରମଣ ହୋଇଛି। ଜଣେ ଆତଙ୍କବାଦୀ କିଛି ବିଚାରପତିଙ୍କୁ ନିଶାଣ କରି ଗୁଳି ଚଳାଇଥିଲା ବେଳେ ଏହି ଘଟଣାରେ ଦୁଇ ବରିଷ୍ଠ ବିଚାରପତିଙ୍କ ମୃତ୍ୟୁ ହେବା ସହିତ ଅନ୍ୟ ଜଣେ ବିଚାରପତି ଆହତ ହୋଇଛନ୍ତି। ଏହି ଘଟଣା ପରେ ଆତଙ୍କବାଦୀ ଜଣକ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛି। ମୃତ ଦୁଇ ବିଚାରପତି ହେଲେ ମହମ୍ମଦ ମୋଗିସେସ୍ ଏବଂ ହାଜୋତୋସଲାମ ଅଲ୍ଲାରଜିନୀ। ଗୁରୁତର ଆହତ ହୋଇଥିବା ତୃତୀୟ ବିଚାରପତିଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ବେଳେ ତାଙ୍କ ଅବସ୍ଥା ଗମ୍ଭୀର ଥିବା ଇରାନ ଗଣମାଧ୍ୟମ ପ୍ରକାଶ କରିଛି। ଇରାନର ଆଇଆରଜିସି ଅନୁମୋଦିତ ଖବର ସଂସ୍ଥା ଫାର୍ ନ୍ୟୁଜ୍ ଅନୁସାରେ କୌଣସି କାରଣକୁ ନେଇ ଆତଙ୍କବାଦୀ ଜଣକ ଏହି ଦୁଇ ବିଚାରପତିଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା। କିନ୍ତୁ ହତ୍ୟାକାରୀ କୁହାଯାଉଥିବା ଆତଙ୍କବାଦୀ କୋର୍ଟ ପରିସରରେ କର୍ମଚାରୀଙ୍କ ପ୍ରକୋଷ୍ଠ ସଫେଇ କାର୍ଯ୍ୟ ପାଇଁ ନିୟୋଜିତ ଥିଲା ବୋଲି କିଛି ସୂତ୍ରରୁ କୁହାଯାଇଛି।

ଟ୍ରମ୍ପଙ୍କ ଶପଥ ଗ୍ରହଣକୁ ବିରୋଧ; ୱାଶିଂଟନ୍‌ରେ ହଜାର ହଜାର ବିକ୍ଷୋଭକାରୀ

ୱାଶିଂଟନ୍,୧୮।୧(ଏଜେନ୍ସି): ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଉ ମାତ୍ର ଦୁଇ ଦିନ ପରେ ଶପଥ ନେବେ । ଏଥିପାଇଁ ତାଙ୍କ ଶିବିରରେ ଆନନ୍ଦ ଉଲ୍ଲାସ ଖେଳିଯିବା ସହିତ ପ୍ରସ୍ତୁତି ଜୋରଦାର ହୋଇଛି। ଟ୍ରମ୍ପଙ୍କ ଶପଥ ଗ୍ରହଣ ଉତ୍ସବ ପାଇଁ ୱାଶିଂଟନରେ ଭବ୍ୟ ଉତ୍ସବ ଆୟୋଜନ କରାଯାଉଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କୁ ବିରୋଧ କରି ତାଙ୍କ ଶପଥ ଗ୍ରହଣ ପୂର୍ବରୁ ହଜାର ହଜାର ବିକ୍ଷୋଭକାରୀ ରୁଣ୍ଡ ହେବାରେ ଲାଗିଛନ୍ତି। ଶନିବାର ହଜାର ହଜାର ସଂଖ୍ୟାରେ ବିକ୍ଷୋଭକାରୀ ୱାଶିଂଟନ ଡିସିରେ ଏକାଠି ହେବା ସହିତ ଟ୍ରମ୍ପଙ୍କ (ଜିଓପି) ନୀତିକୁ ବିରୋଧ କରି ସ୍ଲୋଗାନ ଦେଇଛନ୍ତି। ଟ୍ରମ୍ପ ପ୍ରଶାସନରେ ପ୍ରବାସୀ ଲୋକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବା ସହିତ ସଂଖ୍ୟାଲଘୁ ଲୋକମାନଙ୍କ ସମସ୍ୟା ମଧ୍ୟ ବଢିବ ବୋଲି ସେମାନେ କହିଛନ୍ତି। ଏପରିକି ଅନେକ ଲୋକ ଟ୍ରମ୍ପଙ୍କ ଶପଥ ଉତ୍ସବ ବୟକଟ୍ କରିବା ଉଦ୍ଦେଶ୍ୟରେ ୱାଶିଂଟନ ଛାଡି ଅନ୍ୟ ସହରକୁ ପଳାଇଥିବା କୁହାଯାଇଛି। ଜାନୁଆରୀ ୨୦ ତାରିଖରେ ଯେଉଁମାନଙ୍କ ଜନ୍ମଦିନ ପଡୁଛି ସେମାନେ ଅନ୍ୟ ସହର ଯାଇ ଜନ୍ମଦିନ ପାଳନ କରିବାକୁ ଯୋଜନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଟ୍ରମ୍ପ ନିର୍ବାଚନୀ ପ୍ରତିଶ୍ରୁତିରେ ଦେଶବାସୀଙ୍କୁ ଯାହା କହିଥିଲେ ତାହାକୁ ପ୍ରଥମ ଦିନରୁ କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତି ନେଇଛନ୍ତି।

ଧରାପଡ଼ିଲା ସୈଫ ଆକ୍ରମଣକାରୀ

ରାୟପୁର,୧୮।୧(ଏଜେନ୍ସି): ବଲିଉଡ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କ ଉପରେ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ମୁମ୍ବାଇ ପୁଲିସ ଯାଞ୍ଚ ଜୋରଦାର୍ କରିଥିଲା ବେଳେ ବିଭିନ୍ନ ସ୍ଥାନରେ ଚଢଉ କରାଯିବା ସହିତ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ପଚରାଉଚରା କରାଯାଉଛି। ଏହିକ୍ରମରେ ରେଳବାଇ ପୁଲିସ ଜଣେ ୩୧ ବର୍ଷୀୟ ବ୍ୟକ୍ତିଙ୍କୁ ଛତିଶଗଡ଼ର ଦୁର୍ଗ ଷ୍ଟେସନରେ ଶନିବାର ଅଟକ ରଖିଥିବା ଜଣାପଡ଼ିଛି। ଆକାଶ କୈଳାସ କନୌଜିଆ ନାମକ ଏହି ବ୍ୟକ୍ତି ଜଣକ ମୁମ୍ବାଇର ଲୋକମାନ୍ୟ ତିଳକ ଟର୍ମିନସ୍‌ରୁ କୋଲକାତା ସାଲିମାର ଯାଉଥିବା ଜ୍ଞାନେଶ୍ୱରୀ ଏକ୍ସପ୍ରେସରେ ଯାତ୍ରା କରୁଥିଲା ବେଳେ ତାଙ୍କ ଉପରେ ସନ୍ଦେହ ଆସିବାରୁ ରେଳବାଇ ପୁଲିସ ଦୁର୍ଗ ଷ୍ଟେସନରେ ତାଙ୍କୁ ଅଟକ ରଖିଛି। ଗତ ଗୁରୁବାର ସୈଫ ଅଲ୍ଲୀଙ୍କ ଉପରେ ଆକ୍ରମଣ ପରେ ଦୁର୍ବୃତ୍ତ ଜଣକ ଫେରାର

ଦୁର୍ଗ ଷ୍ଟେସନରେ ସନ୍ଦିଗ୍ଧକୁ ଅଟକ ରଖିଲା ରେଳବାଇ ପୁଲିସ

ହୋଇଯାଇଥିଲା ବେଳେ ପୁଲିସ ସିସିଟିଭି ଫୁଟେଜ୍‌କୁ ଆଧାର କରି ଆବଶ୍ୟକ ଫଟୋ ଏବଂ ମୋବାଇଲ ଫୋନ ଟାୱାରକୁ ଆଧାର କରି ଅଭିଯୁକ୍ତକୁ ଟ୍ରାକ କରିବାକୁ ଉଦ୍ୟମ କରିଥିଲା। ଏହିକ୍ରମରେ ମୁମ୍ବାଇ ପୁଲିସ ରେଳବାଇ ପୁଲିସକୁ ଆବଶ୍ୟକ ସୂଚନା ଦେଇଥିଲା ବେଳେ ରେଳବାଇ ପୁଲିସ ମୁମ୍ବାଇ-ହାଓଡ଼ା ରୁଟ୍‌ରେ ରାଜନନ୍ଦଗାଓଁ ଷ୍ଟେସନରେ ଏହି ସନ୍ଦିଗ୍ଧକୁ ଧରିବାକୁ ପ୍ରୟାସ କରିଥିଲା। କିନ୍ତୁ ସେଠାରେ ମୋବାଇଲ ଟାୱାରକୁ ନେଇ ସନ୍ଦିଗ୍ଧକୁ ଚିହ୍ନଟ କରାଯିବା ସମ୍ଭବ ହୋଇ ନଥିଲା। କିନ୍ତୁ ପରେ ପରେ ଦୁର୍ଗ ଷ୍ଟେସନରେ ସଂପୃକ୍ତ ସନ୍ଦିଗ୍ଧକୁ ଧରିବାକୁ ରେଳବାଇ ପୁଲିସ ଜାଲ ବଛାଇଥିଲା। ପରେ ପରେ ଟ୍ରେନ ଦୁର୍ଗ ଷ୍ଟେସନରେ ପହଞ୍ଚିବା ପରେ ସେଠାରୁ ବ୍ୟ ଆକାଶକୁ ପୁଲିସ ଧରି ଅଟକ ରଖିଥିବା ଜଣାପଡ଼ିଛି।

ପୁଲିସ ନିକଟରେ କରିନାଙ୍କ ବୟାନ

ଆକ୍ରମଣକାରୀ ଅତ୍ୟନ୍ତ ହିଂସ୍ରକ ଥିଲା

ବଲିଉଡ୍ ଅଭିନେତା ସୈଫ୍ ଅଲୀ ଖାନ୍‌ଙ୍କ ଉପରେ ଆକ୍ରମଣ ହେବା ଘଟଣାକୁ ନେଇ ଏବେ ସବୁ ମହଲରେ ଚର୍ଚ୍ଚା ଚାଲିଥିଲା ବେଳେ ଆକ୍ରମଣକାରୀକୁ ଧରିବା ଲାଗି ମୁମ୍ବାଇ ପୁଲିସ ଜୋରଦାର ଉଦ୍ୟମ ଚଳାଇଛି। ମୁମ୍ବାଇ ପୁଲିସର ୩୦ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢଉ କରି ସନ୍ଦିଗ୍ଧ ବ୍ୟକ୍ତି ବିଶେଷଙ୍କୁ ପଚରାଉଚରା କରୁଛି। ଏହି ଘଟଣା ସହ କୌଣସି ଅଣ୍ଡରୱାର୍ଲଡ ଗ୍ୟାଙ୍ଗର ହାତ ରହିଛି କି ନାହିଁ ତାହାକୁ ନେଇ ମଧ୍ୟ ପୁଲିସ ଯାଞ୍ଚ କରୁଛି। ଏହାମଧ୍ୟରେ ସୈଫ୍‌ଙ୍କ ପତ୍ନୀ କରିନା କପୁର ଖାନ ପୁଲିସ ନିକଟରେ ନିଜର ବୟାନ ରଖିଛନ୍ତି। ସେ ପୁଲିସକୁ କହିଛନ୍ତି ଯେ ତାଙ୍କ ସ୍ୱାମୀ ସୈଫଙ୍କୁ ଅନୁପ୍ରବେଶକାରୀ ଜଣକ ଅତ୍ୟନ୍ତ ନିର୍ମମ ଭାବେ ଆକ୍ରମଣ କରିଥିଲା ବେଳେ ଛୁରିରେ ବାରମ୍ବାର ଆକ୍ରମଣ କରିଥିଲା। କିନ୍ତୁ ତାଙ୍କ ଘରୁ

କୌଣସି ସାମଗ୍ରୀ ଚୋରି ହୋଇ ନାହିଁ। ଏପରିକି ବ୍ୟକ୍ତି ଜଣକ ଘରେ ରହିଥିବା ଅଳଙ୍କାର ଉପରେ ମଧ୍ୟ ଆଖି ପକାଇ ନଥିବା କରିନା କହିଛନ୍ତି। ହେଲେ ସେ ଅତ୍ୟନ୍ତ ହଂସ୍ରକ ଭାବେ ଆକ୍ରମଣ କରିଥିଲା ବୋଲି କରିନା କହିଛନ୍ତି। ଏଭଳି ବିଷୟକୁ ନେଇ ପୁଲିସ ଆହୁରି ଚିନ୍ତାରେ ପଡ଼ିଛି। କାରଣ ପ୍ରଥମେ ଦୁର୍ବୃତ୍ତ ଜଣକ ଘରେ ପଶିଲା ପରେ ୧ କୋଟି ଟଙ୍କା ଦାବି କରିଥିଲା। କିନ୍ତୁ ପରେ କୌଣସି ଜିନିଷ ଚୋରି କରି ନଥିଲା ବୋଲି କରିନା କହିଛନ୍ତି।

ଭାରତ-ବାଂଲାଦେଶ ସୀମାରେ ଉତ୍ତେଜନା

ନୂଆଦିଲ୍ଲୀ, ୧୮।୧(ଏଜେନ୍ସି): ପଶ୍ଚିମବଙ୍ଗର ମାଲଦା ଜିଲ୍ଲାକୁ ଲାଗି ଭାରତ-ବାଂଲାଦେଶ ସୀମାସ୍ଥିତ ସୁଖଦେବପୁର ବିଏସଏଫ ପୋଷ୍ଟ ନିକଟରେ ଉଭୟ ପଟର ଚାଷୀମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଛି। ବାଂଲାଦେଶର କିଛି ଚାଷୀ ଭାରତ ପଟକୁ ଆସି ସେଠାକାର ଚାଷୀଙ୍କ ଫସଲ ନେଇ ଯାଇଥିବା ଅଭିଯୋଗ ଉଠିବା ପରେ ଉଭୟ ପଟର ଚାଷୀମାନଙ୍କ ମଧ୍ୟରେ କିଛି ସମୟ ପାଇଁ ସଂଘର୍ଷ ହୋଇଥିଲା। ତେବେ ବିଏସଏଫ ଏବଂ ବାଂଲାଦେଶ ସୀମା ସୁରକ୍ଷାବଳ ଘଟଣାସ୍ଥଳରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

ବିଜେପି-ଆପ୍ ମଧ୍ୟରେ ପୁଣି ବାକ୍‌ଯୁଦ୍ଧ

କେଜ୍ରିୱାଲଙ୍କ ଗାଡ଼ି ଉପରେ ବିଜେପି ଗୁଣ୍ଡାଙ୍କ ଆକ୍ରମଣ: ଆପ୍

ନୂଆଦିଲ୍ଲୀ,୧୮।୧(ଏଜେନ୍ସି): ଦିଲ୍ଲୀ ବିଧାନସଭା ନିର୍ବାଚନ ପାଖେଇ ଆସୁଥିଲା ବେଳେ ବିଜେପି ଏବଂ ଆମ୍ ଆଦମୀ ପାର୍ଟି(ଆପ୍) ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି। ବିଶେଷକରି ନିର୍ବାଚନୀ ପ୍ରଚାର ଏବେ ଜୋରଦାର ହେବା ସହ ବିଭିନ୍ନ ପ୍ରସଙ୍ଗରେ ଉଭୟ ଦଳର ନେତା ମୁହାଁମୁହିଁ ହେଉଥିବା ଦେଖାଯାଉଛି। ଏହାମଧ୍ୟରେ ପ୍ରଚାର ବେଳେ ଆପ୍ ମୁଖ୍ୟ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗାଡି ଉପରକୁ ବିଜେପି ଗୁଣ୍ଡାମାନେ ଆକ୍ରମଣ କରିଥିବା ଆପ୍ ଅଭିଯୋଗ ଆଣିଛି। କେଜ୍ରିୱାଲ ନୂଆଦିଲ୍ଲୀ ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିଲା ବେଳେ ଏଠାରେ ବିଜେପି ପକ୍ଷରୁ ପରଭେଶ ବର୍ମା ପ୍ରାର୍ଥୀ ହୋଇଛନ୍ତି। ତେବେ ଶନିବାର କେଜ୍ରିୱାଲ ତାଙ୍କ ନିର୍ବାଚନ ମଣ୍ଡଳୀରେ ପ୍ରଚାର କରୁଥିଲା ବେଳେ ପରଭେଶଙ୍କ ସମର୍ଥକମାନେ ତାଙ୍କ ଗାଡି ଉପରକୁ ଟେକା ପଥର ମାଡ଼ କରି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରିଥିବା ଆପ୍ ଅଭିଯୋଗ କରିଛି। କେଜ୍ରିୱାଲ ଯେଭଳି ପ୍ରଚାର କରି ନ ପାରିବେ ସେଥିପାଇଁ ମଧ୍ୟ ଉଦ୍ୟମ କରାଯାଇଛି ବୋଲି ଆପ୍ 'ଏକ୍ସ'ରେ ପୋଷ୍ଟ କରି ଅଭିଯୋଗ କରିଛି। ଅନ୍ୟପକ୍ଷରେ କେଜ୍ରିୱାଲଙ୍କ ପ୍ରଚାର ଅଭିଯାନ ସମୟରେ ତିନି ଯୁବକଙ୍କ ଉପରେ ଗାଡି ଚଢାଇ ଦେବାକୁ ଉଦ୍ୟମ ହୋଇଥିଲା ବୋଲି ପରଭେଶ ବର୍ମା କହିଛନ୍ତି। ସେ କହିଛନ୍ତି ଯେ, ନୂଆଦିଲ୍ଲୀ ବିଧାନସଭା ମଣ୍ଡଳକ

ବିଜେପିରେ ଛକାପଞ୍ଝା

ବିଳମ୍ବିତ ହେବ ରାଜ୍ୟ ସଭାପତି ନିର୍ବାଚନ!

ଭୁବନେଶ୍ୱର, ୧୮।୧(ସମିସ): ଯେତେ ଢାଙ୍କିବାକୁ ଚେଷ୍ଟାକଲେ ମଧ୍ୟ ରାଜ୍ୟ ବିଜେପିରେ ଗୋଷ୍ଠୀକନ୍ଦଳ ଲୁଚୁନାହିଁ। ପ୍ରଭାବ ବିସ୍ତାର ପାଇଁ ଦୁଇ ପ୍ରମୁଖ ଗୋଷ୍ଠୀଙ୍କ ମଧ୍ୟରେ ଶୀତଳ ଯୁଦ୍ଧ, ଛକାପଞ୍ଝା ବାହାରକୁ ଜଳଜଳ ଦିଶୁଛି। ଶୀର୍ଷ ସ୍ତରରେ ଏହି ଗୋଷ୍ଠୀ କନ୍ଦଳ ଜିଲ୍ଲା, ମଣ୍ଡଳ ସ୍ତରୀୟ ରାଜନୀତିକୁ ପ୍ରଭାବିତ କରିଥିବା ବେଳେ ଏହା ଏବେ ନେତୃତ୍ୱଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କଲାଣି। ବାରମ୍ବାର ତାରିଖ ଗଡ଼ିବା ସତ୍ତ୍ୱେ ବିଜେପି ପକ୍ଷରୁ ଏଯାବତ୍ ସବୁଆଡ଼େ ମଣ୍ଡଳ ସଭାପତି ନିଯୁକ୍ତ କରାଯାଇ ପାରିଲା ନାହିଁ। ସେହିପରି ୧୭ ତାରିଖ ସୁଦ୍ଧା ଜିଲ୍ଲା ସଭାପତି ନିଯୁକ୍ତ କରିବାକୁ ତାରିଖ ଧାର୍ଯ୍ୟ ହୋଇଥିଲେ ହେଁ ୩୬ ସାଂଗଠନିକ ଜିଲ୍ଲାରେ ଜଣେହେଲେ ସଭାପତି ନିଯୁକ୍ତ ହୋଇପାରି ନାହାନ୍ତି। ତୃଣମୂଳ ସ୍ତରରେ ସାଂଗଠନିକ ନିର୍ବାଚନ ବିଳମ୍ବ ହେବା କାରଣରୁ ଏହାର ସିଧାସଳଖ ପ୍ରଭାବ ରାଜ୍ୟ ବିଜେପି ସଭାପତି ଚୟନ, ବିଭିନ୍ନ ନିଗମ ଏବଂ ବୋର୍ଡ ନିଯୁକ୍ତିକୁ ମଧ୍ୟ ପ୍ରଭାବିତ କରୁଛି। ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ସଫଳତା ପାଇଥିବା ଏହି ଜାତୀୟ ଦଳରେ କ୍ଷମତା ଲଢ଼େଇ ଏବେ ରାଜ୍ୟ ରାଜନୀତିକୁ ବେଶ୍ ସରଗରମ୍ କରିଛି।

ପ୍ରଥମେ ଚଳିତ ମାସ ୧୫ ତାରିଖ ମଧ୍ୟରେ ରାଜ୍ୟକୁ ନୂଆ ବିଜେପି ମୁଖିଆ ମିଳିବ ବୋଲି କହିଥିଲେ ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର। ଏହାପରେ ଏହି ତାରିଖକୁ ଆସନ୍ତା ୨୫ ତାରିଖକୁ ଘୁଞ୍ଚାଇ ଦିଆଗଲା। ଏପରିକି ୧୭ ତାରିଖ ସୁଦ୍ଧା ରାଜ୍ୟରେ ଦଳର ସମସ୍ତ ୩୭ଟି ସାଂଗଠନିକ ଜିଲ୍ଲାରେ ସଭାପତି ନିଯୁକ୍ତ ହେବେ ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଦମ୍ଭୋକ୍ତି ପ୍ରକାଶ କରିଥିଲେ। ମାତ୍ର ବିଜେପି ମଧ୍ୟରେ ଚାଲିଥିବା ଅନ୍ତଃକନ୍ଦଳ କାରଣରୁ ନିର୍ବାଚନ ପ୍ରକ୍ରିୟା ସଂପନ୍ନ ହୋଇ ପାରୁନାହିଁ।

୧୫ ତାରିଖ ମଧ୍ୟରେ ଜିଲ୍ଲା ସଭାପତି ଚୟନ ନୋହିଲା

ଶୀର୍ଷ ନେତୃତ୍ୱଙ୍କ ଫତୁଆ, ଗଣମାଧ୍ୟମ ଆଗରେ ମୁହଁ ଖୋଲନି

ରାଜନୈତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁସାରେ, ଗୋଟିଏ ଗୋଷ୍ଠୀ ବର୍ତ୍ତମାନର ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ସମର୍ଥନ କରୁଥିବାବେଳେ ଅପର ଗୋଷ୍ଠୀଟି ସେମାନଙ୍କ କ୍ୟାମ୍ପରୁ ଜଣେ ରାଜ୍ୟ ଦାୟିତ୍ୱ ତୁଲାନ୍ତୁ ବୋଲି ଜିଦ୍ ଧରି ବସିଛନ୍ତି। ଖାଲି ରାଜ୍ୟ ସଭାପତି ନୁହେଁ; ଜିଲ୍ଲା ସଭାପତି ନିର୍ବାଚନରେ ମଧ୍ୟ ଉଭୟ ଗୋଷ୍ଠୀ ନିଜ ନିଜ ପସନ୍ଦର ନେତାଙ୍କୁ ସଭାପତି ପଦରେ ଆସୀନ କରିବାକୁ ଗୋଟିଚାଳନା କରୁଥିବା ମଧ୍ୟ ଚର୍ଚ୍ଚା ହେଉଛି।

ସଂଗଠନରେ ନିଜର ଦବ୍‌ଦବା ପାଇଁ ଦୁଇ ଗୋଷ୍ଠୀ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ବେଳେ ତୃଣମୂଳ ସ୍ତରରେ କର୍ମୀ ମଧ୍ୟ ବର୍ତ୍ତମାନ ଦୁଇ ଦଳରେ ବିଭକ୍ତ ହୋଇଛନ୍ତି। ଫଳସ୍ୱରୂପ ସହମତି ଭିତ୍ତିରେ ଜିଲ୍ଲା ସଭାପତି ଚୟନ ହୋଇପାରୁ ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅପରପକ୍ଷେ ଦଳରେ ଚାଲିଥିବା ଏପରି ଛକାପଞ୍ଝାକୁ ନେଇ ଖୁବ୍ ଚିନ୍ତିତ ଏବଂ ଅସନ୍ତୁଷ୍ଟ ଅଛନ୍ତି ଦଳର ଜାତୀୟ ନେତୃତ୍ୱ। ଗତ ୧୪ ତାରିଖରେ ବିଜେପିର କୋର୍ କମିଟି ସହ ରାଜ୍ୟ ବିଜେପିର ୩-୪ ଜଣ ନେତାଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ବେଳେ ଏନେଇ ବ୍ୟାପକ ଭାବେ ଆଲୋଚନା ହୋଇଥିବା ଜଣାପଡ଼ିଛି। ଦଳ ଭିତରେ ଅସନ୍ତୋଷ ଏତେ ଉଗ୍ର ହେଲାଣି ଯେ ଆଗକୁ ଏହା ସଂଗଠନ ପାଇଁ ବିପଦ ସୃଷ୍ଟି କରିପାରେ। ଏଭଳି ଆଶଙ୍କାକୁ ଆଖି ଆଗରେ ରଖି ରାଜ୍ୟ ନେତାମାନଙ୍କୁ ତାଗିଦ କରିଛନ୍ତି ହାଇକମାଣ୍ଡ। ଗଣମାଧ୍ୟମ ଆଗରେ ଏନେଇ ଆଦୌ ମୁହଁ ନ ଖୋଲିବାକୁ ଶୀର୍ଷ ନେତୃତ୍ୱ ଫତୁଆ ଜାରି କରିରିଥିବା ଜଣାପଡ଼ିଛି। ତେବେ ଫତୁଆକୁ ମାନି ଦଳର ରାଜ୍ୟସ୍ତରୀୟ ନେତା ସାଂଗଠନିକ ନିର୍ବାଚନ, ନିଗମ, ବୋର୍ଡ ନିଯୁକ୍ତିକୁ ନେଇ ମୁହଁ ଖୋଲୁ ନଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ଜଳଜଳ ଜଣାପଡୁଛି।

ଇତିମଧ୍ୟରେ ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀରେ କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା କରି ଆଜି ଭୁବନେଶ୍ୱର ଫେରିଆସିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨୫ ତାରିଖ ସୁଦ୍ଧା ରାଜ୍ୟ ବିଜେପିକୁ ନୂଆ ମଙ୍ଗୁଆଳ ମିଳି ନ ପାରନ୍ତି। ରାଜ୍ୟରେ ସାଂଗଠନିକ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପାଇଥିବା ସାଂସଦ ସଞ୍ଜୟ ଜୟସ୍ୱାଲ ମଧ୍ୟ ଏଯାବତ୍ ଓଡ଼ିଶା ଆସିନାହାନ୍ତି। ତେଣୁ ରାଜ୍ୟ ବିଜେପି ସଭାପତି ଆସନ୍ତା ଫେବୃଆରୀ ମାସ ଯାଏଁ ଗଡ଼ିଯାଇପାରେ ବୋଲି ଅନୁମାନ କରୁଛନ୍ତି ରାଜନୈତିକ ବିଶେଷଜ୍ଞ।

ଅନ୍ୟପକ୍ଷରେ ସାଂଗଠନିକ ନିର୍ବାଚନକୁ ନେଇ ଦଳ ମଧ୍ୟରେ ଏତେ ଟଣା ଓଟରା ଥିବାବେଳେ ଆଗାମୀ ଦିନରେ ନିଗମ, ବୋର୍ଡରେ ଅଧ୍ୟକ୍ଷ, ଉପଦେଷ୍ଟା ଓ ସଦସ୍ୟ ପଦ ନିଯୁକ୍ତିରେ ଗୋଷ୍ଠୀକନ୍ଦଳ ଆହୁରି ତୀବ୍ର ହୋଇପାରେ ବୋଲି କର୍ମୀମହଲରେ ଆଶଙ୍କା ପାଇଲାଣି। ପଦବୀ ହାତେଇବାକୁ ଦଳ ମଧ୍ୟରେ ମାଳମାଳ ଆଶାୟୀ ଥିବାବେଳେ ଦଳ କାହାକୁ କେମିତି ସନ୍ତୁଷ୍ଟ କରୁଛି, ତାହା ସଂପୂର୍ଣ୍ଣ ରୂପେ ହାଇକମାଣ୍ଡଙ୍କ ଉପରେ ନିର୍ଭର କରୁଛି। ତେବେ ପ୍ରଥମ ଥର ଲାଗି ରାଜ୍ୟରେ ନିଜ ଦମ୍‌ରେ କ୍ଷମତାକୁ ଆସିଥିବା ଦଳ ପାଇଁ ଏହା ଆଦୌ ଶୁଭଙ୍କର ନୁହେଁ ବୋଲି ମତ ଦେଇଛନ୍ତି ରାଜନୈତିକ ବିଶେଷଜ୍ଞ।

ବିଜେପି ଛାଡ଼ି ବିଜେଡିରେ ସାମିଲ ହେଲେ ହିଞ୍ଜିଳିର ଶତାଧିକ ନେତା ଓ କର୍ମୀ

ଭୁବନେଶ୍ୱର,୧୮।୧(ସମିସ): ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ହିଞ୍ଜିଳି ନିର୍ବାଚନମଣ୍ଡଳୀର ବୁରୁପଡ଼ା ସରପଞ୍ଚ ସନ୍ତୋଷିନୀ ବେହେରାଙ୍କ ସମେତ ନାଏବ ସରପଞ୍ଚ, ୱାର୍ଡମେମ୍ବର ଓ ଶତାଧିକ ବିଜେପି କର୍ମୀ ଆଜି ଶଙ୍ଖଭବନଠାରେ ବିଜୁ ଜନତା ଦଳର କ୍ରିୟାନ୍ୱୟନ ଓ ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଶ୍ରୀ ମିଶ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବିଜୁ ଜନତା ଦଳର କାର୍ଯ୍ୟକ୍ରମ ରୂପାୟନ କମିଟି ଆବାହକ ସଞ୍ଜୟ ଦାସବର୍ମା, ସଭ୍ୟ ସଂଗ୍ରହ ଅଭିଯାନ ଆବାହକ ଅତନୁ ସବ୍ୟସାଚୀ ନାୟକ, ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ମିଡିଆ ସଂଯୋଜକ ଡଃ ଲେନିନ୍ ମହାନ୍ତି, ଡଃ ପ୍ରିୟବ୍ରତ ମାଝୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ।

ଏହି ଅବସରରେ ବିଜେଡିରେ ସାମିଲ୍ ହୋଇଥିବା ସରପଞ୍ଚ ସନ୍ତୋଷିନୀ ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି, ବିଗତ ୭ ମାସ ହେଲା ବିଜେପି ପଞ୍ଚାୟତ ସ୍ତରରେ କିଛି ଉନ୍ନତିମୂଳକ କାର୍ଯ୍ୟ କରୁନାହାନ୍ତି। ଯାହା କହିଥିଲେ ତା'ର ଓଲଟା କାମ କରୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଆମେ ସମସ୍ତେ ବିଜୁ ଜନତା ଦଳରେ ସାମିଲ ହେବା ପାଇଁ ନିଷ୍ପତ୍ତି ନେବା ପରେ ଆଜି ନବୀନ ନିବାସରେ ବିଜେଡି ସୁପ୍ରିମୋଙ୍କୁ ଦେଖା କଲୁ। ଲୋକଙ୍କ ପାଇଁ କାମ କରିବା ଲାଗି ଶ୍ରୀ ପଟ୍ଟନାୟକ ଆମକୁ ପରାମର୍ଶ ଦେଲେ। ବିଜୁ ଜନତା ଦଳରେ ସାମିଲ ହୋଇ ଆମେ ବହୁତ ଖୁସି ଅନୁଭବ କରୁଛୁ ବୋଲି ଶ୍ରୀମତୀ ବେହେରା କହିଥିଲେ।

ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ପର୍ବରେ ନାଏବ ସରପଞ୍ଚ ରଞ୍ଜନ ସ୍ୱାଇଁ, ୱାଡର୍‌ମେମ୍ବର ସର୍ବଶ୍ରୀ ପୁନମ୍ ପାଲୋ, ଉମାରାଣୀ ପୋଲାଇ, ଜୟନ୍ତୀ ସାହୁ, ଅଭିମନ୍ୟୁ ଖାଟୋଇ, ଶରତ ଚନ୍ଦ୍ର ପଣ୍ଡା, ରିଙ୍କି ମୁନି, ଗଣେଶ ସେଠୀ, ପାଣ୍ଡି ପ୍ରଧାନ, ନିର୍ମଳ ବେହେରା ପ୍ରମୁଖ ବିଜେଡିରେ ସାମିଲ୍ ହୋଇ ଦଳର ସଭାପତି ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ।

ଅକ୍ଷୟ ଶକ୍ତି ଉତ୍ପାଦନ ମୁହାଁ ଓଡ଼ିଶା

ଭୁବନେଶ୍ୱର,୧୮।୧(ସମିସ): ରାଜ୍ୟରେ ଅକ୍ଷୟ ଶକ୍ତି ବିଶେଷକରି ସୌର ଶକ୍ତି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି। ବିଶେଷକରି ଓଡ଼ିଶାର ଭୌଗଳିକ ସ୍ଥିତି ଏ କ୍ଷେତ୍ରରେ ସମ୍ଭାବନାକୁ ବହୁଗୁଣିତ କରିଥିବା ବେଳେ ବିଦାୟୀ ସରକାରଙ୍କ ଓଡ଼ିଶା ଅକ୍ଷୟ ଶକ୍ତି ନୀତି ମଧ୍ୟ ପ୍ରଭାବଶାଳୀ ପରିଲକ୍ଷିତ ହେଉଛି। ଏକ ଘରୋଇ ସଂସ୍ଥାର ଗବେଷଣା ରିପୋର୍ଟ ଅନୁଯାୟୀ ରାଜ୍ୟର ମୋଟ ୨୦୦ ଗିଗାୱାଟ ସୌର ଶକ୍ତି ଉତ୍ପାଦନ କ୍ଷମତା ରହିଛି। ଏଥିରୁ କେବଳ ୩୩.୫ ଗିଗାୱାଟ ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହୋଇପାରିବ ବୋଲି ଜଣାପଡ଼ିଛି। ଏହାକୁ ନଜରରେ ରଖି ରାଜ୍ୟ ସରକାର ଭାସମାନ ସୌର ପ୍ରକଳ୍ପ ପାଇଁ ଥିବା ଗାଇଡାଲାଇନରେ ଆବଶ୍ୟକୀୟ ସଂଶୋଧନ ମଧ୍ୟ କରୁଛନ୍ତି।

ଓଡ଼ିଶା ୨୦୩୦ ମସିହା ସୁଦ୍ଧା ମୋଟ ୧୦.୯୫ ଗିଗାୱାଟ ଅକ୍ଷୟ ଶକ୍ତି ଉତ୍ପାଦନ ଲକ୍ଷ୍ୟ ରଖିଥିଲା ବେଳେ ଏଥିରେ ସିଂହଭାଗ ଭୂମିକା ସୌରଶକ୍ତିର ରହିବ। ବିଭିନ୍ନ ସୌର ପ୍ରକଳ୍ପ ମାଧ୍ୟମରେ ୭.୫ ଗିଗାୱାଟ ଶକ୍ତି ଉତ୍ପାଦନ କରିବାକୁ ବୃହତ୍ ଲକ୍ଷ୍ୟ ରଖାଯାଇଛି। ଏଥିରେ ଭାସମାନ ସୌର ପ୍ରକଳ୍ପର ପ୍ରମୁଖ ଭୂମିକା ରହିଛି। ଭାରତୀୟ ମହାକାଶ ବିଜ୍ଞାନ ଗବେଷଣା ସଂସ୍ଥା(ଇସ୍ରୋ)ର ଏନ୍‌ଆର୍‌ଏସ୍‌ସି ସର୍ଭେ ଅନୁସାରେ, ରାଜ୍ୟରେ ପ୍ରାୟ ୬୭୦ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଞ୍ଚଳରେ ଛୋଟବଡ଼କୁ ମିଶାଇ ମୋଟ ୭୪୪୪ଟି ଜଳଭଣ୍ଡାର, ହ୍ରଦ ଓ ପୁଷ୍କରିଣୀ ରହିଛି। ଏହାକୁ ସଠିକ୍ ଭାବେ ଉପଯୋଗ କରାଯାଇ ଭାସମାନ ସୌର ପ୍ରକଳ୍ପ କାର୍ଯ୍ୟାନ୍ୱୟନ କରାଗଲେ ଓଡ଼ିଶାରେ ୩୩.୫ ଗିଗାୱାଟ୍ ସୌର ଶକ୍ତି ଉତ୍ପାଦନ ହୋଇପାରିବ। ବିଶେଷକରି କୋରାପୁଟ, ବଲାଙ୍ଗିର, ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ମାଲକାନଗିରି, ରାୟଗଡ଼ା ଓ କେନ୍ଦୁଝର ଜିଲ୍ଲାରେ ଭାସମାନ ସୌର ପ୍ରକଳ୍ପ ପାଇଁ ବେଶ୍ ସମ୍ଭାବନା ରହିଥିବା ଜଣାପଡ଼ିଛି। ଏ ଧରଣର ପ୍ରକଳ୍ପ ପାଇଁ ଏକ ଜଳଭଣ୍ଡାର କମିଟି ଗଠନ କରାଯାଇଥିବା ବେଳେ ଏହା ପ୍ରକଳ୍ପ ସ୍ଥାନ ଚିହ୍ନଟ ଏବଂ ସ୍ଥାପନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବ।

୨୦୩୦ ମସିହା ସୁଦ୍ଧା ୭.୫ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନ କରିବାକୁ ଲକ୍ଷ୍ୟ

ଭାସମାନ ସୌର ପ୍ରକଳ୍ପରୁ ଉତ୍ପାଦନ ହୋଇପାରିବ ୩୩.୫ ଗିଗାୱାଟ୍ ଶକ୍ତି

୫୧ଟି ମଧ୍ୟମ ଜଳଭଣ୍ଡାରରେ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଚାଲିଛି ଫିଜିବିଲିଟି ସର୍ଭେ

ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ କମିଟି ପ୍ରାଥମିକ ଭାବେ ହୀରାକୁଦ, ରେଙ୍ଗାଲି, ଇନ୍ଦ୍ରାବତୀ ଜଳଭଣ୍ଡାରରେ ଭାସମାନ ସୌର ପ୍ରକଳ୍ପ ପାଇଁ ଜିଆଇଏସ୍ ମ୍ୟାପି ଚୂଡ଼ାନ୍ତ କରିଥିବା ବେଳେ ଏଠାରେ ପ୍ରକଳ୍ପ ସ୍ଥାପନ କାର୍ଯ୍ୟ ଜାରି ରହିଛି। ଇତିମଧ୍ୟରେ ରାଜ୍ୟର ୫୧ଟି ମଧ୍ୟମ ଜଳଭଣ୍ଡାରରେ ପ୍ରକଳ୍ପ ସ୍ଥାପନ ପାଇଁ ଫିଜିବିଲିଟି ସର୍ଭେ କରିବାକୁ ପରାମର୍ଶଦାତା ନିଯୁକ୍ତ ମଧ୍ୟ ହୋଇଛନ୍ତି। ସେହିପରି ଆଗାମୀ ଦିନରେ ରାଜ୍ୟର ବୃହତ୍ ଜଳଭଣ୍ଡାରରୁ ୧୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଭାସମାନ ସୌର ପ୍ରକଳ୍ପ ସ୍ଥାପନ ପାଇଁ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଇଛି। ରାଜ୍ୟ ସରକାରଙ୍କ ଅକ୍ଷୟ ଶକ୍ତି ନୀତି- ୨୦୨୨ ସହ ସୌର ପ୍ଲାଣ୍ଟ ଏବଂ ସୌର ଉତ୍ପାଦନ କ୍ଷେତ୍ରରେ ଦିଆଯାଉଥିବା ପ୍ରୋତ୍ସାହନ ରାଶି ଏକ୍ଷେତ୍ରରେ ବେଶ୍ ଉପଯୋଗୀ ସାବ୍ୟସ୍ତ ହେଉଥିବା କୁହାଯାଉଛି। ରାଜ୍ୟରେ ସୌରଶକ୍ତି ଉତ୍ପାଦନ ପାଇଁ ବ୍ୟାପକ ସୁଯୋଗ ଏବଂ ସମ୍ଭାବନା ରହିଛି।

ରାୟଗଡ଼ାରେ ସ୍ୱାମୀତ୍ୱ ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ

ରାୟଗଡ଼ା, ୧୮।୧(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ଜରିଆରେ ସ୍ୱତନ୍ତ୍ର ସ୍ୱାମୀତ୍ୱ ଯୋଜନାର ଇ-ସମ୍ପତ୍ତି କାର୍ଡ ବିତରଣ ଶୁଭାରମ୍ଭ କରିଛନ୍ତି। ଭାରତର ୫୦ ହଜାର ଗ୍ରାମର ୬୫ ଲକ୍ଷ ହିତାଧିକାରୀଙ୍କୁ ଏହି ସମ୍ପତ୍ତି କାର୍ଡ ବଣ୍ଟନ କରାଯିବ। ରାୟଗଡ଼ାର ବିଜୁ ପଟ୍ଟନାୟକ ଅଡିଟରିୟମ୍‌ଠାରେ ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ସ୍ୱାମୀତ୍ୱମାନେ କୌଣସି ସମ୍ପତ୍ତି କିମ୍ବା ସାଧନ ଉପରେ ଅଧିକାର ଜାହିର କରିବା, ଅର୍ଥାତ ସଂଶାଧନ ଉପରେ ଆଇନ ଅନୁଯାୟୀ ମାଲିକାନାସ୍ୱତ୍ୱ। ଓଡ଼ିଶାରେ ୨୦୨୧ ଫେବୃଆରୀ ୫ ତାରିଖରେ ଏହି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଭାରତୀୟ ସର୍ବେକ୍ଷଣ ବିଭାଗ ସହ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୫ଟି ଜିଲ୍ଲା ଯଥା ରାୟଗଡ଼ା, ଝାରସୁଗୁଡ଼ା, ଗଜପତି, ଢେଙ୍କାନାଳ ଏବଂ ନବରଙ୍ଗପୁରର ମୋଟ ୩,୦୩୯ଟି ଗ୍ରାମରେ ସର୍ଭେ ଚାଲୁଛି। ତନ୍ମଧ୍ୟରୁ ୨,୭୨୧ଟି ଗ୍ରାମରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ବର୍ତ୍ତମାନ ସୁଦ୍ଧା ରାୟଗଡ଼ା ଜିଲ୍ଲାର ୨ ହଜାର ୪୬୨ଟି ମୌଜା ଏବଂ ୨୭୯ଟି ପଡ଼ାରେ ସର୍ଭେ ସରିଛି। ଜିଲ୍ଲାର ସମୁଦାୟ ୨ ହଜାର ୮୭୦ଜଣଙ୍କୁ ସମ୍ପତ୍ତିପତ୍ର ମଧ୍ୟ ପ୍ରଦାନ କରାଯିବ। ପରିବାରର ମହିଳାମାନଙ୍କ ନାମ ସମ୍ପତ୍ତିପତ୍ରରେ ଯୋଡ଼ାଯିବା ଯୋଗୁଁ ମହିଳା ସଶକ୍ତୀକରଣ ଦିଗରେ ଏହା ଆଉ ଏକ ମାଇଲଖୁଣ୍ଟ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସମ୍ପତ୍ତିପତ୍ରରେ ମହିଳାଙ୍କ ନାମ ଯୋଡ଼ାଯିବା ସଶକ୍ତୀକରଣର ଆଉ ଏକ ଉଦାହରଣ: ମୁଖ୍ୟମନ୍ତ୍ରୀ

ଏହି ଅବସରରେ ଏହି ଅବସରରେ ୧୦ଜଣ ହିତାଧିକାରୀଙ୍କୁ ଇ-ସମ୍ପତ୍ତି କାର୍ଡ ପ୍ରଦାନ କରାଯାଇଥିଲା। ହିତାଧିକାରୀ ଗଜେନ୍ଦ୍ର ସଙ୍ଗୀତ ପ୍ରଧାନମନ୍ତ୍ରୀଙ୍କ ସହ ବାର୍ତ୍ତାଳାପ କରିଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଧାୟକ କାଡ଼୍ରକା ଆପଲସ୍ୱାମୀ, ବିଧାୟକ ନୀଳମାଧବ ହିକକା ଓ ରାୟଗଡ଼ା ଜିଲ୍ଲାପାଳ ପାରୁଲ ପଟାୱରୀ ପ୍ରମୁଖ ଉପସ୍ଥିତ ଥିଲେ।

ହଂସିତାଙ୍କୁ ମିଳିଲାନି ଅନ୍ତରୀଣ ଜାମିନ

ତଦନ୍ତ ପାଇଁ ଅଧିକ ସମୟ ମାଗିଲା ପୁଲିସ

ଭୁବନେଶ୍ୱର,୧୮।୧(ସମିସ): ପ୍ରଭାବଶାଳୀ ଲୋକଙ୍କ ସହ ସଂପର୍କ ଥିବାର ମିଛ ପ୍ରମାଣ ଦେଖାଇ ବିଭିନ୍ନ ଉପାୟରେ ଲୋକଙ୍କଠାରୁ କୋଟି କୋଟି ଟଙ୍କା ଠକିଥିବା ଅଭିଯୋଗରେ ଗିରଫ ହୋଇଥିବା ହଂସିତା ଅଭିଲିପ୍ସାଙ୍କୁ ଅଦାଲତ ଅନ୍ତରୀଣ ଜାମିନ୍ ଦେଇ ନାହାନ୍ତି। ଅନିଲ ମହାନ୍ତି ଓ ହଂସିତାଙ୍କ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ଆସନ୍ତା ୨୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି। ସ୍ୱାମୀ ସରୋଜ ସାହୁଙ୍କ ସ୍ୱାସ୍ଥ୍ୟ ଖରାପ ଦର୍ଶାଇ ହଂସିତା ଅନ୍ତରୀଣ ଜାମିନ ଆବେଦନ କରିଥିଲେ। ହେଲେ କୋର୍ଟରେ ହଂସିତା ଦାଖଲ କରିଥିବା ଦସ୍ତାବିଜ୍‌ରେ ୨ ଜଣ ସ୍ୱାମୀ ଦର୍ଶାଇଛନ୍ତି। ତେଣୁ ହଂସିତାଙ୍କ ପ୍ରକୃତ ସ୍ୱାମୀ କିଏ, ତାହାକୁ ନେଇ ଦ୍ୱନ୍ଦ୍ୱ ବଢୁଥିବାରୁ ସମସ୍ତ ଦସ୍ତାବିଜ ଦାଖଲ ପାଇଁ ସମୟ ମଗାଯାଇଥିବା ସରକାରୀ ଓକିଲ ସଲିଲ ପ୍ରଧାନ କହିଛନ୍ତି। ସବୁଠୁ ବଡ଼କଥା ହେଲା, ହଂସିତାଙ୍କ ବିରୋଧରେ ଆଇଟିପିଏ ଆକ୍ଟର ସେକ୍ସନ ୫ ମଧ୍ୟ ଲଗାଯାଇଛି। ଯାହାକୁ ନେଇ ତଦନ୍ତର ନୂଆ ନୂଆ ଦିଗ ସାମ୍ନାକୁ ଆସୁଥିବା ବେଳେ ବଡ଼ ବଡ଼ ଲୋକଙ୍କ ଚେହେରା ଖୁବ୍‌ଶୀଘ୍ର ଜଣାପଡ଼ିବ ନେଇ ଚର୍ଚ୍ଚା ଜୋର୍ ଧରିଛି।

ତାପମାତ୍ରା
ଡିଗ୍ରୀ ସେଲ୍‌ସିୟସ

ସ୍ଥାନ	ସର୍ବୋଚ୍ଚ	ସର୍ବନିମ୍ନ
ବାଲେଶ୍ୱର	୨୭.୪	୧୩.୯
ଚାନ୍ଦବାଲି	୨୬.୪	୧୪.୪
କଟକ	୨୫.୨	୧୩.୦
ପାରାଦୀପ	୨୬.୮	୧୪.୨
ଭୁବନେଶ୍ୱର	୨୭.୩	୧୨.୩
ଗୋପାଳପୁର	୨୫.୪	୧୫.୩
ପୁରୀ	୨୭.୮	୧୬.୨
ଅନୁଗୋଳ	୨୬.୧	୧୦.୦
ବାରିପଦା	୨୬.୦	୧୩.୪
ଝାରସୁଗୁଡ଼ା	୨୮.୬	୯.୭
କେନ୍ଦୁଝରଗଡ଼	୨୫.୪	୧୧.୨
ସମ୍ବଲପୁର	୨୯.୧	୧୩.୪
ସୁନ୍ଦରଗଡ଼	୨୯.୪

ଘେଁସ ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା

ଘେଁସ,୧୮ । ୧(ସମିସ): ଘେଁସ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ସଡ଼କ ସୁରକ୍ଷା ସଚେତନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ସକାଳ ୧୦ଟାରୁ ଆରମ୍ଭ ହୋଇଥିଲା । ପ୍ରଥମେ ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ସଚେତନ ରାଲିରେ ଯାଇ ସ୍ଲୋଗାନ ମାଧ୍ୟମରେ ଘେଁସ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ଏହି ଅବସରରେ ସୋହେଲା ପଦ୍ମପୁର ବିଜୁ ଏକ୍ସପ୍ରେସ ୱେ ରେ ହେଲମେଟ୍ ଏବଂ ସିଟ ବେଲ୍ଟ ଯାଞ୍ଚ କରିଥିଲେ । ଯେଉଁ ଲୋକମାନେ ହେଲମେଟ୍ ପିନ୍ଧିଥିଲେ ବା ସିଟ ବେଲ୍ଟ ଲଗାଇଥିଲେ, ସେମାନଙ୍କୁ ଗୋଲାପ ଫୁଲ ଦେଇ ସମ୍ମାନ ଜଣାଇଥିଲେ ଏବଂ ଯେଉଁମାନେ ହେଲମେଟ୍ ପିନ୍ଧିନଥିଲେ, ସେମାନଙ୍କୁ କତା ବିଶିଷ୍ଟ ନଡ଼ିଆ ଏବଂ କତା ବିହୀନ ନଡ଼ିଆ ପ୍ରଦର୍ଶନ କରି ଏହା ମାଧ୍ୟମରେ ସଚେତନ କରାଇଥିଲେ । ତା'ପରେ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ସଡ଼କ ସୁରକ୍ଷା ଉପରେ ଏକ ସର୍ଟ ଫିଲ୍ମ ଦେଖିଥିଲେ । ଗ୍ରନ୍ଥଗାରିକ ଶ୍ୟାମବନ୍ଧୁ ବେହେରା ସଡ଼କ ସୁରକ୍ଷାର ଗୁରୁତ୍ୱ ଏବଂ ସଚେତନତାର ଆବଶ୍ୟକତା ଉପରେ ବକ୍ତବ୍ୟ ରଖିଥିଲେ । ଯୁବ ରେଡକ୍ରସ୍ କାଉନସେଲର ସଡ଼କରେ ଥିବା ବିଭିନ୍ନ ଚିହ୍ନ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ ।

ଭେଡ଼େନ ବ୍ଲକ୍ ଗସ୍ତରେ ରାଜ୍ୟ ଖାଦ୍ୟ ନିଗମ ସଦସ୍ୟା

ସ୍କୁଲ, ଅଙ୍ଗନବାଡ଼ିରେ ଯାଞ୍ଚ କଲେ ଖାଦ୍ୟର ମାନ

ଭେଡେନ,୧୮ ।୧(ସମିସ):

ଓଡ଼ିଶା ରାଜ୍ୟ ଖାଦ୍ୟ ନିଗମ ସଦସ୍ୟା ପ୍ରେମଶିଳା କେରକେଟା ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଗସ୍ତରେ ଆସି ଭେଡେନ ବ୍ଲକ ସ୍ଥିତ ନିଧେନପାଲି ସ୍କୁଲ, ବାଞ୍ଛିପାଲି ସ୍କୁଲ, ସୁନାଲରମ୍ଭା ସେବା ଶ୍ରମ ଓ ଅଙ୍ଗନବାଡ଼ି କେନ୍ଦ୍ର ସହିତ ଭେଡେନ ପଞ୍ଚାୟତ ବାଳିକା ବିଦ୍ୟାଳୟ ଏସି/ ଏସଟି ହଷ୍ଟେଲକୁ ପରିଦର୍ଶନରେ ଯାଇ ଶିଶୁମାନଙ୍କୁ ଦିଆଯାଉଥିବା ଖାଦ୍ୟର ମାନକୁ ଯାଞ୍ଚ କରିଥିଲେ । ଏହା ସହିତ ଭେଡେନ

ବ୍ଲକରେ ଛତୁଆ ତିଆରି ହୋଉଥିବା ମହାଲକ୍ଷ୍ମୀ କେନ୍ଦ୍ର ପପଙ୍ଗାକୁ ଯାଇ ଛତୁଆର ମାନ ଓ ଓଜନ ଯାଞ୍ଚ କରି ଠିକ ଭାବରେ କାର୍ଯ୍ୟ କରିବା ସହିତ ଖାଦ୍ୟ ନିରାପତ୍ତା ଓ ପାଶନ ତତ୍ତ୍ୱ ଉପରେ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ଏହି ଗସ୍ତ ସମୟରେ ଅଙ୍ଗନବାଡ଼ି ସୁପର ଭାଇଜର ଭୁଏ, ଜ୍ୟୋତି ହିଅସ, ପ୍ରିୟମ୍ବଦା ଦାଶ, ବୀଣାପାଣି ମାଝିଙ୍କ ସମେତ ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ । ପରେ ଭେଡେନ ବିଡିଓ ତ୍ରିପୁର ମହାନନ୍ଦଙ୍କ ସହିତ ଅଧିକାରୀ ସମସ୍ତ ବିଷୟରେ ଆଲୋଚନା କରିଥିଲେ ।

● ଭୁବନେଶ୍ୱରପୁର ବିଶ୍ୱ ଭାରତୀୟ କ୍ରିକେଟ କପ୍ ଉଦଘାଟିତ

ଯୋଗେନ୍ଦ୍ରପୁରକୁ ହରାଇ ସେମିରେ ଛିନପାଣି

ମାଣ୍ଡୋସିଲ,୧୮ ।୧(ସମିସ): ପାଇକମାଳ ବ୍ଲକ ଭୁବନେଶ୍ୱରପୁର ଗ୍ରାମରେ ଚାଲିଥିବା ୨୭ ତମ ବିଶ୍ୱ ଭାରତୀୟ କ୍ରିକେଟ କପ୍ ଉଦଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଯୁବ ଇଞ୍ଜିନିୟର ଦେବାଶିଷ ସାହୁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଛିନପାଣି(କ) ଓ ଯୋଗେନ୍ଦ୍ରପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ଛିନପାଣି ବିଜୟୀ ହୋଇ ସେମିଫାଇନାଲ ପ୍ରବେଶ କରିଛି । କ୍ଲବର ଅଶୋକ ବରିହା, ଲମ୍ବୋଦର ପଟେଲ, ବିଦ୍ୟାଧର ବରିହା, ଧନୀ ହାତୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ଅତାବିରା ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ

ଅତାବିରା,୧୮ । ୧(ସମିସ): ଅତାବିରା ମହାବିଦ୍ୟାଳୟ ତରଫରୁ ଜାତୀୟ ଯୁବ ଦିବସ ପାଳନ କରାଯାଇଛି । ଉକ୍ତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପଧାନ ସଭାପତିତ୍ୱ କରିଥିଲେ ଓ ଯୁବ ଗୋଷ୍ଠୀଙ୍କୁ ବିବେକାନନ୍ଦଙ୍କ ବାଣୀ ଏବଂ ଚରିତ୍ର ଗଠନରେ ମୂଳମନ୍ତ୍ର ଉପରେ ଆଲୋକପାତ କରିଥିଲେ । ଉକ୍ତ ସଭାରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ଅଧ୍ୟାପକ ପରମାନନ୍ଦ ରଥ ସଂଯୋଜନା କରିଥିଲେ ଏବଂ ଯୁବଗୋଷ୍ଠୀ ସଦାଚାର ଏବଂ ନିଜକୁ ଆତ୍ମ ସମୀକ୍ଷା କରିବାର ସମୟ ଆସିଛି ବୋଲି କହିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ଯୋଗ୍ୟ ବିବେଚିତ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା । ସଭାରେ ଅଧ୍ୟାପିକା ସନ୍ଧ୍ୟାରାଣୀ ଜେନା,ଗିରିଜା ବରିହା,ଗାୟତ୍ରୀ ପାଣ୍ଡିୟା ମଞ୍ଚାସୀନ ଥିଲେ । ପରିଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ବିଜେପୁରରେ କ୍ଲଷ୍ଟରସ୍ତରୀୟ ବୈଠକ

ବିଜେପୁର, ୧୮।୧(ସମିସ): ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ଜାରିଂ କ୍ଲଷ୍ଟରର ଲେମଧର ସେବାଶ୍ରମ ବିଦ୍ୟାଳୟରେ ଅଷ୍ଟମ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ସିଆରସିସି ରାଜେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ସ୍କୁଲର ପ୍ରଧାନଶିକ୍ଷକ ଅଶୋକ କୁମାର ସ୍ୱାଇଁ,

ମାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ପୁରୀ, ଜାରିଂ ନୋଡାଲର ପ୍ରଧାନ ଶିକ୍ଷକ ଭାଦ୍ରବ ପାଣ୍ଡେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ଶିକ୍ଷକ ବାସୁଦେବ ସାହୁ ଭକ୍ତି ସଂଗୀତ ପରିବେଷଣ କରିଥିଲେ । ପରେ ଜାନୁୟାରୀ ମାସର ଶୈକ୍ଷିକ କ୍ୟାଲେଣ୍ଡର,ପାଠ ପଢ଼ା ସଂପର୍କରେ ବିଶଦ ଆଲୋଚନା ହୋଇଥିଲା । ଭାଷା ଓ ଗଣିତ ଶିକ୍ଷଣ ଆନନ୍ଦଦାୟକ ପରିଶେଷରେ ଶିକ୍ଷା ଦେଲେ ଏହା ଦୀର୍ଘ ସ୍ଥାୟୀ ହୋଇ ପାରିବ ବୋଲି ଆଲୋଚନା ହୋଇଥିଲା । ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା । ଦଶଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଏଫ୍ ଏଲ ଏନ୍ ଶିକ୍ଷକ ଶିକ୍ଷୟିତ୍ରୀ ବୈଠକରେ ସାମିଲ୍ ହେଇଥିଲେ । ନମିତା ବେହେରା,ଟିକେଶ୍ୱରୀ ସେଠ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସିଆରସିସି ଦୁର୍ବାଦଳ ବଡ଼ଗୋଛିଆଙ୍କ ତତ୍ତ୍ୱାବଧାନରେ ବଡ଼ବାଉଁଶେନ କ୍ଲଷ୍ଟରର କୁର୍କୁଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ, ସିଆରସିସି ପ୍ରଭାତ ରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଟିଗଣ୍ଡପାଲି କ୍ଲଷ୍ଟରର ଗୁଡିମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ସେହିପରି ଅବଶିଷ୍ଟ ନଅଟି କ୍ଲଷ୍ଟରରେ ଅଷ୍ଟମ ମାସିକ କ୍ଲଷ୍ଟର ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଗାଇସିଲେଟ, ୧୮।୧(ସମିସ): ଗାଇସିଲେଟ ବ୍ଲକ ଅନ୍ତର୍ଗତ କୁଣ୍ଡାଖାଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ସମ୍ବର୍ଦ୍ଧନା ସମାରୋହ ଅୟୋଜିତ ହୋଇଛି । ସମାରୋହରେ ପ୍ରଧାନଶିକ୍ଷକ ବଳରାମ ସାହାଣୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ରାମଲାଲ ବରିହା ଓ ସମ୍ମାନିତ ଅତିଥି ତଥା ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ପଧାନଙ୍କର ଉପସ୍ଥିତି ଉତ୍ସବକୁ ଆହୁରି ଗୌରବାନ୍ୱିତ କରିଥିଲା । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ପଧାନଙ୍କ ବିଦ୍ୟାଳୟ ପ୍ରତି ନିରନ୍ତର ନିଃସ୍ୱାର୍ଥ ସେବା ଓ ଉତ୍ସର୍ଗୀକୃତ ମନୋଭାବକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଚ୍ଚ ପ୍ରଶଂସା କରିଥିଲେ । ସମାରୋହରେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଡିଲେଶ୍ୱର କୁମ୍ଭାର, ପ୍ରିନ୍ସ ପଧାନ ଓ ସମନ୍ୱିତା ପଧାନଙ୍କୁ, ତଥା ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଆର୍ଯ୍ୟନ ବରଣ ରାୟ, ହେମାନନ୍ଦ ପଧାନ ଓ ବିଦ୍ୟାଞ୍ଜଳି ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ବର୍ଦ୍ଧିତ ଭତ୍ତା ବାଣ୍ଟିଲେ ସରପଞ୍ଚ

ଗୁଦେରପାଲି,୧୮।୧(ସମିସ): ରାଜ୍ୟ ସରକାରଙ୍କ ନିର୍ବାଚନ ପ୍ରତିଶ୍ରୁତି ପାଳନ କରିବା ପରେ ନୂତନ ବର୍ଷର ଚଳିତ ମାସରୁ ନୂତନ ବର୍ଦ୍ଧିତ ଭତ୍ତା ହିତାଧିକାରୀଙ୍କୁ ଦେଇଛନ୍ତି । ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ଓ ୮୦ ପ୍ରତିଶତ ଦିବ୍ୟାଙ୍ଗ ମହିଳା ଓ ପୁରୁଷମାନଙ୍କୁ ସରକାର ୩୫ ଶହ ଟଙ୍କା ପ୍ରଦାନ କରୁଥିବାରୁ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୁଦେରପାଲି ଗ୍ରାମପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର ପାତ୍ର ତାଙ୍କ ପଞ୍ଚାୟତର ରେଙ୍ଗାଲପାଲି,ଜାମୁଟପାଲି, ଗୁଦେରପାଲି ଆଦି ଗାଁର ଘର ଘର ଯାଇ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରୁଛନ୍ତି ।

ମନ୍ଦିର ପ୍ରତିଷ୍ଠା ପାଇଁ କଳାକାର ବରଣ

ବରଗଡ଼,୧୮ । ୧(ସମିସ): ବରଗଡ଼ ବ୍ଲକ ଅନ୍ତର୍ଗତ ବର୍ ଡୋଲ ପଞ୍ଚାୟତ ପଧାନ ଟିକିରା ଡାଙ୍ଗ ଗ୍ରାମରେ ଆସନ୍ତା ଫେବୃୟାରୀ ୩ ତାରିଖ ରୁ ୭ ତାରିଖ ପାଞ୍ଚ ଦିନ ଧରି ମା' ବୃଶୁଣ୍ଡ ପାଟ ମନ୍ଦିର, ହନୁମାନ ମନ୍ଦିର ଏବଂ ଶିବଲିଙ୍ଗ ପ୍ରତିଷ୍ଠା ଉତ୍ସବ ଓ ଜଳନ୍ଧର ମହାରାଜା ଦରବାର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ମହାରାଜା ଭୂମିକାରେ ଅଭିନୟ କରିବା ପାଇଁ ବରଗଡ଼ ଜିଲ୍ଲା ବରପାଲି ବ୍ଲକ ବନ୍ଧପାଲି ଗ୍ରାମର ବରିଷ୍ଠ କଳାକାର ରମେଶ ଚନ୍ଦ୍ର ମେହେରଙ୍କୁ ପୁଷ୍ପମାଲ୍ୟ ଶ୍ରୀଫଳ ଓ ଉପଢୌକନ ଦେଇ ବରଣ କରାଯାଇଛି । କାର୍ଯ୍ୟକ୍ରମରେ ମନ୍ଦିର କମିଟିର ପ୍ରତାପ ପଧାନ,ନାରାୟଣ ପଧାନ,ସୁବାସ ପଧାନ,ପ୍ରମୋଦ ପଧାନ,ରୋସନ ପଧାନ,ପ୍ରଶାନ୍ତ ପଧାନ,ରାଜକୁମାର ବନଛୋର ଏବଂ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

ଗନ୍ଧମାର୍ଦ୍ଦନ ପାହାଡ଼ ସୁରକ୍ଷା ଚିନ୍ତା

ଜୟ କିଷାନ ଆନ୍ଦୋଳନର ବାଇକ୍ ଶୋଭାଯାତ୍ରା

ବରଗଡ,୧୮ । ୧(ସମିସ): ବରଗଡ଼ ଗାନ୍ଧୀ ଛକଠାରୁ ଗନ୍ଧମାର୍ଦ୍ଦନ ସୁରକ୍ଷା ପ୍ରସଙ୍ଗକୁ ନେଇ ଜୟ କିଷାନ ଆନ୍ଦୋଳନ ତରଫରୁ ଏକ ମୋଟର୍ ସାଇକଲ ଯାତ୍ରା ନୃସିଂହନାଥ-ହରିଶଙ୍କର ପର୍ଯ୍ୟନ୍ତ ଆରମ୍ଭ ହୋଇଯାଇଛି । ୧୯ ଜାନୁଆରୀରେ ଖପରାଖୋଲ ହରିଶଙ୍କର ଠାରେ ଏକ ଜନ ସମାବେଶରେ ଏହି ଦଳ ଯୋଗଦେବା ପାଇଁ ସ୍ଥିର ହୋଇଛି । ତେବେ ଆଜି ବରଗଡ଼ ଗାନ୍ଧୀଛକରୁ ଏହି ଯାତ୍ରା ବାହାରିଛି ॥ ଅଦାନୀ କମ୍ପାନୀ ଗନ୍ଧମାର୍ଦ୍ଦନ ଉପରେ ଲୋଲୁପ ଦୃଷ୍ଟି ଦେଉଥିବା ବେଳେ ଗନ୍ଧମାର୍ଦ୍ଦନ

ଅଞ୍ଚଳରେ ପ୍ରାୟ ୧୫୦ ଏକର ଜମି କିଣିଛି । ତେବେ ପୂର୍ବରୁ ଗନ୍ଧମାର୍ଦ୍ଦନ ଉପରେ ଖଣି ଖନନକୁ ବିରୋଧ କରି ଚାଷୀ ସଂଗଠନ ମଧ୍ୟ ଆନ୍ଦୋଳନରେ ସାମିଲ ହୋଇଥିଲା । ତେବେ ପୁଣି ଗନ୍ଧମାର୍ଦ୍ଦନ ଉପରେ ଆଦାନୀ କମ୍ପାନୀର ଲୋଲୁପ ଦୃଷ୍ଟି ଥିବା ବେଳେ ଆଜି ମୋଟର ସାଇକଲ ର୍ଯ୍ୟାଲି ଅନୁଷ୍ଠିତ କରାଯାଇଛି । ହର ବଣିଆ, ଲିଙ୍ଗରାଜ ପ୍ରମୁଖ ଚାଷୀ ନେତାଙ୍କ ନେତୃତ୍ୱରେ ଏବେ ବାଇକ୍ ର୍ୟାଲି ହୋଇଛି ।

ଶିକ୍ଷକ ମୁକ୍ତେଶ୍ୱର ସାଗରଙ୍କୁ ଝୁରୁଛି ପାଇକମାଳ

ପାଇକମାଳ, ୧୮।୧ (ସମିସ) : ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ମୁକ୍ତେଶ୍ୱର ସାଗରଙ୍କ ୮୨ ବର୍ଷ ବୟସରେ ଶନିବାର ପାଇକମାଳ ସ୍ଥିତ ନିଜ ବାସଭବନରେ ଶନିବାର ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ସାରା ପାଇକମାଳ ଝୁରୁଛି । ସେ ୧୯୬୦ ମସିହାରେ ପ୍ରତିଷ୍ଠିତ ପାଇକମାଳ ହାଇସ୍କୁଲର ପ୍ରଥମ ମାଟ୍ରିକ ବ୍ୟାଚ-୧୯୬୩ର ଛାତ୍ର ମୁକ୍ତେଶ୍ୱର ସର୍ବୋଚ୍ଚ ନମ୍ବର ରଖି ମାଟ୍ରିକ ପରୀକ୍ଷାରେ କୃତକାର୍ଯ୍ୟ ହେବା ସହିତ ବିଦ୍ୟାଳୟର ପ୍ରଥମ ମାଟ୍ରିକ ଟପ୍ପର ହୋଇ ଗୌରବ ଆଣିଥିଲେ । ଆଇଏସସି ପାସ କଲା ପରେ ୧୯୬୫ ଜୁଲାଇ ୨୪ ତାରିଖରେ ସେ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବରେ ଯୋଗଦାନ କଲେ । ଏହାପରେ ପରବର୍ତ୍ତୀ ସମୟରେ ବିଏ

ଏବଂ ବିଇଡି ଡିଗ୍ରୀ ହାସଲ କରିଥିଲେ । ୧୯୯୬ ନଭେମ୍ବର ୩୦ ତାରିଖରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ସୁରେଶ୍ୱର ପାଣିଗ୍ରାହୀଙ୍କ ଅବସର ଗ୍ରହଣ ପରେ ମୁକ୍ତେଶ୍ୱର ବାବୁ ଭାରପ୍ରାପ୍ତ ଶିକ୍ଷକ ଦାୟିତ୍ୱ ବହନ କରି ୨୦୦୦ ଏପ୍ରିଲ ମାସରେ ଅବସର ଗ୍ରହଣ କଲେ । ତାଙ୍କର ବିୟୋଗରେ ପାଇକମାଳ ଅଞ୍ଚଳରେ ଶୋକର ଛାୟା ଖେଳି ଯିବା ସହିତ ତାଙ୍କର ପ୍ରିୟ ଛାତ୍ର ଛାତ୍ରୀଗଣ ବିଶେଷ ଭାବରେ ମର୍ମାହତ ହୋଇପଡିଛନ୍ତି ।

ନବୋଦୟ ପରୀକ୍ଷାରୁ ୭ ଛାତ୍ରଛାତ୍ରୀ ବଞ୍ଚିତ

ଭେଡେନ,୧୮ ।୧(ସମିସ): ଭେଡେନ ବ୍ଲକ ବକଟି ପଞ୍ଚାୟତ ବୁର୍ଦ୍ଧା ପ୍ରାଥମିକ ବିଦ୍ୟାଳୟର ୭ ଜଣ ମେଧାବୀ ଛାତ୍ରଛାତ୍ରୀ ପଞ୍ଚମ ଶ୍ରେଣୀ ନବୋଦୟ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି । ସେମାନେ ହେଲେ ପ୍ରତୀକ ମହାନନ୍ଦ, ପ୍ରଭାସ ପ୍ରଭଞ୍ଜନ ଗଡୁଆ, ସୌମ୍ୟା ମଲ୍ଲିକ, ଅମୃତା ମହାରଣା,କଲ୍ୟାଣୀ ସାହୁ ,ଆଦ୍ୟା କୁମ୍ଭାର । ପ୍ରଧାନ ଶିକ୍ଷକଙ୍କ ଅବହେଳା ଯୋଗୁଁ ଏହା ହୋଇଥିବା ଅଭିଯୋଗ କରି ସଂପୃକ୍ତ ଛାତ୍ରଛାତ୍ରୀଙ୍କ ଅଭିବାବକମାନେ ବିଇଓ କାର୍ଯ୍ୟାଳୟ ଯାଇ ଲିଖିତ ଆକାରରେ ଜଣାଇଛନ୍ତି । ଅଭିଯୋଗ ଅନୁସାରେ ଉକ୍ତ ଛାତ୍ରଛାତ୍ରୀ ପରୀକ୍ଷା ଦେବା ପାଇଁ ୪ ମାସ ଆଗରୁ ସମସ୍ତ କାଗଜ ପତ୍ର ଦେବା ସହ ଆବଶ୍ୟକ ଫିଜ ମଧ୍ୟ ପ୍ରଦାନ କରିଥିଲେ । ହେଲେ ଆଜି ଭେଡେନରେ ପରୀକ୍ଷା ଥିବାରୁ ଛାତ୍ର ଛାତ୍ରୀମାନେ ପ୍ରଧାନଶିକ୍ଷକଙ୍କ ସହାୟତାରେ ସେଠାକୁ ଯାଇଥିଲେ । ହେଲେ ପରୀକ୍ଷା କେନ୍ଦ୍ରରେ ତାଙ୍କ ନାମ ନଥିବାରୁ ଫେରିଆସି କାନ୍ଦୁଥିଲେ । ପରେ ପୁଣି ଶିକ୍ଷକ ବଞ୍ଚିତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ବୁଝାଇ ସେମାନଙ୍କୁ ଭେଡେନରେ ବୁଲାଇ ଘରକୁ ଆଣିଥିଲେ । ହେଲେ ଛାତ୍ରଛାତ୍ରୀ ପରୀକ୍ଷା ଦେବାରୁ ବଞ୍ଚିତ ହେବାରୁ ଅବିଭାବକ ମଧ୍ୟରେ ଉତ୍ତେଜନା ହୋଇ ପ୍ରଧାନଶିକ୍ଷକ ଚୂଡ଼ାମଣି ବିଶ୍ୱାଳଙ୍କୁ ଘେରିଥିଲେ ଓ ପ୍ରଧାନଶିକ୍ଷକ ନିଜ ଭୁଲ ସ୍ୱୀକାର କରିଥିଲେ ।

● ନିଷ୍ଠା ପରିବାରର ରେଡ୍ ଡ୍ରପ୍ ମାରାଥନ

୩୨ ୟୁନିଟ୍ ରକ୍ତ ସଂଗୃହୀତ

ବରଗଡ଼,୧୮ ।୧(ସମିସ): ବରଗଡ଼ ବ୍ଲକ ଅଡ଼ଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ସହଁରା ପାଲି ଗାଁରେ ଶ୍ରୀ ଶ୍ରୀ ହନୁମାନ ମନ୍ଦିର ଓ ମାଁ କଖିଲିଏନ ଦେବୀଙ୍କ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅବସରରେ ନିଷ୍ଠା ପରିବାରର ରେଡ୍ ଡ୍ରପ୍ ମାରାଥନର ଅଠର ଦିନରେ ଏକ ସ୍ୱଚ୍ଛୋକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଶିବିରକୁ ସହଁରା ପାଲି ଗାଁର ରାଜକୁମାର ସାହୁ ଅତିଥି ଭାବରେ ଯୋଗଦେଇ ଫିତାକାଟି ଶିବିରର ଶୁଭାରମ୍ଭ କରିଥିଲେ । ଯାତ୍ରା ଦେଖି ଆସୁଥିବା ଲୋକମାନେ ବେଶ୍ ଉତ୍ସାହର ସହିତ ରକ୍ତଦାନ କରିଥିଲେ । ଏହି ଶିବିରରୁ ସର୍ବମୋଟ ୩୨ ୟୁନିଟ୍ ରକ୍ତ ବରଗଡ଼ ରକ୍ତଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା । ଏହି ଶିବିରକୁ ମନ୍ଦିର ପ୍ରତିଷ୍ଠା କମିଟିର ସଦସ୍ୟ ଓ ନିଷ୍ଠା ପରିବାରର ସମସ୍ତ ସଦସ୍ୟ ସଦସ୍ୟା ସୁପରିଚାଳନା କରିଥିଲେ ।

ଏନଟିପିସି NTPC — **ଏନ ଟି ପି ସି ଲିମିଟେଡ**
(ଭାରତ ସରକାରଙ୍କ ଉଦ୍ୟମ)

ନୋଟିସ୍

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, କୋଲ-୩, ଷ୍ଟୋପ ଜଙ୍କ୍ସେନ୍, ୭-ଇନ୍ଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଇପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୩ (୫୦୦ ମେଗାୱାଟ୍)ର ତାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀଙ୍କ ସମ୍ମୁଖରେ ଆବେଦନ କରିଅଛନ୍ତି ।

୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:
କ) ପଶ୍ଚିମବଙ୍ଗ ବିଦ୍ୟୁତ ବିତରଣ କମ୍ପାନୀ ଲିମିଟେଡ୍, ବିଦ୍ୟୁତ ଭବନ, ବ୍ଲକ୍-ଡିଜେ, ସେକ୍ଟର-II, ସଲ୍ଟ ଲେକ୍ ସିଟି, କୋଲକାତା - ୭୦୦୦୯୧
ଖ) ବିହାର ରାଜ୍ୟ ବିଦ୍ୟୁତ ଧାରଣ କମ୍ପାନୀ ଲିମିଟେଡ୍ (ପୂର୍ବରୁ ବିହାର ରାଜ୍ୟ ବିଦ୍ୟୁତ ବ

■ ସମ୍ବଲପୁର ପୁସ୍ତକ ମେଳାର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁରକୁ ସାରସ୍ୱତ ନଗରୀରେ ପରିଚିତ କରାଇବ ଏହି ମେଳା

ସମ୍ବଲପୁର, ୧୮।୧(ସମିସ): ସମ୍ବଲପୁର ପୁସ୍ତକ ମେଳା' ସମ୍ବଲପୁରକୁ ସାରସ୍ୱତ ନଗରୀରେ ପରିଚିତ କରାଇବାରେ ଏକ ପ୍ରମୁଖ ମାଧ୍ୟମ ହେବ ବୋଲି ଶନିବାର 'ସମ୍ବଲପୁର ପୁସ୍ତକ ମେଳା - ୨୦୨୫'କୁ

ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନ୍ୟାସନାଲ ବୁକ୍‌ଟ୍ରଷ୍ଟ, ସେତୁ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ପୁସ୍ତକ ମେଳାରେ ଶ୍ରୀ ପ୍ରଧାନ ନିଜର ଗୁରୁ ତଥା ପ୍ରଫେସର ସ୍ୱର୍ଗତ ସୁଦର୍ଶନ ପୂଜାରୀଙ୍କ ଲିଖିତ 'ଆମ ସଂସ୍କୃତି ଭବ ବିଭବ' ପୁସ୍ତକ ଉନ୍ମୋଚନ କରିଥିଲେ। ସେହିପରି ଦୀପକ କୁମାର ପଣ୍ଡାଙ୍କ ଲିଖିତ 'ସମ୍ବଲପୁର ଇତିହାସ' ଓ ଡ. ଦ୍ୱାରିକା ନାଥ ନାଏକ 'ଲୋକ ସଂସ୍କୃତିର ଉତ୍ସ ଓ ପ୍ରକାଶ' ପୁସ୍ତକ ଲୋକାର୍ପିତ କରି ଖୁସିବ୍ୟକ୍ତ କରିଥିଲେ। ଏହାବ୍ୟତୀତ ସମ୍ବଲପୁର ଜିଲ୍ଲାର ସବୁ ସ୍କୁଲରୁ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ୧୮ ରୁ ୨୬ ଜାନୁଆରୀ ପର୍ଯ୍ୟନ୍ତ ନଅ ଦିନ ବ୍ୟାପୀ ହେବାକୁ ଥିବା ଏହି ପୁସ୍ତକମେଳା ବୁଲିବା ସହ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ପାଇଁ ପରାମର୍ଶ ଦେଇଥିଲେ।

ତିନୋଟି ପୁସ୍ତକ ଉନ୍ମୋଚିତ

ମା'ସମଲେଶ୍ୱରୀଙ୍କ ଆଶୀର୍ବାଦରେ ଗଢି ଉଠିଥିବା ସମ୍ବଲପୁର କଳା, ସଂସ୍କୃତି, ପରମ୍ପରା, ସଙ୍ଗୀତ, ସାହିତ୍ୟ, ନୃତ୍ୟ, ବାଣିଜ୍ୟ, ବ୍ୟବସାୟ ଏବଂ ପର୍ଯ୍ୟଟନର ଏକ ପ୍ରମୁଖ କେନ୍ଦ୍ରସ୍ଥଳ। ପଢ଼ା ଲେଖା ଓ ଅଭିବ୍ୟକ୍ତିର ଏକ ମହାନ ପରମ୍ପରା, ଯାହାର ଜ୍ୱଳନ୍ତ ପ୍ରତିଫଳନ ଆଜିର ପୁସ୍ତକ ମେଳା। ପାରମ୍ପରିକ ଭାବେ ଜ୍ଞାନ ଆହରଣ ଓ ଅଧ୍ୟୟନର କେନ୍ଦ୍ର ରହିଆସିଥିବା ସମ୍ବଲପୁର ମାଟିରେ ପ୍ରତିବର୍ଷ ଏଭଳି ପୁସ୍ତକ ମେଳାର ଆୟୋଜନ ନିଶ୍ଚିତ ଭାବେ ଏକ ପ୍ରଶଂସନୀୟ ଉଦ୍ୟମ। ଆଗାମୀ ଦିନରେ ଏହି ପୁସ୍ତକ ମେଳା ସମ୍ବଲପୁରକୁ ବୈଶ୍ୱିକସ୍ତରରେ ନୂଆ ପରିଚୟ ଦେବ। କୁଦୋପାଲି ଘାଟିରେ ସହିଦ ହୋଇଥିବା ବୀର ଛବିଳ ସାଏ ତଥା ୫୭ ଜଣ ଶହୀଦଙ୍କ ଇତିହାସକୁ ନେଇ ଲିଖିତ 'ଦି ସାଗା ଅଫ୍ କୁଦୋପାଲି : ଦ ଅନସଙ୍ଗ୍ ଷ୍ଟୋରି ଅଫ୍ ୧୮୫୭' ଇଂରାଜୀ ପୁସ୍ତକ ସମ୍ବଲପୁରର ବୀରତ୍ୱ ଓ ସଂଘର୍ଷ କଥାକୁ ବିଶ୍ୱବିଦିତ କରାଇବାରେ ସହାୟକ ହେବ। ହୀରାକୁଦ ନଦୀବନ୍ଧ ହେଉ କିମ୍ବା ସାରସ୍ୱତ କୃତତ୍ୱ ଅବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଲିଖିତ ସଙ୍ଗୀତ; ସମ୍ବଲପୁରର ମୁଳ ପୁଞ୍ଜି ଓ ବିଚାରଧାରାକୁ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରକୁ ନେବା ପାଇଁ ଏକ ଭଲ ସୁଯୋଗ ଆମ ପାଖରେ ଉପନୀତ ହୋଇଛି। ଏହି ଅବସରରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ବିଧାୟକ ରେଢ଼ାଖୋଲ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ବିଧାୟକ ରେଙ୍ଗାଲି ସୁଦର୍ଶନ ହରିପାଲ, ପୂର୍ବତନ ବିଧାୟକ ନାଉରୀ ନାଏକ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଆଇ.ଜି ପୁଲିସ ହିମାଂଶୁ କୁମାର ଲାଲ, ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍‌ପି ମୁକେଶ କୁମାର ଭାମୂ, ଏସ୍‌ଏମ୍‌ସି କମିଶନର ବେଦ ଭୂଷଣ, ସଭାପତି ସେତୁ ମିନକେତନ ପାତି, ଏନ୍‌ବିଟି ନିର୍ଦ୍ଦେଶକ ଯୁବରାଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

ସମଲେଇ ମନ୍ଦିରରେ ପୁନଃଆରମ୍ଭ ହେଲା ଭୋଗ ମଣ୍ଡପ

'ମା'ଙ୍କ ଦର୍ଶନ ଲାଭ କରିବା ମୋର ସୌଭାଗ୍ୟ'

ସମ୍ବଲପୁର, ୧୮।୧(ସମିସ)

ମା' ସମଲେଶ୍ୱରୀଙ୍କ ମନ୍ଦିରରେ ପୁନଃ ଭୋଗ ସେବା ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ଘାଟନ କରିଥିଲେ। ଏଣିକି ଶ୍ରଦ୍ଧାଳୁଙ୍କୁ ସବୁଦିନ ପ୍ରସାଦ ମିଳିବ ବୋଲି ସୂଚନା ରହିଛି। ମା' ସମଲେଶ୍ୱରୀଙ୍କ ପୀଠ ଆମ ଆସ୍ଥା ଓ ବିଶ୍ୱାସର ଅନନ୍ୟ କେନ୍ଦ୍ର। ସମଲେଶ୍ୱରୀ ମନ୍ଦିରରେ ପରିଚାଳନା ବ୍ୟବସ୍ଥା ତରଫରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ପୁନଃ ପ୍ରଚଳନ ହୋଇଛି। ଏହି ଅବସରରରେ ମା'ଙ୍କ ଦର୍ଶନ ଲାଭ କରିବା ସହ ପ୍ରସାଦ ସେବନ କରିବା ମୋର ସୌଭାଗ୍ୟ ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ସମ୍ବଲପୁରର ପୁରୁଣା ଅଯୋଧ୍ୟା ସାଗର ବନ୍ଧକୁ 'ରିଭରଫ୍ରଣ୍ଟ ଡେଭଲ୍‌ପମେଣ୍ଟ ପ୍ରୋଜେକ୍ଟ' ଅଧୀନରେ ବିକଶିତ କରିବାର କଳ୍ପନା କରାଯାଇଛି। ହୀରାକୁଦ ବନ୍ଧର ନବୀକରଣ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ସମ୍ବଲପୁର ଜୟ ନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ, ସଞ୍ଜୟ ବାବୁ, ପ୍ରଫୁଲ୍ଲ ହୋତା, ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲ, ରମଚନ୍ଦ୍ର ମେହେର, ଦାମୋଦର କର, ମାନସ ରଞ୍ଜନ ବକ୍ସି, ସୁଶାନ୍ତ ପୁରୋହିତ, ସମ୍ଭୁ ବରେଲିଆ, ସମୀର ରଞ୍ଜନ ବାବୁ, ଫଣିଭୂଷଣ ମିଶ୍ର, ସୁଧୀର ରଞ୍ଜନ ବହିଦାର, ମୋତିଲାଲ ତନ୍ତୀ, ଦୁଲାଲ ପ୍ରଧାନ, ରାମଦାସ ପଣ୍ଡା, ମୋହନ ଦାଶ, ସବିତା ନନ୍ଦ, ରୁନୁ ପ୍ରଧାନ, ସୀତାକାନ୍ତି ମେଶୁଆ, ଆରତୀ ବରାଡ, ପୁଷ୍ପାଞ୍ଜଳି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ସମ୍ବଲପୁରରେ ଦ୍ୱିତୀୟ ଦିନରେ ଆଇଟି ଚଢ଼ଉ

ସମ୍ବଲପୁର, ୧୮।୧(ସମିସ): ସୁପରକ୍ଲାସ କଣ୍ଟ୍ରାକ୍ଟର ବ୍ରଜ ଦାସଙ୍କ ଘରେ ଶନିବାର ମଧ୍ୟ ଆୟକର ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଶୁକ୍ରବାର ଏକକାଳୀନ ୨ଟି ସ୍ଥାନରେ ଚଢ଼ଉ ହୋଇଥିଲା। ହେଲେ ଏ ଚଢ଼ଉକୁ ସମ୍ବଲପୁରବାସୀ ନିନ୍ଦା କରିଛନ୍ତି। ବିଜେପି ରାଜନ÷ତିକ ଆକ୍ରୋଶ ରଖି ଏହି ଚଢ଼ଉ କରାଇଥିବା ଆଲୋଚନା ହେଉଛି। ଶନିବାର ସିଟିଷ୍ଟେସନ ନିକଟସ୍ଥ ଭଡ଼ା ଘରେ ଓ ନିଜର ଘର ସହ କାର୍ଯ୍ୟାଳୟରେ ଚଢ଼ଉ କରାଯାଇଛି। ବ୍ରଜ ଦାସଙ୍କ ଧନକଉଡ଼ା ସ୍ଥିତ ନିଜ ଘରେ କାମ ଚାଲୁଥିବାରୁ ସେ ଅନ୍ୟତ୍ର ଭଡ଼ାରେ ରହୁଛନ୍ତି। ସମସ୍ତ ଜାଗାରେ ଚଢ଼ଉ ପ୍ରକ୍ରିଆ ଶୁକ୍ରବାର ଠାରୁ ଚାଲୁ ରହିଛି। ଏଥିରେ ପ୍ରାୟ ୨୦ରୁ୨୨ ଜଣିଆ ଟିମ ଆସି ଏହି ସାମିଲ ରହିଛନ୍ତି। କେତେ ଟଙ୍କାର ଆୟକର ପାଙ୍କିଥିବା ସେ ଖବର ଏବେ ଯାଏଁ ମିଳି ପାରିନାହି।

କହ୍ଲେଇପାଳି ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର

କୁଚିଣ୍ଡା, ୧୮।୧(ସମିସ): ରାଜୀବଗାନ୍ଧୀ ସ୍ମାରକୀ ଆଦିବାସୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ କହ୍ଲେଇପାଳିଠାରେ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆଠ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲିଥିଲା। ମୋଟ୍ ୪୬ ଜଣ ଛାତ୍ରୀ ତାଲିମ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି କଲେଜର ପୂର୍ବତନ ଅଧ୍ୟକ୍ଷ ଅତୁଲ୍ୟ କୁମାର ମହାଖୁଡ଼ ଯୋଗଦେଇଥିଲେ। ସଭାପତିତ୍ୱ କରିଥିଲେ ଅଧ୍ୟକ୍ଷ ଡିଲେଶ୍ୱର ବେହେରା, ଶିବିର ପରିଚାଳନା କରିଥିଲେ ଦିଲୀପ କୁମାର ନାୟକ, ଅଞ୍ଜନା କିସାନ ଶିକ୍ଷାଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ କୁମାର ପଣ୍ଡା, ସୁବୋଧ ସାହୁ, ସନାତନ ବିଶୋଇ, ଫକୀର ଦଣ୍ଡିଆ ଉପସ୍ଥିତ ଥିଲେ।

ଟିପିଡବ୍ଲ୍ୟୁଓଡିଏଲ୍‌ର 'ପେ ଆଣ୍ଡ ଉଇନ୍' ସ୍କିମ୍

୧୭୧ ବିଜେତାଙ୍କ ନାମ ଘୋଷଣା

ସମ୍ବଲପୁର, ୧୮।୧(ସମିସ): ଆଜି ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଡବ୍ଲ୍ୟୁଓଡିଏଲ୍) ତରଫରୁ ଡିସେମ୍ବର ମାସ ପାଇଁ 'ପେ ଆଣ୍ଡ ଉଇନ୍ ସ୍କିମ୍' ମାଧ୍ୟମରେ ବିଜେତାମାନଙ୍କର ନାମ ଚୟନ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ କୁମାର ବର୍ମାଙ୍କ ବ୍ୟତୀତ ଅନ୍ୟାନ୍ୟ ବିଭାଗର ମୁଖ୍ୟମାନେ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ସ୍କିମ୍ ମାଧ୍ୟମରେ ସେହି ଉପଭୋକ୍ତାଙ୍କୁ କମ୍ପାନୀ ତରଫରୁ ପୁରସ୍କାର ସ୍ୱରୂପ ଏକ ଛୋଟ ଉପହାର ପ୍ରଦାନ କରାଯିବା ସହିତ ଅନ୍ୟ ଉପଭୋକ୍ତାଙ୍କୁ ମାସିକ ବିଦ୍ୟୁତ୍ ବିଲ୍ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରିବା ପାଇଁ ଉତ୍ସାହିତ କରାଯାଇଥାଏ। ପ୍ରତ୍ୟେକ ଉପଖଣ୍ଡ ପାଇଁ ୩ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଚୟନ କରାଯାଇଥାଏ ଏବଂ ସେହି ଉପଭୋକ୍ତଙ୍କୁ ପ୍ରଥମ ପୁରସ୍କାର ଭାବେ ଏକ ସ୍ମାର୍ଟ ଫୋନ୍, ଦ୍ୱିତୀୟ ପୁରସ୍କାର ଭାବେ ଏକ ସାରେଗାମା କାରମା ଏବଂ ତୃତୀୟ ପୁରସ୍କାର ଭାବେ ଏକ ସୋଲାର ଲ୍ୟାମ୍ପ ଉପହାର କରାଯାଇଥାଏ। ଚଳିତ ଡିସେମ୍ବର ମାସ ପାଇଁ ଏହି ଯୋଜନା ଅଧିନରେ ସମଗ୍ର ପଶ୍ଚିମ ଓଡ଼ିଶାରୁ ୫ ଲକ୍ଷ ୪୦ ହଜାର ୫୫୦ ଜଣ ବିଦ୍ୟୁତ୍ ଉପଭୋକ୍ତା ଯୋଗ୍ୟ ବିବେଚିତ ହୋଇଥିଲେ। ଯେଉଁମାନଙ୍କ ମଧ୍ୟରୁ ସ୍ୱୟଂ ଚାଳିତ କମ୍ପ୍ୟୁଟର ଦ୍ୱାରା ଲକି-ଡ୍ର ମାଧ୍ୟମରେ ୫୭ଟି ଉପଖଣ୍ଡରୁ ୧୭୧ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ବିଜେତା ଭାବେ ଚୟନ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମ ହେତୁ ଟିପିଡବ୍ଲ୍ୟୁଓଡିଏଲର ପ୍ରାୟ ଏକ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତା ବିଗତ ୫ ମାସ ମଧ୍ୟରେ ନିଜର ସମସ୍ତ ବକେୟା ପୈଠ କରି ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବଲାଙ୍ଗିର ମଣ୍ଡଳର ୧୧ଟି ଉପଖଣ୍ଡ ନିମନ୍ତେ ୩୩ ଜଣ ବିଜେତା, ବରଗଡ଼ ମଣ୍ଡଳର ୯ଟି ଉପଖଣ୍ଡ ନିମନ୍ତେ ୨୭ ଜଣ ବିଜେତା, କଳାହାଣ୍ଡି ମଣ୍ଡଳର ୧୦ଟି ଉପଖଣ୍ଡ ନିମନ୍ତେ ୩୦ ଜଣ ବିଜେତା, ରାଉରକେଲା ମଣ୍ଡଳର ୧୩ଟି ଉପଖଣ୍ଡ ନିମନ୍ତେ ୩୯ ଜଣ ବିଜେତା ଏବଂ ସମ୍ବଲପୁର ମଣ୍ଡଳରୁ ୧୪ଟି ଉପଖଣ୍ଡ ନିମନ୍ତେ ୪୨ ଜଣ ବିଜେତାଙ୍କ ନାମ ଘୋଷଣା ହୋଇଛି।

ଆରିୟନ ଫାଉଣ୍ଡେସନ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

ରେଢ଼ାଖୋଲ, ୧୮।୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ କିଛିଦିନ ହେଲା ହାଡ଼ଭଙ୍ଗା ଶୀତକୁ ଦୃଷ୍ଟିରେ ରଖି ରେଢ଼ାଖୋଲ ଅଞ୍ଚଳର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆରିୟନ ଫାଉଣ୍ଡେସନ ଶୀତବସ୍ତ୍ର ବଣ୍ଟନ କରିଛି। ଆକାଶ ନାୟକଙ୍କ ସହାୟତାରେ ଅନୁଷ୍ଠାନ ସଭାପତି ପପୁନ ସାମଲଙ୍କ ନେତୃତ୍ୱରେ ଶୁକ୍ରବାର ରେଢ଼ାଖୋଲ ସହରର ବିଭିନ୍ନ ସ୍ଥାନରେ ଅସହାୟ ଦୁଃଖୀ, ଗରିବ, ବୁଦ୍ଧ, ବୃଦ୍ଧା, ରୋଗୀ ମାନଙ୍କୁ ଶୀତବସ୍ତ୍ର କମ୍ବଳ ବଣ୍ଟନ କରାଯାଇଥିଲା। ସମ୍ପାଦକ ତନ୍ମୟ ସାହୁ, କୋଷାଧ୍ୟକ୍ଷ ବାପୁନ୍ ପ୍ରଧାନ, ସଚିନ କୁମାର ପ୍ରଧାନ, ସନ୍ଦୀପ ପ୍ରଧାନ (ଲିପ୍ସୁ), ସୁମନ୍ତ ସେଠୀ, ସୌମ୍ୟ ଦେହୁରୀ, ଶୁଭମ୍, ବିରଞ୍ଚି, ମନୋଜ୍ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

୨୦୩୬ ଅଲିମ୍ପିକ୍‌ରେ ଓଡ଼ିଆ ପିଲାଙ୍କ ଭାଗିଦାରୀ ବଢ଼ାଇବାକୁ ଆହ୍ୱାନ

ସମ୍ବଲପୁର, ୧୮।୧(ସମିସ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ସମ୍ବଲପୁର ବୁର୍ଲା ଠାରେ ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ବୁର୍ଲା କପ୍ ୨୦୨୫ର ପ୍ରଦର୍ଶନୀ ମ୍ୟାଚରେ ଯୋଗଦେବା ଅବସରରେ ୨୦୩୬ ଅଲିମ୍ପିକ ପାଇଁ ଓଡ଼ିଆ ପିଲାଙ୍କ ଭାଗିଦାରୀକୁ ବଢ଼ାଇବା ପାଇଁ ପ୍ରୟାସ କରିବାକୁ ଆହ୍ୱାନ କରିଛନ୍ତି। ବୁର୍ଲା ଆଥଲେଟିକ୍ ଆସୋସିଏସନ' ପକ୍ଷରୁ ଆୟୋଜିତ ଏହି ଫୁଟବଲ ପ୍ରତିଯୋଗିତା ସମାରୋହରେ ସେ କହିଛନ୍ତି ଯେ ଫୁଟବଲ ମୋର ଅତ୍ୟନ୍ତ ପ୍ରିୟ ଖେଳ। ବୁର୍ଲା, ହୀରାକୁଦ ସମେତ ସମ୍ବଲପୁରରେ ଫୁଟବଲ ଖେଳପ୍ରତି ଯୁବବର୍ଗଙ୍କ ଆଗ୍ରହ ବଢ଼ିବା ବହୁତ ସୁଖର କଥା। ଏହି ଅଞ୍ଚଳରେ ଖେଳୁଆଡ ମନୋଭାବକୁ ବଢ଼ାଇବା ଦିଗରେ ଏହି ପ୍ରତିଯୋଗିତାର ଆୟୋଜନ ପ୍ରଶଂସନୀୟ। ମହିଳା ଫୁଟବଲର ଆୟୋଜନ କରି କ୍ରୀଡ଼ା କ୍ଷେତ୍ରରେ ନାରୀଶକ୍ତିଙ୍କୁ ସେମାନଙ୍କ ଦକ୍ଷତା ଓ ପରାକାଷ୍ଠାକୁ ପ୍ରମାଣିତ କରିବାର ଏକ ପ୍ଲାଟଫର୍ମ ଦେଇଥିବାରୁ ଆସୋସିଏସନର ସମସ୍ତ ସଦସ୍ୟଙ୍କୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। ବିଶେଷ ଭାବରେ ୨୦୩୬ ଅଲିମ୍ପିକରେ ଓଡ଼ିଆ ପିଲାମାନେ କିପରି ଅଧିକରୁ ଅଧିକ ଭାଗ ନେବେ, ଏଥିପାଇଁ ଆମେ ସମସ୍ତେ ପ୍ରୟାସ କରିବା ଦରକାର ବୋଲି ସେ କହିଥିଲେ। ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ପୂର୍ବତନ ବିଧାୟକ ନାଉରୀ ନାୟକ, ଦେବେନ୍ଦ୍ର ମହାପାତ୍ର, ଡ.ପ୍ରମୋଦ ରଥ, ରାମ ଚନ୍ଦ୍ର ମେହେର, ସୁଶାନ୍ତ ପୁରୋହିତ, ସୁଶିଲ କର, ଦୁଲାଲ୍ ପ୍ରଧାନ, ସମୀର ରଞ୍ଜନ ବାବୁ, ମାନସ ରଞ୍ଜନ ବକ୍ସି, ସୁଧୀର ରଞ୍ଜନ ବହିଦାର, ରାମଦାସ ପଣ୍ଡା, ମୋତିଲାଲ ତନ୍ତୀ, ଶୁଭଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ମହିଳା ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

ଯୁଯୁମୁରାରେ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମ

ଯୁଯୁମୁରା, ୧୮।୧(ସମିସ): ଚଳିତ ମାସ ୧୧ ରୁ ୧୩ ତାରିଖରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ବାୟଫ୍ ସହାୟତାରେ ଚାଲୁଥିବା ସି.ଏସ୍.ଆର୍ କେନ୍ଦ୍ରିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମର ବିଭିନ୍ନ ଉନ୍ନତିମୂଳକ କାମର ଭ୍ରମଣ ହୋଇଥିଲା। ଏହି ଗସ୍ତରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସିଏସ୍‌ଆର୍ ରାଜ୍ୟ ମୁଖ୍ୟ ସ୍ୱରୂପ ଶର୍ମା ଓ ଚନ୍ଦନ ନାୟକ ଯୁଯୋମୁରା, ରେଢ଼ାଖୋଲ ଏବଂ ନାକଟିଦେଉଳ ବ୍ଲକର ରାମବଡମାଲ, ଆମ୍ବିଲିପାଣି, ହେମନ୍ତଖୋଲ, ହେଲେଇ, ସାନହିନ୍ଦୋଳ, ପାଇକମାଳ, ହିନ୍ତରେଇ ଆଦି ଗ୍ରାମ ବୁଲିଥିଲେ। ଏହି ଗସ୍ତରେ ସନ୍ଦୀପ କାକାଡ଼େ, ଚନ୍ଦ୍ରକାନ୍ତ ବରଦା ପ୍ରସନ୍ନ, ଆକାଂକ୍ଷା ବେହେରା, ପ୍ରକାଶ କୁମାର ଖଣ୍ଡାଇ, ବିଶ୍ୱଜିତ, ବିଶ୍ୱରଞ୍ଜନ ଭୋଇ, ପଞ୍ଚନ ଦେଓ କୁମାର, ବୁଦ୍ଧଦେବ ଜାନା ପ୍ରମୁଖ ଉପସ୍ଥିତ ଥିଲେ। ୨୦୨୨ ମସିହା ଠାରୁ ସମ୍ବଲପୁର ତିନିଟି ବ୍ଲକରେ ଏହି ଉନ୍ନତିମୂଳକ କାର୍ଯ୍ୟକ୍ରମ ଜରିଆରେ ଆମ୍ବ ବାଡି, ଉନ୍ନତ ପନିପରିବା ଚାଷ, ପୋଖରୀ ଖନନ ଓ କୃଷି ଯନ୍ତ୍ରପାତି ଦ୍ୱାରା ସତାଧିକ ଚାଷୀ ଲାଭବାନ୍ ହୋଇପାରିଛନ୍ତି।

ଷଣ୍ଢପଥର ଆଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା

ଜମନକିରା, ୧୮।୧(ସମିସ): ଜମନକିରା ବ୍ଲକ ଅଧୀନ ଷଣ୍ଢପଥର ଆଶ୍ରମ ସ୍କୁଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ତୀର୍ଥରାଜ ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଷଣ୍ଢପଥର ହାଇସ୍କୁଲ ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ଜଗତ, ମୁଖ୍ୟବକ୍ତା ଭାବେ ଜ୍ୟୋତିର୍ମୟୀ ଜ୍ୟୋତ୍ସ୍ନା ଦାସ, ସମ୍ମାନିତ ଅତିଥି ବୀରେନ୍ଦ୍ର ପଟେଲ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଐଶ୍ୱର୍ଯ୍ୟ ନାୟକ, ଅବସରପ୍ରାପ୍ତ ସେନା କର୍ମଚାରୀ ବିନାୟକ ପଣ୍ଡା ଯୋଗଦେଇ ଅଭିବାଦନ ଗ୍ରହଣ କରିଥିଲେ। ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ବର୍ଗର ଦୌଡ଼ ପ୍ରତିଯୋଗିତା, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ସଟ୍‌ପୁଟ, ଡିସକସ ଥ୍ରୋ, ଖୋଖୋ, ଗଣିତ ଦୌଡ଼ ଇତ୍ୟାଦି ଖେଳକୁଦ କରାଯାଇଛି। ଏଥିରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଓୟୁଜେ ରାଜ୍ୟ କୋଷାଧ୍ୟକ୍ଷ ଅମୁଲ୍ୟ ରଞ୍ଜନ ସ୍ୱାଇଁ ଯୋଗଦେଇ ଥିଲେ। ଅନ୍ୟତମ ଅତିଥି ଭାବେ ଶଚିକାନ୍ତ ସାହୁ ଯୋଗଦେଇ ଥିଲେ। ବରିଷ୍ଠ ଖେଳ ଶିକ୍ଷକ ନାରାୟଣ ପ୍ରଧାନ ଓ ସ୍କୁଲ ପିଇଟି ତପନ ଖୁଣ୍ଟିଆ ପରିଚାଳନା କରିଥିବାବେଳେ ଉର୍ମିଳା ସିଂ ମହାପାତ୍ର, ଜ୍ୟୋତି କିଷାନ, ଦମୟନ୍ତି ପଧାନ, ଅଜୟ ଭୋଇ, କିଶୋର ପଧାନ, ରାଜକିଶୋର ଭୋଇ, ମୁରାରୀ ପ୍ରଧାନ, ଯଜ୍ଞସିନୀ ପଧାନ, ମନୋରମା ଦେହୁରୀ ଓ ଏମଳିନ ଟପ୍ପୋ ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ କାହ୍ନୁଚରଣ ଦାଶ ଧନ୍ୟବାଦ ଅର୍ପଣ କରିଥି

ଭାଲେଗାଁ ପଞ୍ଚାୟତରେ ଭତ୍ତା ଟଙ୍କା ହଡ଼ପ ଅଭିଯୋଗ

ବଲାଙ୍ଗିର/ଟିଟିଲାଗଡ଼, ୧୮ ।୧(ସମିସ)

ଭିନ୍ନକ୍ଷମ ଓ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ସରକାରୀ ସହାୟତା ଉଦ୍ଦେଶ୍ୟରେ ସରକାର ଭତ୍ତା ବଣ୍ଟନ କରୁଛନ୍ତି । ଏହି ଭତ୍ତା ସମୁଦ୍ରକୁ ଶଙ୍ଖେ ପାଣି ହେଲେ ମଧ୍ୟ ଅନେକଲୋକ ଏହା ଉପରେ ନିର୍ଭର କରିଥାନ୍ତି । ହେଲେ ପଞ୍ଚାୟତ ଅଧିକାରୀ ଏହି ଭତ୍ତା ଟଙ୍କା ହଡ଼ପ କରୁଥିବା ଭଳି ଅଭିଯୋଗ ଆସିଛି ଭାଲେଗାଁ ପଞ୍ଚାୟତରୁ । ଭାଲେଗାଁ ପଞ୍ଚାୟତର ଗୁରୁଜିଭଟା ଗାଁ ର ପୁଷ୍ପଲତା ବାରିକ, ଜନ୍ମରୁ ମୁକ ଓ ବଧିର । ସରକାରୀ ସାର୍ଟିଫିକେଟ ଅନୁସାରେ ୧୦୦ ପ୍ରତିଶତ ଭିନ୍ନକ୍ଷମ । ସରକାରୀ ସାହାଯ୍ୟ କହିଲେ ମାସକୁ ମିଳୁଥିବା ଭତ୍ତା ଟିକକ । ସରକାରଙ୍କ ଘୋଷଣା ଅନୁସାରେ ପୁଷ୍ପଲତା ଚଳିତ ମାସ ୩୫୦୦ ଟଙ୍କା ଭତ୍ତା ପାଇବା ଉଚିତ୍, ହେଲେ ପଞ୍ଚାୟତରେ ପୁଷ୍ପଲତାକୁ ମାତ୍ର ୧୦୦୦/- ଟଙ୍କା ଦେଇ ପଞ୍ଚାୟତ ଅଧିକାରୀ

ବିଦା କରିଦେଇ ଥିଲେ । ପୁଷ୍ପଲତା ଘରେ ପହଞ୍ଚିବା ପରେ ଭାଇ ଭଗବାନ ବାରିକ ଦେଖିଥିଲେ ପଞ୍ଚାୟତ ଅଧିକାରୀ ପୁଷ୍ପଲତାଙ୍କୁ ମାତ୍ର ୧୦୦୦ ଟଙ୍କା ଦେଇ ୧୨୦୦ ଟଙ୍କା ଖାତାରେ ଚଢ଼ାଇ ଦେଇଛନ୍ତି । ଏ ସମ୍ପର୍କରେ ଭଗବାନ ପଞ୍ଚାୟତ ଅଧିକାରୀଙ୍କୁ ପଚାରିବାରୁ ଭୁଲ ହୋଇଯାଇଥିବା ସ୍ୱୀକାର କରିବା ସହିତ ବଳକା ୨୦୦ ଟଙ୍କା ନେଇଯିବାକୁ କହିଥିଲେ । ଚଳିତ ମାସ ୩୫୦୦/ ଟଙ୍କା ମିଳିବ ଉଚିତ ବୋଲି ପ୍ରଶ୍ନ କରିବାରୁ ଆସନ୍ତା ମାସ ବଳକା ଟଙ୍କା ଦିଆଯିବ ବୋଲି କହିଥିଲେ । ସେହିଭଳି ଜୟଦେବ ଭୋଇଙ୍କୁ ସରକାରଙ୍କ ତରଫରୁ ମିଳିଥିବା ସାର୍ଟିଫିକେଟ ଅନୁଶାରେ ଜୟଦେବ ମଧ୍ୟ ୧୦୦ଧ ପ୍ରତିଶତ ଭିନ୍ନକ୍ଷମ । ସରକାରଙ୍କ ଘୋଷଣା ଅନୁସାରେ ୩୫୦୦ ଟଙ୍କା ଭତ୍ତା ପାଇବା ଉଚିତ । ହେଲେ ପୁରୁଣା ହିସାବ ରେ ମାତ୍ର ୧୨୦୦ ଟଙ୍କା ଭତ୍ତା ମିଳିଛି । ଜୟଦେବ ଜନ୍ମରୁ ଭିନ୍ନକ୍ଷମ ଥିବାରୁ ମନ ଓ ବାପା ଉପରେ ସମ୍ପୂର୍ଣ୍ଣ ନିର୍ଭର କରନ୍ତି । ଭତ୍ତା ବୃଦ୍ଧି ନେଇ ସରକାର ଡିଣ୍ଡିମ ପିଟୁଥିବା ବେଳେ ବର୍ତ୍ତମାନ ସୁଦ୍ଧା ହିତାଧିକାରୀଙ୍କ ପାଖକୁ ବୃଦ୍ଧି ହୋଇଥିବା ଭତ୍ତା ପହଞ୍ଚି ପାରିନାହିଁ । ଅନ୍ୟପଟେ ଯେଉଁ ଭତ୍ତା ମଧ୍ୟ ମିଳୁଛି ପଞ୍ଚାୟତ ଅଧିକାରୀ ତଞ୍ଚକତା କରି କମ ଟଙ୍କା ଦେଇ ଲୋକଙ୍କୁ ଠାକୁଥିବା ସ୍ଥାନିୟ ଲୋକେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଭାଲେଗାଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ ଆଜି ସେ ପଞ୍ଚାୟତ କୁ ଆସି ନ ଥିଲେ ଓ ଭତ୍ତା ଏକ ଏନଜିଓ ର କର୍ମଚାରୀ ବଣ୍ଟନ କରୁଛନ୍ତି । ତେଣୁ ଏଭଳି ଭୁଲ ହୋଇଥାଇ ପରେ ଓ ଏହାର ଅନୁସନ୍ଧାନ କରି ସମାଧାନ କରିବେ ବୋଲି କହିଥିଲେ ।

ବନବିଭାଗ ତରଫରୁ ପକ୍ଷୀ ଗଣନା

ବଲାଙ୍ଗିର, ୧୮ ।୧(ସମିସ): ବଲାଙ୍ଗିର ସହର ଉପକଣ୍ଠସ୍ଥ ଲର୍କିପାଲି ଡ୍ୟାମ୍‌ରେ ବନବିଭାଗ ତରଫରୁ ପକ୍ଷୀ ଗଣନା କାର୍ଯ୍ୟକ୍ରମ କରାଯାଇଛି । ବଲାଙ୍ଗିର ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିବାବେଳେ ଜିଲ୍ଲାର ସମସ୍ତ ରେଞ୍ଜ ଅଧୀନରେ ଥିବା ଜଳାଶୟମାନଙ୍କରେ ପକ୍ଷୀ ଗଣନା କାର୍ଯ୍ୟକ୍ରମ କରାଯାଉଛି । ଶନିବାର ଭୋର ବଲାଙ୍ଗିର ବନଖଣ୍ଡ ଅଧିକାରୀ ଓ କର୍ମଚାରୀ ଲର୍କିପାଲି ଡ୍ୟାମ୍‌ରେ ପହଞ୍ଚିଥିଲେ । ବାହାରୁ ଆସିଥିବା ପକ୍ଷୀଙ୍କୁ ଚିହ୍ନଟ କରି ସେମାନଙ୍କ ତଥ୍ୟ ରଖିଥିଲେ । ପ୍ରତିବର୍ଷ ବଲାଙ୍ଗିର ଜିଲ୍ଲାକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହୁଏ । ତେବେ ଚଳିତ ବର୍ଷ ବିଦେଶାଗତ ପକ୍ଷୀଙ୍କ ଆଗମନ ସଂଖ୍ୟା ବଢ଼ିଥିବା ଆଶା କରାଯାଉଛି । ସମସ୍ତ ରେଞ୍ଜର ରିପୋର୍ଟ ମିଶାଇବା ପରେ ତଥ୍ୟ ଜଣାପଡ଼ିବ ବୋଲି ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି ।

ଆଖି ଛଳଛଳ କରିଦେଲେ ଜିଲ୍ଲା ସଂସ୍କୃତି ଅଧିକାରୀ

ଭବାନୀପାଟଣା, ୧୮ ।୧(ସମିସ): ୨୭ତମ କଳାହାଣ୍ଡି ଉତ୍ସବ 'ଘୁମୁରା-୨୦୨୫' ସଫଳ ଆୟୋଜନ ନେଇ ସବୁଥର ମଧ୍ୟ ଏଥର ଜିଲ୍ଲା ପ୍ରଶାସନ ଅଧିକ ତତ୍ପର ହୋଇ ଉଠିଥିଲା । ଏଥିପାଇଁ ଦାୟିତ୍ୱରେ ଥିବା ଅଧିକାରେମାନେ ଖୁବ୍ ସତର୍କ ଆଉ ସଚେତନ ଥିଲେ । ସେତିକି ମାତ୍ରାରେ କର୍ତ୍ତବ୍ୟନିଷ୍ଠ ମଧ୍ୟ ଥିଲେ । କେତେକ ଅଧିକାରୀ ନିଜକୁ କଳାକାର ସଜେଇ ଦେଇଥିଲେ । ମୋଟାମୋଟି ସମଗ୍ର ଜିଲ୍ଲାବାସୀଙ୍କ ସହ ସରକାରୀ ବାବୁମାନଙ୍କ ମଧ୍ୟରେ ବି ଉତ୍ସାହ ଆଉ ଉଦ୍ଦୀପନା ଭରି ରହିଥିଲା । ୪ ଦିନ ଧରି ସମସ୍ତେ ନିଜକୁ ଉତ୍ସବରେ ହଜେଇ ଦେଇଥିଲେ । ସମମସ୍ତଙ୍କ ଭିତରେ ଉତ୍ସବକୁ ନେଇ ଉତ୍କଣ୍ଠା ଆଉ ଆବେଗ ବାରି ହୋଇ ପଡୁଥିଲା । ଉତ୍ସବକୁ ସଫଳ କରିବାକୁ ଦୀର୍ଘ ଦିନ ଧରି ଅଣ୍ଟା ଭିଡ଼ିଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଶେଷ ଦିନରେ ସମସ୍ତଙ୍କୁ ଭାବନା ରାଇଜ ଭିତରକୁ ଟାଣି ନେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ସତେ ଯେମିତି ସେ 'ଘୁମୁରା'କୁ ବିଦାୟ ଦେବାକୁ ପ୍ରସ୍ତୁତ ହୋଇ ପାରୁ ନ ଥିଲେ । ଧନ୍ୟବାଦ ଦେବାବେଳେ ତାଙ୍କ ଆଖି ଛଳଛଳ ହୋଇ ପଡ଼ିଥିଲା । ତାଙ୍କ ଭାବାବେଗକୁ ନେଇ ଯେତିକି ଦର୍ଶକ ଉତ୍ସବ ପଡ଼ିଆରେ କରତାଳି ଦେଉଥିଲେ ସେତିକି ଦର୍ଶକଙ୍କ ଆଖି ଅଧିରୁ ଅଧିକ ଓଦା ହୋଇ ଯାଉଥିଲା । ଲାଇଟ୍ ବନ୍ଦ ହୋଇଥିଲା ଆଉ ସେ ମଞ୍ଚରୁ ଓହ୍ଲାଇଥିଲେ । ଏହାପରେ କେତେକ ଦର୍ଶକ ନିଜକୁ ଆୟତ୍ତରେ ରଖି ନ ପାରି ତାଙ୍କ ପାଖରୁ ଯାଇଥିଲେ । ଧନ୍ୟବାଦ ଜଣାଇବା ସହ ଏହି ଉତ୍ସବ ପ୍ରତି ତାଙ୍କ ଆନ୍ତରିକତାକୁ ନେଇ କୃତଜ୍ଞତା ଜଣାଇଥିଲେ । କେତେକଙ୍କ ମୁହଁରେ ଗୋଟିଏ କଥା ଶୁଣିବାକୁ ମିଳିଥିଲା ସତରେ ଆଜି ବି କ'ଣ ଏମିତି ସରକାରୀ ଅଧିକାରୀ ଅଛନ୍ତି?

ଉତ୍କଳ ଆଲୁମିନା ଦ୍ୱାରା 'ପ୍ରୋଜେକ୍ଟ ହରିୟାଲୀ'

ଭବାନୀପାଟଣା, ୧୮ ।୧(ସମିସ): ଆଜି ସାରା ଦେଶ ତଥା ବିଦେଶରେ ମିଲେଟ ଜାତୀୟ ଖାଦ୍ୟଶସ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ମିଲେଟ ମିଶନ ଆରମ୍ଭ ହୋଇଛି । କଳାହାଣ୍ଡି-ରାୟଗଡ଼ା ଆଦିବାସୀ ଓ ଅନୁସୂଚିତ ଜାତିର ଲୋକଙ୍କ ପାରମ୍ପରିକ ଖାଦ୍ୟ ମାଣ୍ଡିଆ, ଗୁର୍ଜି, କୋଦୋ, କାଙ୍ଗୁ, କୋଶଲା ଆଦିକୁ ବିଭିନ୍ନ ସୁସ୍ୱାଦୁ ଖାଦ୍ୟଦ୍ରବ୍ୟରେ ପରିଣତ କରି ଗରିବଙ୍କ ଥାଳିରୁ ଧନୀଙ୍କ ଡାଇନିଂ ଟେବୁଲ ଯାଏଁ ପହଞ୍ଚାଇବା ପାଇଁ ଅନେକ ସ୍ୱେଚ୍ଛାସେବୀ ଓ ସାମାଜିକ ସଂଗଠନ କାର୍ଯ୍ୟ କରୁଛନ୍ତି । ଏ ଦିଗରେ ରାୟଗଡ଼ା ଜିଲ୍ଲା ଟିକିରିସ୍ଥିତ ଉତ୍କଳ ଆଲୁମିନା ଇଣ୍ଟର ନ୍ୟାସନାଲ ଲିମିଟେଡ ସିଏସଆର ବିଭାଗ ଆନୁକୂଲ୍ୟରେ ପ୍ରୋଜେକ୍ଟ ହରିୟାଲି କାର୍ଯ୍ୟକାରୀ ସଂସ୍ଥା ଆଞ୍ଚଳିକ ସମୃଦ୍ଧି ସାଧନ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବିଲାମାଲର ଅଜିତାଇ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ ଦ୍ୱାରା ଏସବୁର ପ୍ରସ୍ତୁତି ଓ ବିକ୍ରିବଟା ଦାୟିତ୍ୱ ହାତକୁ ନିଆଯାଇଛି । ୪ ଦିନ ଧରି ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ଚାଲିଥିବା ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଅବସରରେ ଉଭୟ ସଂସ୍ଥା ଦ୍ୱାରା ନିର୍ମିତ ଷ୍ଟଲରେ ମିଲେଟ ପ୍ରସ୍ତୁତ ସାମଗ୍ରୀ କିଣିବାକୁ ବିଳମ୍ବିତ ରାତିଯାଏଁ ଭିଡ଼ ପରିଲକ୍ଷିତ ହୋଇଥିଲା । ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରକଳ୍ପ ପରିଦର୍ଶକ ସମୀର ପଟ୍ଟନାୟକ, ପ୍ରକାଶ ଉପାଧ୍ୟାୟ ଓ ଯୁଗେଶ୍ୱର ଧରୁଆ ଷ୍ଟଲ ପରିଚାଳନା ଦାୟିତ୍ୱରେ ନିୟୋଜିତ ଥିଲେ ।

ଆଇନ ଛାତ୍ରଛାତ୍ରୀଙ୍କ ଦାବି ଶୁଣିଲେ ଉଚ୍ଚ ଶିକ୍ଷାମନ୍ତ୍ରୀ

ଭବାନୀପାଟଣା, ୧୮ ।୧ (ସମିସ): କଳାହାଣ୍ଡି ଆଇନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ଏହି ମହାବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ ଆଇନ ଶିକ୍ଷା, ସ୍ନାତକୋତର ଆଇନ ଶିକ୍ଷା ପାଇଁ ଅନୁମତି ଓ ଭିତ୍ତିଭୂମି ନିର୍ମାଣ, ଏକ ଇ-ଲାଇବ୍ରେରୀ ସ୍ଥାପନ, ମହାବିଦ୍ୟାଳୟର ଚାରିକଡେ ପାଚେରୀ ନିର୍ମାଣ ସହିତ ମହାବିଦ୍ୟାଳୟ ପରିସରରେ ସୌନ୍ଦର୍ଯ୍ୟକରଣ ପାଇଁ ଦାବି କରାଯାଇଛି । ମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ଦାବି ଧ୍ୟାନର ସହ ଶୁଣିବା ସହ ମହାବିଦ୍ୟାଳୟର ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସବୁ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ରାଜ୍ୟସଭା ସାଂସଦ ସୁଜିତ କୁମାର, ଲୋକସଭା ସାଂସଦ ମାଳବିକା ଦେବୀ ମଧ୍ୟ ମହାବିଦ୍ୟାଳୟର ଉନ୍ନତି ଦିଗରେ ସହାୟତାର ହାତ ବଢ଼ାଇବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ମନ୍ତ୍ରୀଙ୍କ ସହିତ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଓ ଅନ୍ୟମାନେ ସାମିଲ ଥିଲେ । ଛାତ୍ରଛାତ୍ରୀଙ୍କ ତରଫରୁ ଶେଷବର୍ଷର ଆଇନ ଛାତ୍ର ରାଜୀବ ଲୋଚନ ଶତପଥୀ, ସୁଶୀଲ ବାଗଙ୍କ ନେତୃତ୍ୱରେ ରାଜେଶ ପାଣିଗ୍ରାହୀ, ପ୍ରବୀଣ, ଚନ୍ଦ୍ରାଂଶୁ ମିଶ୍ର, ଶିବାଶିଷ ପଟେଲ, ଆଶିଷରଞ୍ଜନ ମୁଣ୍ଡ, ସ୍ୱପ୍ନିଳା ମହାପାତ୍ର, ବରଖା ଅଗ୍ରୱାଲ, କିରଣ ମଙ୍ଗରାଜ, ଦୀନେଶ ନାଗ, ସନ୍ତୋଷ କୁମାର, ସୁନୀଲ ନାଏକଙ୍କ ସମେତ ୫୦ରୁ ଅଧିକ ଛାତ୍ରଛାତ୍ରୀ ମନ୍ତ୍ରୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେବା ସହିତ ଆଲୋଚନା କରିଥିଲେ ।

ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚାଷ ନଷ୍ଟ

ଶଗଡ଼ା, ୧୮ ।୧ (ସମିସ): କଣ୍ଟାମାଳ ଥାନା ଲମ୍ବସ୍ୱରୀ ପଞ୍ଚାୟତର ଲାଖପର୍ବତ ନିକଟ ଜଙ୍ଗଲରେ ବେଆଇନ ଭାବେ ଚାଷ ହୋଇଥିବା ୪୧ ଏକର ଜଙ୍ଗଲ ଜମିରୁ ୬୧ ହଜାର ୫ଶହ ଗଞ୍ଜେଇ ଗଛ କାଟି ପୋଡି ନଷ୍ଟ କରାଯାଇଛି । କୌଣସି ସୂତ୍ରରୁ ଖବର ପାଇ କଣ୍ଟାମାଳ ଅବକାରୀ, କଣ୍ଟାମାଳ ପୁଲିସ, ମନମୁଣ୍ଡା ଅବକାରୀ ଓ ବନ ବିଭାଗର ଏକ ଟିମ୍ ମିଳିତ ଭାବେ ଚଢ଼ଉ କରିଥିଲା ।

ତାମିଲନାଡୁରେ ପୁଅର ଶବ, ଏସ୍‌ପିଙ୍କୁ ଗୁହାରି କଲେ ମା'

ବଲାଙ୍ଗିର, ୧୮ ।୧(ସମିସ): ବଲାଙ୍ଗିର ସହର ଉପକଣ୍ଠସ୍ଥ ବିଜାଖମନର ୨୧ ବର୍ଷୀୟ ଯୁବକ ଝସକେତନ ମାଝୀ ତାମିଲନାଡୁକୁ ଦାଦନ ଖଟିବାକୁ ଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି । ଦାଦନର ପୁଅର ଶବ ଆଣିବାକୁ ପରିବାର ଲୋକଙ୍କ ପାଖରେ ଆବଶ୍ୟକ ସମ୍ବଳ ନାହିଁ । ତେଣୁକରି ମୃତ ଝସକେତନ ମାଝୀଙ୍କ ମା' ଶନିବାର ଏସପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ । ଏସପିଙ୍କୁ ଭେଟି ପୁଅର ଶବକୁ ଫେରାଇ ଆଣିବାକୁ ନିବେଦନ କରିବେ ବୋଲି କହିଥିଲେ ।

ଶେଷହେଲା ନବୋଦୟ ପ୍ରବେଶିକା ପରୀକ୍ଷା

୩ କେନ୍ଦ୍ରରେ ପରୀକ୍ଷା ଦେଲେ ୪୮୧ ଛାତ୍ରଛାତ୍ରୀ

ଶଗଡ଼ା, ୧୮ ।୧(ସମିସ): କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା, କଣ୍ଟାମାଳ ଓ ପଲସାଗୋରା ପ୍ରମୁଖ ତିନୋଟି ବିଦ୍ୟାଳୟରେ ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଛି । ଏହି ପରୀକ୍ଷାରେ ସ୍ୱଚ୍ଛତା ଆଣିବାକୁ ପରୀକ୍ଷା କେନ୍ଦ୍ରଗୁଡିକରେ ସିସିଟିଭି କ୍ୟାମେରା ସହ ସ୍ଥାନୀୟ ପୁଲିସ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରା ଯାଇଥିଲା । କଣ୍ଟାମାଳ କେନ୍ଦ୍ରରେ ୧୧୪ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୦୭ ଜଣ, ଘଣ୍ଟାପଡ଼ା କେନ୍ଦ୍ରରେ ୧୪୪ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୧୩୬ ଜଣ ଓ ପଲସା ଗୋରା କେନ୍ଦ୍ରରେ ୨୬୪ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୨୩୮ ଜଣ ପରୀକ୍ଷା ଦେଇଥିଲେ । ସମୁଦାୟ ୫୨୨ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ । ୩ଟି କେନ୍ଦ୍ରରେ ୪୮୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ୪୧ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ପରୀକ୍ଷା ନିୟନ୍ତ୍ରଣ କରିବାକୁ ମୋବାଇଲ ସ୍କ୍ୱାଡ୍ ଟିମ ନିୟୋଜିତ ଥିଲେ । କଣ୍ଟାମାଳ ବ୍ଲକର ୩ଟି ପରୀକ୍ଷା କେନ୍ଦ୍ରରେ ଜିଲ୍ଲାସ୍ତରୀୟ ୩ ପ୍ରଧାନ ଶିକ୍ଷକଙ୍କୁ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଭାବରେ ନିଯୁକ୍ତି ଦିଆ ଯାଇଥିଲା । ନବୋଦୟ ବିଦ୍ୟାଳୟର ୩ ଜଣ ଶିକ୍ଷକଙ୍କୁ ପର୍ଯ୍ୟବକ୍ଷକ ଭାବରେ ନିଯୁକ୍ତି ଦିଆ ଯାଇଥିଲା । ନବୋଦୟ ବିଦ୍ୟାଳୟର ପ୍ରିନ୍ସିପାଲ ଜିଲ୍ଲାର ସମସ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ ।

ଉପଖଣ୍ଡସ୍ତରୀୟ ମା' ଘଣ୍ଟାଶୁଣି ଲୋକ ଉତ୍ସବ

ଟିଟିଲାଗଡ଼, ୧୮ ।୧(ସମିସ): ବଲାଙ୍ଗିର ଜିଲ୍ଲା ଅଧୀନ ଟିଟିଲାଗଡ଼ ଉପଖଣ୍ଡସ୍ତରୀୟ ମା' ଘଣ୍ଟାସୁଣି ଲୋକଉତ୍ସବ ସ୍ଥାନୀୟ ଟିଟିଲାଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଛି । ଏହି ଲୋକଉତ୍ସବ ପାଞ୍ଚଟି ବ୍ଲକକୁ ନେଇ ଅୟୋଜିତ କରାଯାଇଥିବାବେଳେ ବ୍ଲକସ୍ତରୀୟ ସବୁ ଶ୍ରେଣୀର କଳାକାରମାନେ ଅଂଶ ଗ୍ରହଣ କରିଥିଲେ । ସେହି କଳାକାର ମାନେ ଉପଖଣ୍ଡସ୍ତରୀୟ ମାଁ ଘଣ୍ଟାସୁଣି ଲୋକଉତ୍ସବରେ ତାଙ୍କର କଳା ପ୍ରଦର୍ଶନ କରିଥିଲେ । ଲୋକଗୀତ, ନୃତ୍ୟ, ଆଦିବାସୀ ବାଦ୍ୟ, ଆଦିବାସୀ ନୃତ୍ୟ, ନାଟକ, ଘୁମୁରା, ଖଞ୍ଜଣି ଓ ଅନ୍ୟାନ୍ୟ ବିଭିନ୍ନ କଳା ପ୍ରଦର୍ଶନ କରାଯାଇଥିଲା । ଏଥିରେ ଯେଉଁ କଳାକାର ମାନେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିଲେ ସେହି କଳାକାରମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ଥିଲା । ଉପଖଣ୍ଡସ୍ତରୀୟ ଲୋକଉତ୍ସବରେ ପ୍ରଥମ ସ୍ଥାନ ଅଧିକାର କରିଥିବା କଳାକାରମାନେ ଜିଲ୍ଲାସ୍ତରୀୟ ଲୋକଉତ୍ସବରେରେ ଭାଗନେଇ ପାରିବେ । ଏହି ଉପଖଣ୍ଡସ୍ତରୀୟ ମାଁ ଘଣ୍ଟାସୁଣି ଲୋକଉତ୍ସବରେ ମୁଖ୍ୟ ଅତିଥି ଲକ୍ଷ୍ମଣ ବାଗ, ସମ୍ମାନିତ ଅତିଥି ନବୀନ କୁମାର ଜୈନ, ମୁଖ୍ୟବକ୍ତା ଶିବ ପ୍ରସାଦ ବେହେରା, ରେହାନ ଖତ୍ରି, ସନଦୀପ କୁମାର ଚନ୍ଦ୍ରକାର, ରାଜେନ୍ଦ୍ର ମାଝୀ, ଚନ୍ଦ୍ରମଣୀ ନାଗ, ମମତା ଦେବୀ ଜୈନ, ସଂଯୁକ୍ତା ନାଏକ, ଗୀତା ବିଷି, ସଞ୍ଜୟ ବେହେରା ମଞ୍ଚାସିନ ଥିଲେ । ମଞ୍ଚ ପରିଚାଳନା କରିଥିଲେ କବି ଟିକେଲାଲ ବେହେରା ଓ ଶୁନିଲ କୁମାର ପୋଡ଼ ।

ଗୀତ ଗାଇଲେ ଅତିରିକ୍ତ ଏସ୍‌ପି

ଭବାନୀପାଟଣା, ୧୮ ।୧(ସମିସ): ୨୭ତମ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୫ ଶେଷ ହୋଇଛି । ତେବେ ଏଥର ସରକାରୀ ଅଧିକାରୀମାନେ ଲୋକଙ୍କ ମନ ଜିଣିଛନ୍ତି । ଭବାନୀପାଟଣା ଉପ ଜିଲ୍ଲାପାଳ ସୁଶ୍ରୀ ମମତା ଦାସ ଢେମସା ନାଚି ଲୋକଙ୍କ ମନ ଜିଣିଛନ୍ତି । ସେହିଭଳି ତହସିଲଦାର ଶୁଭସ୍ମିତା ମିଶ୍ର ଓଡ଼ିଶୀ ନାଚିଥିଲେ । ଅନ୍ୟପକ୍ଷେ ଆଉଜଣେ ଅଧିକାରୀ ହେଲେ ଅତିରିକ୍ତ ଏସ୍‌ପି ଆନନ୍ଦ ବର୍ଦ୍ଧନ ଗୁରୁ । ସେ ମଧ୍ୟ ଏତର ମଞ୍ଚରେ ଗୀତ ଗାଇ ଦର୍ଶକଙ୍କ ମନ ଛୁଇଁଥିଲେ । ପୁଲିସ ଚାକିରି ଭଳି ଏକ କଠିନ ସେବା ଭିତରେ ରହି ମଧ୍ୟ ସେ ଗୀତ ପ୍ରତି ଆସକ୍ତ ଥିବା ଉତ୍ସବ ସ୍ଥଳରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା ।

ମୁରିବାହାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୁରିବାହାଲ, ୧୮ ।୧(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ସିରୋଲଠାରେ ବାର୍ଷିକଉତ୍ସବ ପାଳିତ ହୋଇଛି । ପ୍ରଧାନଶିକ୍ଷକ ବିଜୟ କୁମାର ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖୋଲାନ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ପ୍ରଭାତରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ । ବରିଷ୍ଠ ଶିକ୍ଷକ ଶ୍ୟାମ ସୁନ୍ଦର ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ । ଦଶମଶ୍ରେଣୀ ଛାତ୍ର ରାକେଶ ନାଗକୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଲିଲୁ ମୋହନ ପଧାନ ସଂଯୋଜନା କରିଥିବା ବେଳେ ଭରତ ଭୂଷଣ ମାଝୀ, ମୋହନ ପ୍ରଧାନୀ, ରୋହିତ ନାଗ, ମୋତିରାମ ମାଝୀ, ବିନୋଦ କୁମାର ବାରିକ, ଶୁଭ୍ରାଂଶୁ ତାଣ୍ଡି, ଜଗଦୀଶ ସୁନା, ଆଶିଷ କୁମାର ତ୍ରିପାଠୀ, ସୋମେଶ ବହିଦାର, ଉତ୍ତମ ରଣା, ଆନନ୍ଦିନୀ ଥନାପତି, ଅନୁପ୍ରିୟା ତାଣ୍ଡି, ସରସ୍ୱତୀ ହୋତା, ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର, ଭୁଜମତି ଶବର, ଝୁନୁରାଣୀ ନନ୍ଦ, ଗାୟତ୍ରୀ ତାଣ୍ଡି, ଶୁଭଶ୍ରୀ ପ୍ରିୟଦର୍ଶିନୀ, କୁସୁମ ନାଏକ, ସୁଶାନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ ।

କର୍କଟ ରୋଗ ନିରୂପଣ ଶିବିର

ଚାଷ ଜମିରୁ ମାଈ ହାତୀର ମୃତଦେହ ଉଦ୍ଧାର

ବେଗୁନିଆ, ୧୮।୧(ସମିସ): ଖୋର୍ଦ୍ଧା ବନାଞ୍ଚଳ ଅନ୍ତର୍ଗତ ବେଗୁନିଆ ଡାଳତୋଳା ଟୁମାଝର ନିକଟସ୍ଥ କୃଷି ଫାର୍ମରୁ ଆଜି ଏକ ମାଇହାତୀର ମୃତଦେହ ଉଦ୍ଧାର ହୋଇଛି । ମୃତ ହାତୀର ବୟସ ପାଖାପାଖି ୧୫ବର୍ଷ ହେବ ବୋଲି ଅନୁମାନ କରାଯାଉଛି । ଗତକାଲି ବିଳମ୍ବିତ ରାତିରେ ହାତୀର ମୃତ୍ୟୁ ଘଟିଥିବା ବନବିଭାଗ ଆଶଙ୍କା କରିଛି । ଏଯାଏ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇନଥିଲେ ହେଁ ବିଦ୍ୟୁତ୍ ଆଘାତରୁ ଏହି ଅଘଟଣ ଘଟିଥିବା ଅନୁମାନ କରାଯାଉଛି । ସେହିପରି ହାତୀ ବେକରେ ଗଭୀର କ୍ଷତ ରହିଛି । ଘଟଣାସ୍ଥଳରେ ବନବିଭାଗର ବରିଷ୍ଠ ଅଧିକାରୀ, ଓଏୁଟି ଟିମ୍ ପହଞ୍ଚି ହାତୀର ମୃତଦେହ ବ୍ୟବଚ୍ଛେଦ କରିଛନ୍ତି ।

ଖାଦ୍ୟ ଅନ୍ୱେଷଣରେ ୧୬ଟିକିଆ ହାତୀପଲ ବେଗୁନିଆ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ପଶି ଉତ୍ପାତ କରୁଛନ୍ତି । ଫସଲ ନଷ୍ଟ କରିବା ସହ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି । ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ତରଫରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ । ବନବିଭାଗ ଅଧିକାରୀମାନେ ଆସି କେବଳ ଡ୍ରୋନ୍ ଉଡ଼ାଇ ଚାଲି ଯାଉଛନ୍ତି । ଗତରାତିରେ ହାତୀପଲ ରାଉତପଡ଼ା, ଲୋକିପୁର ଏବଂ ବୋତଳମା ଅଞ୍ଚଳରେ ପଶି ଉତ୍ପାତ କରିଥିଲେ । ପରେ ଏକ କୃଷି ଫାର୍ମରେ ପଶିଥିବା ବେଳେ ବିଦ୍ୟୁତ୍ ଆଘାତରେ ମାଈ ହାତୀଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି । ହେଲେ ମୃତ୍ୟୁର କାରଣ ଶବ ବ୍ୟବଚ୍ଛେଦ ପରେ ସ୍ପଷ୍ଟ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

■ ନୟା ବଗପାଟିଆ ସ୍କୁଲରେ ଅଘଟଣ

ଦୋଳିରୁ ପଡ଼ି ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ

ଟମକା/ଦାନଗଦି, ୧୮।୧(ସମିସ): ଯାଜପୁର ଜିଲ୍ଲା ଟମକା ଥାନା ଅନ୍ତର୍ଗତ ନୟା ବଗପାଟିଆ ୟୁପି ସ୍କୁଲରେ ଦୋଳିରୁ ପଡ଼ି ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତ ଛାତ୍ରଜଣଙ୍କ ନୟା ବଗପାଟିଆ ଗ୍ରାମର ନବଘନ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁ(୧୨) । ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ପାଇଁ ସୌମ୍ୟର ମୃତ୍ୟୁ ହୋଇଛି ବୋଲି ପରିବାରଲୋକ ଅଭିଯୋଗ କରିଛନ୍ତି ।ସୂଚନା ମୁତାବକ, ସବୁଦିନ ଭଳି ସୌମ୍ୟ ଶନିବାର ସକାଳୁ ସ୍କୁଲକୁ ଯାଇଥିଲା । ଦିନ ପ୍ରାୟ ୧୦ଟା ୪୫ରେ ହଠାତ୍ ସ୍କୁଲରୁ ଜଣେ ଶିକ୍ଷକ ଫୋନ କଲ କରି ପୁଅ ଦୋଳିରୁ ପଡ଼ି ଗୁରୁତର ଆହତ ହୋଇଥିବା କହିଥିଲେ । ଖବର ପାଇ ବାପା ନବଘନ ସ୍କୁଲରେ ପହଞ୍ଚିଥିଲେ ହେଁ ସେତେବେଳକୁ ସୌମ୍ୟକୁ ଶିକ୍ଷକମାନେ ଦାନଗଦି ଡାକ୍ତରଖାନାକୁ ନେଇଯାଇଥିଲେ । ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚିବା ପରେ ପୁଅର ମୃତ୍ୟୁ ଖବର ପାଇ ଦୁଃଖରେ ଭାଙ୍ଗି ପଡ଼ିଥିଲେ । ଡାକ୍ତରଖାନା ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଶିକ୍ଷକଙ୍କ ଅବହେଳାରୁ ପୁଅର ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ କରିଥିଲେ । ଏହାକୁ ନେଇ ଡାକ୍ତରଖାନା ପରିସରରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା । ଖବର ପାଇ ଯାଜପୁରରୋଡ୍ ପୁଲିସ ପହଞ୍ଚି ପରିବାରଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଖବର ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ ଡାକ୍ତରଖାନାରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି ।

ପୂରଣ ହେବ ୮୬୨ ପୁଲିସ ଏସ୍‌ଆଇ ପଦ

କଟକ, ୧୮।୧(ସମିସ): ରାଜ୍ୟରେ ୬୦୯ ପୁଲିସ ସବଇନ୍ସପେକ୍ଟର ଓ ୨୫୩ ସବଇନ୍ସପେକ୍ଟର(ଆର୍ମଡ) ମୋଟ ୮୬୨ଟି ଏସଆଇ ପଦ ପୂରଣ ହେବ । ଏଥିସହ ୪୭ଟି ଫାୟାର ଷ୍ଟେସନ ଅଫିସର, ୨୪ଟି ସହକାରୀ ଜେଲର ପଦ ପୂରଣ କରାଯିବ । ଏଥିପାଇଁ ଓଡ଼ିଶା ପୁଲିସ ଚୟନ ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ଆସନ୍ତା ଜାନୁଆରି ୨୦ରୁ ଫେବ୍ରୁଆରି ୧୦ ପର୍ଯ୍ୟନ୍ତ ଅନଲାଇନରେ ପଞ୍ଜୀକରଣ ବା ଆବେଦନପତ୍ର ଦାଖଲ କରାଯିବ । ଆବେଦନପତ୍ର ଦାଖଲରେ ବୈଷୟିକ ସମସ୍ୟା ଥିଲେ ହେଲପ ଡେସ୍କ (ମୋବାଇଲ ନଂ-୮୨୬୦୮୩୩୬୩୮ ଓ ୭୬୨୨୦୫୯୫୬୯)ରେ ଦିନ୧୧ଟାରୁ ୬ ପର୍ଯ୍ୟନ୍ତ ଯୋଗାଯୋଗ କରିପାରିବେ ।

ଦୁର୍ଘଟଣାରେ ମୃତ ସ୍ୱାମୀଙ୍କ ଚକ୍ଷୁଦାନ କଲେ ପତ୍ନୀ

କେନ୍ଦୁଝର, ୧୮।୧ (ସମିସ): ଦୁର୍ଘଟଣାରେ ଆହତ ସ୍ୱାମୀଙ୍କ ମୃତ୍ୟୁ ପରେ ଚକ୍ଷୁଦାନ କରାଇଲେ ପତ୍ନୀ । କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ସହାରପଡ଼ା ବ୍ଲକ୍ କୁଣ୍ଡଳା ଗ୍ରାମର ସସ୍ମିତା ବିଶ୍ୱାଳଙ୍କ ଏପରି ମହତ୍ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି । ସୂଚନାନୁଯାୟୀ, ସସ୍ମିତାଙ୍କ ସ୍ୱାମୀ ଘଟେଶ୍ୱର ବିଶ୍ୱାଳ ଏକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ । ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ନେଇଥିଲେ । ହେଲେ ସେଠାରେ ପହଞ୍ଚିବା ବେଳକୁ ଘଟେଶ୍ୱରଙ୍କ ପିଣ୍ଡରେ ପ୍ରାଣ ନଥିଲା । ସ୍ୱାମୀଙ୍କୁ ଅସମୟରେ ହରାଇ ସସ୍ମିତା ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ ହେଁ ଏଭଳି ଏକ ଦୁଃଖଦ ମୁହୂର୍ତ୍ତରେ ସ୍ୱାମୀଙ୍କ ଆଖି ଦୁଇଟିକୁ ଦାନ କରାଇଥିଲେ । ବ୍ୟବଚ୍ଛେଦ ପରେ ସେ ଘଟେଶ୍ୱରଙ୍କ ଶବକୁ ଗାଁକୁ ଆଣିଥିବା ଜଣାପଡ଼ିଛି । କଟକ ଅଞ୍ଚଳର ସମାଜସେବୀ ଅଭିମନ୍ୟୁ ଦାସ ଏବଂ ଲଳିତ ରାଏଙ୍କ ଉପସ୍ଥିତିରେ ସେ ତାଙ୍କ ମୃତ ସ୍ୱାମୀଙ୍କର ଚକ୍ଷୁଦାନ କରିଥିବା ସୂଚନା ମିଳିଛି ।

ମାଓ ସୁଡ଼ଙ୍ଗରୁ ବୋମା ଓ ବନ୍ଧୁକ ତିଆରି ସାମଗ୍ରୀ ଠାବ

ମାଲକାନଗିରି, ୧୮।୧(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ସୁକମା ଓ ବିଜାପୁର ଜିଲ୍ଲା ସୀମାରୁ ଯବାନମାନେ ଆଜି ଏକ ବଡ଼ଧରଣର ମାଓ ସୁଡ଼ଙ୍ଗ (ଟନେଲ) ଠାବ କରିଛନ୍ତି । ସୁଡ଼ଙ୍ଗ ଭିତରୁ ବୋମା ତିଆରି ସାମଗ୍ରୀ, ବିପୁଳ ପରିମାଣର ବିଦ୍ୟୁତ୍ ତାର ସହ ବନ୍ଧୁକ ତିଆରି ମେସିନ ଓ ଅନ୍ୟ ବିସ୍ଫୋରକ ସାମଗ୍ରୀ ଠାବ ହୋଇଛି । ମାଓବାଦୀମାନେ ବଡ଼ଧରଣର ଆକ୍ରମଣ ପାଇଁ ଯୋଜନା କରୁଥିବା ବେଳେ ଏହି ବିପଜ୍ଜନକ ସମଗ୍ରୀଗୁଡ଼ିକ ସୁଡ଼ଙ୍ଗରେ ଲୁଚାଇ ରଖିଥିଲେ ବୋଲି କୁହାଯାଉଛି । ସେହିପରି ଦୁଇ ଦିନ ତଳେ ହୋଇଥିବା ଗୁଳି ବିନିମୟ ବେଳେ ଟପ୍ ମାଓନେତା ହିଡମା ଓ ଅନ୍ୟ କିଛି ମାଓବାଦୀ ଏହି ସୁଡ଼ଙ୍ଗ ଦେଇ ଖସି ଯାଇଥିବା କୁହାଯାଉଛି ।

ସୂଚନାଯୋଗ୍ୟ, ଦୁଇ ଦିନ ତଳେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ଏହି ଅଞ୍ଚଳରେ ୧୨ମାଓବାଦୀ ନିହତ ହୋଇଥିଲେ । ପରେ ଯବାନଙ୍କ ପକ୍ଷରୁ ଜୋରଦାର ତଲାସୀ ଅଭିଯାନ କରାଯାଇଥିଲା । ଘଞ୍ଚ ଜଙ୍ଗଲ ଭିତରେ ଏକ ବିରାଟ ଟନେଲ ତଥା ସୁଡ଼ଙ୍ଗ ଦେଖାଯାଇଥିଲା । ଏହି ତଲାସୀ ଅଭିଯାନ ଜାରି ରହିଥିବା ବେଳେ ଏଥିରେ ଡିଆରଜି ବିଜାପୁର, ସୁକମା, ଦାନ୍ତେୱାଡ଼ା, କୋବ୍ରା ଏବଂ ସିଆରପିଏଫ ୨୨୯ ବାଟାଲିୟନର ମିଳିତ ଟିମ୍ ସାମିଲ ଅଛନ୍ତି ।

ଧାନ ବୋଝେଇ ଟ୍ରାକ୍ଟର୍‌କୁ ଧକ୍କାଦେଲା ଟ୍ରକ୍; ଚାଷୀ ମୃତ

ଟାଙ୍ଗୀ/ନିରାକାରପୁର, ୧୮।୧(ସମିସ): ଶନିବାର ସକାଳ ପ୍ରାୟ ୬ଟା ରେ ୧୬ ନମ୍ବର ଜାତୀୟ ରାଜପଥ ଟାଙ୍ଗୀ ଥାନା ଅଧୀନସ୍ଥ ବ୍ରାହ୍ମଣୀ ଛକ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ରାସ୍ତାପାର୍ଶ୍ୱରେ ଅଟକିଥିବା ଏକ ଧାନ ବୋଝେଇ ଟ୍ରାକ୍ଟର୍‌କୁ ଗୋଟିଏ ଟ୍ରକ୍ ଧକ୍କା ଦେବା ଫଳରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ଏଥିରେ ଟ୍ରାକ୍ଟର୍ ଚାଳକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି । ମୃତକ ହେଲେ, ଜଙ୍କିଆ ଥାନା ସରପାରୀ ଗ୍ରାମର ଚାଷୀ ରବି ମହାରଣା(୬୦) । ଆହତ ଟ୍ରାକ୍ଟର ଚାଳକ ହେଲେ, ନବ କିଶୋର ପ୍ରଧାନ । ସୂଚନାନୁଯାୟୀ, ଆଜି ରବି ନିଜ ଅମଳ ଧାନକୁ ଟ୍ରାକ୍ଟର୍‌ରେ ଟାଙ୍ଗୀ ଚଣ୍ଡେଶ୍ୱରର ଏକ ମିଲ୍‌କୁ ନେଇ ଯାଉଥିଲେ । ୧୬ ନମ୍ବର ଜାତୀୟ ରାଜପଥ ବ୍ରାହ୍ମଣୀ ଗ୍ରାମ ନିକଟରେ ଏହି ଟ୍ରାକ୍ଟର୍‌କୁ ଏକ ଟ୍ରକ୍ ଧକ୍କା ଦେଇଥିଲା । ଫଳରେ ଟ୍ରାକ୍ଟର ଚାଳକ ନବକିଶୋର ଓ ଚାଷୀ ରବି ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ଚିକିତ୍ସା ପାଇଁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲ । ସେଠାରେ ରବିଙ୍କ ମୃତ୍ୟୁ ହୋଇଯାଇଥିଲା । ଟାଙ୍ଗୀ ପୁଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି ।

■ ଧାନଗଦା ସୁରକ୍ଷା ପାଇଁ ପଡ଼ିଥିଲା ତାର

ବିଦ୍ୟୁତ୍ ଆଘାତରେ ଚାଲିଗଲା ଚାଷୀଙ୍କ ଜୀବନ

ଭଦ୍ରକ/ଆରଡ଼ି,୧୮।୧(ସମିସ): ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅଧୀନସ୍ଥ ଶୀତଳପୁର ଗାଁର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି । ଗାଁର କାହ୍ନୁଚରଣ ପରିଡା ଓ ତାଙ୍କ ପୁଅ ଭଜମନ ପରିଡା ଖଳାରେ ଷଣ୍ଢ ଓ ଗୋରୁଙ୍କ ଦାଉରୁ ଧାନଗଦାକୁ ସୁରକ୍ଷା ଦେବା ପାଇଁ ବିଦ୍ୟୁତ୍ ତାର ବିଛାଇଥିଲେ । ତେବେ ଶୁକ୍ରବାର ସନ୍ଧ୍ୟାରେ ବିଛା ଯାଇଥିବା ବିଦ୍ୟୁତ୍ ତାର ସ୍ପର୍ଶରେ ଆସି ଗାଁର ରମେଶ ମାଝୀ(୪୮) ଗୁରୁତର ହୋଇ ତଳେ ପଡିଯାଇଥିଲେ । ରମେଶକୁ ଉଦ୍ଧାର କରାଯାଇ ପ୍ରଥମେ ଆରଡ଼ି ମେଡିକାଲ ଓ ପରେ ଭଦ୍ରକ ମେଡିକାଲକୁ ନିଆଯାଇଥିଲା । ବିଳମ୍ବିତ ରାତିରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି । ଏପରି ଘଟଣାକୁ ନେଇ ରମେଶଙ୍କ ପରିବାର ପକ୍ଷରୁ ଆରଡ଼ି ଫାଣ୍ଡିରେ ଅଭିଯୋଗ କ୍ରମେ କାହ୍ନୁ ପରିଡାକୁ ପୁଲିସ ଗିରଫ କରି ମାମଲା ରୁଜୁ କରିଛି । ଅନ୍ୟପଟେ ରମେଶର ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରାଯାଇଛି ।

ସମୁଦ୍ରରେ ବୁଡ଼ିଲା ମାଛଧରା ଟ୍ରଲର୍

ମୃତ୍ୟୁମୁଖରୁ ବର୍ତ୍ତିଲେ ୯ ମତ୍ସ୍ୟଜୀବୀ

ଚନ୍ଦନେଶ୍ୱର, ୧୮।୧ (ସମିସ): ମାଛ ଧରି ଫେରୁଥିବା ବେଳେ ମଝି ସମୁଦ୍ରରେ ବୁଡ଼ିଗଲା ଟ୍ରଲର୍ । କିନ୍ତୁ ସୌଭାଗ୍ୟକୁ ସେଥିରେ ଥିବା ୯ଜଣ ମତ୍ସ୍ୟଜୀବୀ ନିଶ୍ଚିତ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ବାଲେଶ୍ୱର ଜିଲ୍ଲା ସୀମାନ୍ତ ପଶ୍ଚିମବଙ୍ଗ ଦୀଘା ସମୁଦ୍ରରେ ଏପରି ଏକ ଅଘଟଣ ଘଟିଛି । ସୂଚନାଯୋଗ୍ୟ, ଗତକାଲି ଅପରାହ୍ଣରେ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତ ଦୀଘା ମୁହାଣ ନିକଟକୁ ସମୁଦ୍ରରୁ ମାଛ ଧରି ଫେରୁଥିବା ସମୟରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଟ୍ରଲରଟି ସମୁଦ୍ର ମଧ୍ୟରେ ଫସି ରହିଥିଲା । ତେବେ ଏହି ଟ୍ରଲରରେ ମାଛ ବୋଝେଇ ହୋଇ ରହିଥିବା ଯୋଗୁଁ ଅତ୍ୟଧିକ ଓଜନ ପାଇଁ ଧୀରେଧୀରେ ପାଣିରେ ବୁଡ଼ିଯାଇଥିଲା । ଖବର ପାଇ ସ୍ଥାନୀୟ ଉଦ୍ଧାରକାରୀ ଦଳ ପହଞ୍ଚି ସ୍ପିଡ୍ ବୋଟ ଯୋଗେ ୯ ଜଣ ମତ୍ସ୍ୟଜୀବୀଙ୍କୁ ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲେ । ସେମାନଙ୍କୁ ସ୍ଥାନୀୟ ଦୀଘା ହସ୍ପିଟାଲରେ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଅନ୍ୟପକ୍ଷରେ ଏହି ଟ୍ରଲର ଦୁର୍ଘଟଣାକୁ ନେଇ ସ୍ଥାନୀୟ ମେରାଇନ୍ ପୁଲିସ ଅଧିକ ତଦନ୍ତ ଚଳାଇଥିବା ସୂଚନା ମିଳିଛି ।

C-1503

OFFICE OF THE NOTIFIED AREA COUNCIL, KODALA
Odisha, Pin -761032, e-Mail: - nackodala@gmail.com

Lt. No. 89/Dev/2025 Dated: 18.01.2025

CORRIGENDUM

With reference to the e- Procurement notice no.13/NAC, dated 06/01/2025 and BID IDENTIFICATION No-KOD-NAC-01/2025-26 that appeared on website www.tenderodisha.gov.in on 08/01/2025 and published in the newspaper 7 jan- 2024 the modification needs to done as per below format. "

SL No.	Published in NIT	After rectification
1	2.Number of Work:-62 Nos	2.Number of Work:-11 Nos

N.B : All other terms & Conditions remains un changes as thereof in the original notice
Further details can be seen from the Procurement Portal: www.tendersorissa.gov.in

Executive Officer
Kodala NAC

OIPR-13203/11/0022/2425

C-1485 email: eephbhpt@gmail.com

GOVERNMENT OF ODISHA
OFFICE OF THE SUPERINTENDING ENGINEER, PUBLIC HEALTH DIVISION, BHAWANIPATNA
Parmanandpur, Railway Station Road, Bhawanipatna, Dist.- Kalahandi, Pin-766002

NATIONAL COMPETITIVE BIDDING THROUGH e-Procurement
Identification No. SEPH-BHPT-44 of 2024-25 / Dt. 15.01.2025
e-Procurement Notice

01.	Name of the Work	:	2 no Work.
02.	Type of Bid.	:	Double Bid System
03.	Estimated Cost	:	Rs. 86.36 lakh to 87.21 Lakh
04.	Period of Completion	:	4 Calendar Months
05.	Date & Time of availability of bid document in the portal	:	From 11.00 AM of dt. 22.01.2025 to 5.00 PM of 05.02.2025
06.	Last date / time of receipt of bids in the portal	:	5.00 PM of 05.02.2025.
07.	Date & Time of opening of technical bids	:	At 11.30 AM of 06.02.2024
08.	Name and Address of the Officer Inviting Bid	:	Superintending Engineer, P.H. Division, Bhawanipatna, Railway Station Road, At/Po- Parmanandpur, 766002 Dist- Kalahandi.

Further details can be seen from the web site http://tenders.ori.nic.in or www.tendersgrissa.gov.in

Superintending Engineer,
P.H. Division, Bhawanipatna

OIPR-13059/11/0017/2425

AFFIDAVIT
By an affidavit vide no. 273, dated 18.01.2025, before notary public Jeypore, Odisha, I Jami Suniita, W/o- Jami Laxman Rao, resident of Kailash Nagar, Gateguda, Po- Bariniput, Ps - Jeypore Sadar,Dist - Koraput has change my name to Jami Sunita Hence forth I shall be known as Jami Sunita for all purposes.

AFFIDAVIT
By the virtue of an affidavit sworn before the Executive Magistrate Mayurbhanj dated 18.01.2025 . I Mamatarani Giri ,W/O Asit Kumar Maharana , Vill/ Po :Manatri, PS: Baisinga , Dist: Mayurbhanj . Declare that I have changed my name from Mamata Giri to Mamatarani Giri. Hence Forth , I shall be known as Mamatarani Giri for all purpose.
Sd/- Mamatarani Giri

AFFIDAVIT
By virtue of an affidavit sworn before the Executive Magistrate, Dated 18.01.2025. I *Pitha Hansda* Address At- Benasole, Po-Hatikote, PS- Betnoti, Dist- Mayurbhanj, Pin- 757029 declare that I have changed my name from *Pitha Hansdah* to *Pitha Hansda*. Henceforth I will be known as *Pitha Hansda* for all purposes.

AFFIDAVIT
I, GIRIDHAR BISOI , S/O LATE LOKONATH BISOI ,Resident of Ghantraguda, Dasmantpur, Ps-Lulla Dist-Koraput, Odisha have changed the name of my minor son Imran Bisoi aged about 11 and he shall hereafter be known as Amit Kumar Bisoi for all future purposes.

AFFIDAVIT
I, Babita Kumari Chouhan, age about 30 years, D/o- Sajanlal Chouhan, resident of At- Tripathypada, Brajarajnagar, Dist- Jharsuguda, Odisha declared by this affidavit No. 42, dated- 17/01/2025, that now onwards I shall be known as BABITA CHOUHAN for all future purposes.

CERTIFICATE LOST
It is notified for the information that my original final degree M.tech Certificate and Marksheets vide Regd. No. 1007227004, Branch- Master of Technology in Computer Science and Engineering has been actually lost while I was going from Khordha bypass square to Bhubaneswar on dated 11.1.2025.
Name: Baidehi Jena
D/o Sushil kumar Jena
Address: Plot No. 330
Dumduma Housing Board Colony, Bhubaneshwar.
Dist-Khordha, Odisha-751019
Mob No. 8763700647

AFFIDAVIT
I, Priyanka Anil Deshmukh, W/o- Anil Kumar Deshmukh, resident of Batalane, Bhanjanagar, Ganjam, Odisha declared by this affidavit No. 166, dtd- 17/01/2025 that now onwards I shall be known as PRIYANKA DESHMUKH for all future purposes.

AFFIDAVIT
I, Rehematun Nesha, W/o- Sheikh Wasim Raja, resident of At- Chandpur, Po- Brahmabarada, Jajpur, Odisha declared by this affidavit No- 167, dtd- 17/01/2025 that now onwards I shall be known as REHEMATUN NESHAN for all future purposes.

AFFIDAVIT
I, Shaikh Mofizur Rehman, S/o- Shaikh Mujibur Rahman, resident of At- Plot No-83/2769, Maherpalli, Jharpada, Ps- Laxmi Sagar, Bhubaneswar, Dist- Khurda, Pin Code- 751006, Odisha declare by this affidavit No. 177, dtd- 18/01/2025 that now onwards I shall be known as SHAIKH MOFIZUR RAHMAN for all future purposes.

AFFIDAVIT
By virtue of an affidavit sworn before Executive Magistrate, Bhubaneswar on Dt 04.01.2025 I Sonam Priyadarshini Routray, W/o Ajaya Biswala, At- Nadiabag, Garedipanchan, Balipatna, Khordha-752102 declare that I have changed my name from SONAM PRIYADARSHINI ROUTRAY to SONAM PRIYADARHINI BISWALA. Henceforth I shall be known as SONAM PRIYADARSHINI BISWALA for all future purposes.

AFFIDAVIT
I, Anil Vasant Deshmukh, S/o- Basanta Deshmukh, resident of Bata Lane, Bhanjanagar, Po/Ps- Bhanjanagar, Dist- Ganjam, Pin- 761126, Odisha declare by this affidavit No.118, dated- 15/01/2025 that now onwards I shall be known as ANIL KUMAR DESHMUKH for all future purposes.

AFFIDAVIT
I, Awaindra Kumar Singh, S/o- Arjun Singh, resident of Mahavir Colony, Kanheipur, Jajpur Road, Jajpur, Pin- 755019 Odisha declare by this affidavit No. 2394, dated- 09/12/2024 that now onwards I shall be known as AWANINDRA KUMAR SINGH for all future purposes.

AFFIDAVIT
By this Affidavit No.33, Dt- 07.01.2025 , Balaji Sahoo, Vill - Bagalpur ,Po-Chakapada, Dist- Khurda. My son actual name is "Abhijit Sahoo" mentioned in his Birth Certificate. But in his Aadhar Card-429306899564 his name wrongly mentioned as Abhikit Sahoo instead of "Abhijit Sahoo". Both are same & one person.

AFFIDAVIT
By virtue of an affidavit I, Haseebur Rahamaan, S/o Habib Ali, At- Dilawargang, Subhas Chowk, PO - Rajgangpur, PS. - Rajgangpur, Dist - Sundargarh, Odisha - 770017 have changed my name from Haseebur Rahamaan to Haseebur Rahmaan. Henceforth I shall be known as HASEEBUR RAHMAAN, S/o Habib Ali for all future purposes.

AFFIDAVIT
I, Narayana Swamy Chethan Gowdigere, S/o- Adi Narayana Swamy Gowdigere, resident of At- J-408, Trident Galaxy Apartments, Kalinganagar, Ghatikia, Po- Baramunda Colony, Dist- Khurda, Pin- 751003, Odisha declare by this affidavit No. 51, dated- 17/01/2025 that now onwards I shall be known as CHETHAN N GOWDIGERE for all future purposes.

AFFIDAVIT
I, Hemant Kumar Singh, S/o- Om Prakash Singh, resident of At- Kanheipur, Po- Jajpur Road, Jajpur, Pin- 755019, Odisha declare by this affidavit No. 52, dated- 17/01/2025 that now onwards I shall be known as HEMANT SINGH for all future purposes.

AFFIDAVIT
I, Jayesh, S/o- Awanindra Kumar Singh, resident of Mahavir Colony, Kanheipur, Jajpur Road, Jajpur, Pin-755019 Odisha declare by this affidavit No. 2356, dated- 06/12/2024 that now onwards I shall be known as JAYESH SINGH for all future purposes.

AFFIDAVIT
I, Kamna Singh, age about 44 years, W/o- Awdhesh Kumar, resident of Qtr No: D- 173, Phase-1, Nalco Nagar, Nalco Square, Chandrasekahrpur, Bhuabneswar-751023, Odisha declared by this affidavit No. 43, dated- 17/01/2025, that now onwards I shall be known as KAMANA SINGH for all future purposes.

OFFICE OF THE PRINCIPAL
BIJAY CHAND SANSKRIT COLLEGE
SAMAGOL, KUJANG, JAGATSINGHPUR, PIN - 754141
EMAIL: principalbcs2017@gmail.com

ADVERTISEMENT

Applications are invited from the candidates for the post of Clerk-cum-DEO & Sweeper as contractual basis. Candidates for Clerk-cum-DEO must be a graduate with PGDCA and for the post of Sweeper having under matric qualification may apply with Bio-data, self attested photocopies of all the certificates and Mark Sheets and self addressed envelope with stamp by addressing to the "Principai-cum-Secretary, Bijay Chand Sanskrit College, Samagol, Kujang, Jagatsinghpur, PIN- 754141 by Regd. Post within 15 days from the date of advertisement.
The authority reserves the right to cancel/ postpone the interview without assigning any reason thereof.

Sd/- Principal-cum-Secretary
Bijay Chand Sanskrit College,
Samagol, Kujanga, Jagatsinghpur

ଏନଟିପିସି NTPC
ଏନ ଟି ପି ସି ଲିମିଟେଡ
(ଭାରତ ସରକାର/ଭାରତ ଉଦ୍ୟମ)

ନୋଟିସ୍
ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, ଲୋଧି-୭, ଷ୍ଟୋପ କମ୍ପ୍ଲେକ୍ସ, ୭-ଇଷ୍ଟିଚ୍ୟୁସନାଲ୍ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ ଫରକ୍କା ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ-୧ ଏବଂ ୨ (୧୬୦୦ ମେଗାୱାଟ୍)ର ଗରିଫ ନିର୍ଦ୍

ପାଣ୍ଡୁଗୁର ଖୁସି

ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ

"କିସରେ ଲାକିଆ ପାଣ୍ଡୁଗୁ (ସଂକ୍ରାନ୍ତି) ପାଇଁ ସଜବାଜ କେମିତି ! ଏଥର ଟିକେ ପାଗ ଭଲ ଅଛି । ଏ ବର୍ଷ ସଂକ୍ରାନ୍ତିଟା ସଂକ୍ରାନ୍ତି ଭଳି ଲାଗିବ ।"

"କାରାକୁ କଥା ମାତ୍ର ବୋଇଲୁ । ଦି ବର୍ଷ ଯୋଉ ବାଧା । ମାଫ୍ଟୁ ଦୟାରୁ ଏ ବର୍ଷ ସିନ୍ତି ନାହିଁ ମାତ୍ର ।" ଧାନ ବସ୍ତା ସିଲାଉ ସିଲାଉ ଉତ୍ତର ଫେରେଇଲା ଲାକିଆ ।

ଲାକିଆ, ଟିବୁ, ସନିଆ, ଜୁର ଓ ସାତି ପାଞ୍ଚଜଣ କୁଲି କାମ କରନ୍ତି । ଚାଷ ଦିନରେ ହଳ ଲଙ୍ଗଳ, କତି କାମ, ହିଡ଼ ଛଂଛା । ପଛକୁ ପଛ ତଳି ଝିଙ୍କିବା । ଚାଷବାସ ସରିଲେ କୁଲି କାମକୁ ପ୍ରସ୍ତୁତ । ପୁଣି ଧାନ ପାଚି ଆସିଲେ ଧାନ କଟା ଓ ବୁହା ଦଳରେ ସାମିଲ ହୋଇଯିବେ । ତେଣିକି ଅମଳ ବେଳେ ସ୍ଥାନୀୟ ଧାନ ମିଲ୍ ମାଲିକର କାମରେ ଜୁଟିଯିବେ । ମାଲିକ ଯେଉଁ ଚାଷୀର ଧାନ କିଣିବ, ସେଠି ଗାଡ଼ି ସହ ଯିବେ । ଧାନକୁ ଓଜନ କରିବେ । ସିଲେଇ କରି ଗାଡ଼ିରେ ଭରିବେ । ପୁଣି ମିଲ୍‌ରେ ଖାଲି କରି ଆଉ ଏକ ଚାଷୀ ନିକଟକୁ ଯିବେ । ଭାରି କଷ୍ଟ କାମ । କିନ୍ତୁ ଏସବୁ ଦେହସୁହା ହୋଇଯାଇଥିବାରୁ କଷ୍ଟ ଲାଗୁନି । ଦେହ ବି ବୋଲ ମାନି ନେଇଛି । ସଂକ୍ରାନ୍ତି ପୂର୍ବରୁ ଭାରି କାମ । ଶୀତ କାକରରେ ଟିକେ ଅଧିକ ପରିଶ୍ରମ କରିବାକୁ ପଡ଼େ । ସଂକ୍ରାନ୍ତି ଆସିଲେ ଛୁଟି । ମଉଜ ମସ୍ତି । ନୂଆ ଲୁଗାପଟା କିଣା ହେବ । କୁଣିଆମୈତ୍ର ଘରକୁ ଆସିବେ । ପୂର୍ବପୁରୁଷଙ୍କୁ ଶ୍ରାଦ୍ଧ ପିଣ୍ଡ ସରିଲା ପରେ ଖାଲି ମଜା ମଜଲିସ୍‌ରେ କଟିବ ସମୟ । ତେଣୁ ଗୋଟେ ମଜାରେ ସନିଆ ପଚାରି ଦେଲା ଏମିତି ପ୍ରଶ୍ନ ।

ଅସଲରେ ସଂକ୍ରାନ୍ତି ବୋଇଲେ ବେଶୀ ଖର୍ଚ୍ଚର ଦିନ । ଘରର ସମସ୍ତଙ୍କ ପାଇଁ ଲୁଗାପଟା କିଣିବାକୁ ହେବ । ଘରେ ଚୂନ ଧଉଳା । ଘର ଭର୍ତ୍ତି କୁଣିଆମୈତ୍ରଙ୍କୁ ଚର୍ଚ୍ଚା ଖର୍ଚ୍ଚ । ଦି ବର୍ଷ ପରେ ଟିକେ ଜାକଜମକରେ ପାଳିବା ଲାଗି ସଜବାଜ ପାଞ୍ଚ ବନ୍ଧୁଙ୍କର । ଦି ବର୍ଷ ପରର ପାଣ୍ଡୁଗୁରେ ଡବଲ ଦାଣ୍ଡୁଗୁ (ଅଯଥା ଖର୍ଚ୍ଚ) ହେବ ଏଥର । ସେଥିପାଇଁ ରାତିଦିନ ଏକ୍ କରି ଖଟୁଛନ୍ତି ସମସ୍ତେ । ହାତକୁ ଅଧିକା ଅର୍ଥ ଆସିଲେ ଖର୍ଚ୍ଚ କରିପାରିବେ ।

"ସଂକ୍ରାନ୍ତି ପାଇଁ ଦିଟା ଗଞ୍ଜା କିଣି ଦେଇଛି । ହେଲେ ଗୁଟେ ଜାଟି ହୋଇ ଯାଇଛି ।" ଲାକିଆ କହିଲା ।

"କିସ ହେଲା କି ?" ସନିଆ ପ୍ରଶ୍ନ ପଚାରିଲା ।

"ଆମର ପୁଅ ଗୁଟେ ଗଞ୍ଜାକୁ ବାଆଣଉଛି । କୁକୁଡ଼ା ଲଢ଼େଇରେ ଲଗେଇବ । ପାଠଶାଠ ପଢ଼ି ବି କେତେ ବୁଝେଇଲେ ମିଶା ବୁଝିବାର ନାହିଁ ସେ । କୋଉଠି ଗୁଟେ ଚାକିରି ମିଳିଲେ ଭଲ ହୋଇଥାନ୍ତା । ଏ ବେକାର କାମରେ ମୁଣ୍ଡ ଖଟେଇ ନଥାନ୍ତା । ଗଞ୍ଜା ଲଢ଼େଇ ଭଲ କାମ କି । ପାନୁ ଲଗେଇବେ । କୁକୁଡ଼ା ଲଢ଼େଇବେ । ଝଗଡ଼ାଝାଟି ହେବ । ଥାନା କଚେରୀ ହେଲେ ତା'ର ଜୀବନ କିସ ହେବ କହ? ମୁଁ ଜଣେ ଖଟିଖାଟି ମରୁଛି । ସେ ସେମିତି ହେଉଛି ।"

"ହଉରେ ପାଠ ପଢ଼ିଛି । ତା'ର ଜ୍ଞାନ ନାହିଁକି ! ତା'ର ଗୁଟେ ଶ୍ରଦ୍ଧା ବୋଲି କିଛି ନାଇଁ କି । କିସ ହୋଇଗଲା ଯେ ଏତେ ଟେନ୍‌ସନ୍ ହୋଇ ଯାଉଛୁ । କିଛି ହେବନି ସେମିତି । ସେ ଭଲ ପିଲା ।" ବୁଝାଇଲା ଭଳି କହିଲା ସନିଆ ।

ମଝିରେ ପଶି ଆସି ଟିବୁ କହିଲା – "ଏ ଯୁଗ ଅଲଗାରେ ବାବୁ । ଆମର ବେଳେ ସଂକ୍ରାନ୍ତି ଆଗରୁ ଭୋଗି ହେଉଥିଲା କିମିତି ଯେ ! କୁଆଡୁ କୁଆଡୁ କାଠ ଆଣି ଭୋଗି ନିଆଁରେ ପୋଡୁଥିଲୁ । ବାସୁଆ ବଳଦ ଆସୁଥିଲା । ବେକରେ ଘଣ୍ଟି ଥିବ । ଦେହରେ ବଢ଼ିଆ ଡ୍ରେସ୍ ଲାଗିଥିବ । ଗୀତ ଗାଇ ଗାଇ ଘର ଘର ବୁଲୁଥିଲେ ଦଳ ଦଳ ହୋଇ । ଆଉ ସମସ୍ତେ ଶଗଡ଼ ସବୁ ସଜେଇ ରଙ୍ଗ ଦେଇ ବୁଲଉଥିଲେ । ତାସ୍ ଖେଳ ହେଉଥିଲା । ଗଞ୍ଜା ଲଢ଼େଇ ବଢ଼ିଆ ହେଉଥିଲା । ଏବେ ଖାଲି ତୁଚ୍ଛା ମଦପାଣିରେ ସବୁ ଯାଉଛି ।"

"ଯୁଗରେ ବାବୁ ! ସମୟ ବଦଳୁଛି । ଏବେ ପିଲାମାନେ ମୋବାଇଲ ପିଚା । କାହାର କଥା ଶୁଣିବାର ନାହିଁ ।"

ଏତିକି କହି ରଡ଼ି ଛାଡ଼ିଲା ବସ୍ତା ସବୁ ଗାଡ଼ିରେ ଲୋଡ଼ କରିବାକୁ । ସମସ୍ତେ ଲାଗି ପଡ଼ିଲେ ଟ୍ରାକ୍ଟର ଟ୍ରଲିରେ ବସ୍ତା ଲୋଡ଼ କରିବାରେ । ନିମିଷକରେ ଗାଡ଼ିରେ ଭର୍ତ୍ତି ହୋଇଗଲା ଧାନ । ଟ୍ରାକ୍ଟର ଡାଲାରେ ସବା ଉପରେ ବସିଗଲେ ପାଞ୍ଚଜଣ । ଚାଲିଲା ଗାଡ଼ି । ବିଲ ରାସ୍ତାରେ ଦୋହଲି ଦୋହଲି ଗାଡ଼ି ଆଗେଇଲା । ସଂକ୍ରାନ୍ତିର ପାରିବାରିକ ଖର୍ଚ୍ଚ ହିସାବରେ ଲାଗି ପଡ଼ିଥିଲେ ପରସ୍ପର । ଖର୍ଚ୍ଚ ହେଲେ ବି ସମସ୍ତଙ୍କ ମନରେ ତଥାପି ପୁଳା ପୁଳା ଖୁସି । ଦି' ବର୍ଷ ପରେ ଭଲରେ ହେବ ସଂକ୍ରାନ୍ତି ପାଳନ ।

ହ୍ୟାପ୍ ପେଣ୍ଟରୁ ବିଡ଼ି କାଢ଼ି ନିଆଁ ଲଗେଇଲା ଲାକିଆ । ପୁଳେ ଧୂଆଁକୁ ନେଇ ଭକଭକ କରି ଛାଡ଼ିଲା । ଏତିକିବେଳେ ମୋବାଇଲ୍ ଫୋନ୍ ବାଜି ଉଠିଲା ।

ସେପଟୁ ପୁଅ କହିଲା – "ବାପା ! କୋଉଠି ଅଛ । ଶୁଣ ! ମୋର ପୋଲିସ ଚାକିରି ହୋଇ ଯାଇଛି । ଘରକୁ ଜଲଦି ଆସ । ଆଉ ଏମିତି ତୁମେ ଖଟିବା ଲୁଡାନି ବାପା ! ଏଣିକି ମୁଁ ଅର୍ଜିବି । ତୁମେ ବସିବ ।"

ଲାକିଆ ବିଡ଼ି ଫିଙ୍ଗି ଦେଲା । କିଛି କହି ପାରିଲାନି । ଭୋ ଭୋ ହୋଇ ପିଲା ପରି କାନ୍ଦିବାକୁ ଲାଗିଲା । ବାକି ସମସ୍ତେ ଛାନିଆ ହୋଇଗଲେ । ଲାକିଆ ଘରେ କିସ ଅସୁବିଧା ହୋଇଗଲା କି ?

ହାତରୁ ଫୋନ୍ ଛଡ଼େଇ ନେଇ ସନିଆ ପଚାରିଲା । ସେପଟୁ ପୁଅ କହିଲା ତା' ଚାକିରି ଖବର । ଖୁସିରେ ଫାଟି ପଡ଼ିଲା ସନିଆ । ଲାକିଆକୁ କୋଳେଇ ଦେଇ ଖୁବ୍ ଜୋର୍‌ରେ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ କହିଲା : "ଲାକିଆର ଦୁଃଖ ପଳେଇଲା । ତା'ର ପୁଅକୁ ପୋଲିସ ଚାକିରି ମିଳିଗଲା ।"

ସମସ୍ତେ ହୋ ହୋ ହୋଇ ରଡ଼ି ଛାଡ଼ିଲେ । ସଂକ୍ରାନ୍ତି ଅସରାଏ ଖୁସି ଆଣି ଦେଇଛି ଲାକିଆ ଘରକୁ । ତଥାପି ଲାକିଆ ହସି ପାରୁ ନଥିଲା । ଜୀବନ ତମାମ ଖଟି ଆସିଥିବା ମଣିଷ ପାଇଁ ଖୁସିର ଆବେଗ କିଛି ଅଲଗା ଥିଲା । ସାଙ୍ଗମାନେ ଟାପରା ଆରମ୍ଭ କରିବାକୁ ଲାଗିଲେ ଖୁସିରେ । ମୁଣ୍ଡ ଉପର ଆକାଶ ଓ ଚାରିପଟର ପୃଥିବୀ ଏବେଠୁ ସଂକ୍ରାନ୍ତିମୟ ଲାଗୁଥିଲା ଲାକିଆ ପାଇଁ ଯେମିତି । ସତରେ ଏଥର ପାଣ୍ଡୁଗୁ ମୋଟେ ଦାଣ୍ଡୁଗୁ ହେବନି ନିଶ୍ଚିତ । ■

ଇନ୍ଦିରା ନଗର, ଚତୁର୍ଥ ଗଳି
ରାୟଗଡ଼ା -୭୬୫୦୦୧
ମୋ: ୯୪୩୭୯୦୯୬୭୧

ନିଜ ଭିତରେ ପୋତି ହୋଇଯାଉଥିବା ସମୟ

ଡ. ପ୍ରହ୍ଲାଦ ଶତପଥୀ

ଠିକ୍ ଏଇମିତି ଆସିଥିଲା
କୋଳାହଳର ପସରା ମେଲେଇ
ଗଲାବେଳେ ନୀରବରେ ଚାଲିଗଲା ।

ସେମାନେ ସଭିଏଁ ପହଞ୍ଚି ଯିବେଣି
ମୁଁ ମୋ ଭିତରେ ପୋତି ହୋଇଯିବି ।
ମୋ କଫିନ୍ ଚାରିପଟେ ମୁଠାଏ ମୁଠାଏ ମାଟି ଦେଇ
ସଭିଏଁ ଫେରିଯିବେ,
ଯିଏ ଯେଉଁମିତି ଆସିଥିଲା ଠିକ୍ ସେଇମିତି ।

ନିଜକୁ ନିଜେ ଚାରିଚଉତା କରି,ନିଜ ବୋଝକୁ ନିଜେ ହିଁ
ବୋହି ଚାଲିବାକୁ ହୁଏ,
ନିଜ ଭିତରେ ନିଜେ ପୋତି ହୋଇଯାଉଥିବା ସମୟ
କେଉଁ ପ୍ରତ୍ନତତ୍ତ୍ୱବିତ୍‌ର ପ୍ରତୀକ୍ଷାରେ,
ଯିଏ ଆସି କହିଦେବ ଇଏ ତମ ମହେଞ୍ଜୋଦାରୋ,
ଇଏ ହରପ୍ପା ।

ଏଯାଏଁ ଫୁଲ ଝରିନି,ଡେମ୍ଫରେ କିନ୍ତୁ କଢ଼ର ଭିଡ଼
କ'ଣଟା ଉଣା ହୋଇଯିବ ଯେ ଗଛର
ଫୁଲଟିଏ ଝରିଗଲେ,ବର୍ଷଟିଏ ଗଡ଼ିଗଲେ?

କ'ଣଟା ବଦଳି ଯିବ ଯେ,
ଥୁର୍ ଥୁରିଆ ଶୀତରେ ଶୋଇ ପଡୁଥିବା ଫୁଟ୍‌ପାଥର,
ବଢ଼ିପାଣିରେ ଭାସିଯାଇ ବିଲବାଡ଼ିରେ ପଡ଼ିରହିଥିବା
ପଟୁମାଟିର
କେରୋସିନ୍‌ର ଦର ବଢ଼ିଗଲେ ଅନ୍ୟ ପନ୍ଥା ଧରିନେବ
ଶାଶୂର ଗଞ୍ଜଣା ସହି ପାରୁନଥିବା ମଖମଲି ପାଟର
ସାଧବ ବୋହୂ,
ସମୟ ଠିକ୍ ଆଗ ଭଳି ଦସ୍ତକ ଦେଇ ଚାଲିଥିବ
ମଲା ଆଗରୁ ଖୋଜିନେବ ଭୂତାଣୁ ଆଉ ଏକ ଜୀଅନ୍ତା ମଣିଷ
ସଂଗରୋଧ ଥିଲା, ଅଛି,ରହିବ
ମୁଖାପିନ୍ଧା ମଣିଷମାନେ ଥିଲେ,ଅଛନ୍ତି,ରହିବେ ।

ଦିନ ସବୁରେ କେବଳ ଯାହା କିଛିଟା ଅଦଳ ବଦଳ
ନୂଆଁବର୍ଷରେ,
ବେଶ୍ କିଛିଟା ତପ୍‌ରତା ସମୟର ମେଟରନିଟି ୱାର୍ଡରେ
ଶ୍ମଶାନରୁ ଏଯାଏଁ ସେମାନେ ଫେରି ନାହାନ୍ତି
ସେପଟେ ଘରେ କୁଆଁକୁଆଁ ରାବ!
କିଛି ବି ନୂତନତ୍ୱ ନଥାଏ ପୁରୁଣା ପୃଥିବୀର ଏଇ
ନୂତନ ବର୍ଷରେ ।■

ଟିକ୍ରାପଡା,ବଲାଙ୍ଗୀର
ପିନ୍: ୭୬୭୦୦୧
ମୋ: ୯୪୩୭୧୫୦୯୫୧

ପ୍ରେମକୁ ବୁଝି ହେଲାନି

ସେନାପତି ପ୍ରଦ୍ୟୁମ୍ନ କେଶରୀ

ସେଦିନ ସଞ୍ଜବେଳେ ଯାହା
ମୋ ଛାତି ଭିତରୁ ଖସି ପଡ଼ିଲା
ତାହା କ'ଣ ଥିଲା ?

କଳିଜାର ଟୁକୁଡ଼ା
ନା ଚାପା କାନ୍ଦର ମଉଳା ପାଖୁଡ଼ା?

ଛେଉଣ୍ଡ ମନର ଛିଣ୍ଡା ଚେହେରାସବୁ
କେବେହେଲେ କାହାର ଆଖିରେ ପଡ଼େନା
କୋଉ ନଡ଼ିଆ ରସୁଆଳ
କୋଉଟା ଭୂତଖିଆ
ବାହାରୁ ଦେଖିଲେ ଜାଣି ହୁଏନି
ଦି'ଫାଳ କଲେ ଦିଶେ ପୋଡ଼ା ଅଙ୍ଗାର !

ସମସ୍ତେ ଭାବନ୍ତି, କାନ୍ଦ ଗୋଟେ ଡିଆଁ ରୋଗ
ଆଖିରୁ ଆଖିକୁ ଡେଇଁ
କେତେ କେତେ କଳିଜାରେ ଲଗାଏ ଅକାରଣ ଦାଗ ।

ଥରକୁ ଥର ନାରଖାର ହେଲେ ବି
କେଡ଼େ ସୁନ୍ଦର ବାଗରେ ପୁଣି
ସୁନ୍ଦର ସବୁଜିମାରେ
ନିଜକୁ ସଜେଇ ଦିଏ ବଗିଚାଟି
ଥୁଣ୍ଟା ଡାଳସବୁ
ନୂଆ ଭାବର ଉଦ୍‌ବେଳନରେ ଉଛୁଳି ଉଠନ୍ତି
କେବେ କେବେ ଶ୍ରାବଣ କି ଫଗୁଣ
ଯେତେ ଆଉଁଶିଲେ ବି
ଜମା ଆଖି ଖୋଲେନି ଥୁଣ୍ଟା ମାଟି ।

ସତ କଥା ହେଲା
ପ୍ରେମକୁ କେବେ ଠିକ୍‌ରେ ବୁଝି ହେଲାନି ।

ଯାବତୀୟ ଆକ୍ରମଣର କବଳରୁ
କୁନି କୁନି ତାରାମାନଙ୍କୁ ଉଦ୍ଧାର କରି ହେଲାନି ।■

'ସାଇ ସର୍ଜନା' ଜଗନ୍ନାଥ କଲୋନୀ
ବାଲିକୁଦା, କଟକ -୭୫୩୦୧୧
ମୋ: ୬୩୭୧୫୨୩୫୯୮

ସତ୍ୟବାଦୀ ସାହିତ୍ୟର ବୈଶିଷ୍ଟ୍ୟ

ଡକ୍ଟର ହେମନ୍ତ କୁମାର ଛୋଟରାୟ

ଓଡ଼ିଆ ସାହିତ୍ୟରେ ୧୯୦୯ଠାରୁ ୧୯୨୧ ମସିହା ପର୍ଯ୍ୟନ୍ତ ଲିଖିତ ସାହିତ୍ୟକୁ ସମାଲୋଚକମାନେ ସତ୍ୟବାଦୀ ଯୁଗ ନାମରେ ନାମିତ କରିଛନ୍ତି । 'ସତ୍ୟବାଦୀ ବନବିଦ୍ୟାଳୟ', 'ସତ୍ୟବାଦୀ' ସାହିତ୍ୟ ପତ୍ରିକା ପ୍ରକାଶନ ଓ ସତ୍ୟବାଦୀର ଆରାଧନା ଯୋଗୁଁ ଏହି ଯୁଗର ସାଧକମାନେ ଯେଉଁ ଚେତନାର ବିକାଶ ଘଟାଇଛନ୍ତି, ତାହା ସତ୍ୟବାଦୀ ଚେତନା ରୂପେ ଗୃହୀତ । ଆଧୁନିକ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିବା ଦିଗରେ ଏହି ମନସ୍ୱୀ ସ୍ରଷ୍ଟାମାନଙ୍କ ସାମୂହିକ ପ୍ରଚେଷ୍ଟା ଆଜି ଅବିସ୍ମରଣୀୟ ଇତିହାସ । ଏହି ସାଧକମାନଙ୍କ ମଧ୍ୟରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଅଗ୍ରଭାଗରେ ରହିଥିଲେ ହେଁ ପଣ୍ଡିତ ନୀଳକଣ୍ଠ, ପଣ୍ଡିତ ଗୋଦାବରୀଶ, ଐତିହାସିକ କୃପାସିନ୍ଧୁ ଓ ଆଚାର୍ଯ୍ୟ ହରିହରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । ଏହି ଯୁଗର ବିଦ୍ୱାଣିମାନଙ୍କ ସର୍ଜନାରେ ମୁଖ୍ୟତଃ ଜାତୀୟବାଦ, ଆଧ୍ୟାତ୍ମିକତା, ଐତିହାସିକ ଅନୁଶୀଳନ, ମୁକ୍ତିଗାଥା, ମାନବପ୍ରେମ ଓ ସାମାଜିକ ଚିତ୍ର ପ୍ରତିଫଳିତ ହୋଇଛି ।

ଜାତୀୟତାର ଚେତନା ସର୍ବାଧିକ ପ୍ରତିଫଳିତ ହୋଇଛି ଗୋପବନ୍ଧୁଙ୍କ ରଚନାରେ । ଜାତୀୟ ଜୀବନର ବିକାଶ ପାଇଁ ସେ ନିଜକୁ ତିଳତିଳ ଦଗ୍ଧ କରିଛନ୍ତି । ଜାତି ପାଇଁ ଭଲ ମଣିଷମାନଙ୍କ ଆବଶ୍ୟକତାକୁ ଉପଲବ୍ଧି କରି ସେ ଆରମ୍ଭ କରିଥିଲେ, ମଣିଷଗଢ଼ା କାରଖାନା ଇତିହାସ ପ୍ରସିଦ୍ଧ 'ବନବିଦ୍ୟାଳୟ' । ଭାରତର ମୁକ୍ତି ସଂଗ୍ରାମ ପାଇଁ ବନବିଦ୍ୟାଳୟର ଶିକ୍ଷକ ଗୋଷ୍ଠୀ ପ୍ରାଣପଣେ ଉଦ୍ୟମ କରିଥିଲେ । ଏହି ସମସ୍ତ ପ୍ରଜ୍ଞାପୁରୁଷଙ୍କ ତ୍ୟାଗ ଅତୁଳନୀୟ ଥିଲା । କେବଳ ଗୋପବନ୍ଧୁ ନୁହଁନ୍ତି, ନୀଳକଣ୍ଠ, କୃପାସିନ୍ଧୁ, ଗୋଦାବରୀଶ ମଧ୍ୟ ନିଜ ରଚନାରେ ଜାତୀୟତାକୁ ପ୍ରାଧାନ୍ୟ ଦେବାରେ ଅବହେଳା କରିନାହାନ୍ତି । ଅନ୍ୟ ସହକର୍ମୀଙ୍କ ସହିତ ନିଜେ ଗୋପବନ୍ଧୁଙ୍କ ଦୃଷ୍ଟିକୋଣ ହେଉଛି -

"ଜାତୀୟ ମମତା ବିଶ୍ୱଜନ ପ୍ରୀତି,
ଉତ୍କଳବାସୀର ହେଉ ଏହା ନୀତି ।"

ଗୋପବନ୍ଧୁଙ୍କ ରଚନା ମଧ୍ୟରେ 'ଅବକାଶ ଚିନ୍ତା', 'କାରାକବିତା', 'ବନ୍ଦୀର ଆତ୍ମକଥା', 'ଧର୍ମପଦ'; ନୀଳକଣ୍ଠଙ୍କ 'କୋଣାର୍କେ', 'ଖାରବେଳ', 'ଆର୍ଯ୍ୟଜୀବନ'; ଗୋଦାବରୀଶଙ୍କ 'କଳିକା', 'ଆଲେଖିକା', 'କିଶଳୟ', 'ପୁରୁଷୋ ମଦେବ', 'ମୁକୁନ୍ଦଦେବ', 'ଅଭାଗିନୀ', 'ଗଳ୍ପମାଳା', 'ପୁଆଣିଘର' ଓ କୃପାସିନ୍ଧୁଙ୍କ 'ବାରବାଟୀ', 'କୋଣାର୍କ' ଆଦି ପୁସ୍ତକ ଜାତୀୟ ଚେତନାରେ ସମୃଦ୍ଧ ଗୋଟିଏ ଗୋଟିଏ ଅମୂଲ୍ୟ ଦସ୍ତାବିଜ୍ । ଏପରିକି ବହୁବର୍ଷ ଧରି ଉଚ୍ଚଶିକ୍ଷା ପାଠ୍ୟକ୍ରମରେ ରହିଆସିଥିବା କୃପାସିନ୍ଧୁଙ୍କ 'କା' ପ୍ରବନ୍ଧ ମଧ୍ୟ ଜାତୀୟ ଚେତନାର ଏକ ମହତ୍ତ୍ୱପୂର୍ଣ୍ଣ ବିଚାର କହିଲେ ଅତ୍ୟୁକ୍ତି ହେବନାହିଁ । ଭାରତବର୍ଷ ଭଳି ସମୃଦ୍ଧିଶାଳୀ ଦେଶର ସୌଧ ଦଣ୍ଡାୟମାନ ହୋଇଛି ଆଧ୍ୟାତ୍ମିକତାର ଭିତ୍ତି ପ୍ରସ୍ତର ଉପରେ । ଏ ଦେଶର ପ୍ରାଚୀନ ସାହିତ୍ୟରୁ ଆଧୁନିକ ସାହିତ୍ୟ ଯାଏଁ ସବୁ ସାହିତ୍ୟରେ ଆଧ୍ୟାତ୍ମିକତାର ବାର୍ତ୍ତା ଭରପୂର ରହିଛି । ଓଡ଼ିଆ ସାହିତ୍ୟରେ ମଧ୍ୟ ସାରଳା ଦାସଙ୍କଠାରୁ ଆରମ୍ଭ କରି ବଳରାମ, ଜଗନ୍ନାଥ, ଯଶୋବନ୍ତ, ଅନନ୍ତ ଆଦି ସିଦ୍ଧସାଧକମାନେ ଯେଉଁ ସଚ୍ଚସାହିତ୍ୟର ଅପୂର୍ବଧାରା ସୃଷ୍ଟି କଲେ, ତାହା ଓଡ଼ିଆ ସାହିତ୍ୟକୁ ମର୍ଯ୍ୟାଦାବନ୍ତ କରିବାରେ ସହାୟକ ହୋଇଆସିଛି । ସତ୍ୟବାଦୀ ସାହିତ୍ୟ ସ୍ରଷ୍ଟାମାନେ ମଧ୍ୟ ତାଙ୍କ ଅମୂଲ୍ୟ ସୃଷ୍ଟିରେ ଧର୍ମ, ଆଧ୍ୟାତ୍ମିକ ଚେତନା ଓ ଈଶ୍ୱରଭକ୍ତିକୁ ପ୍ରାଧାନ୍ୟ ଦେଇଛନ୍ତି । ଗୋପବନ୍ଧୁଙ୍କ 'ଗୋମାହାତ୍ମ୍ୟ', 'ନଚିକେତା ଉପାଖ୍ୟାନ'; ନୀଳକଣ୍ଠଙ୍କ 'ଭକ୍ତିଗାଥା', 'ଆର୍ଯ୍ୟଜୀବନ'; ଗୋଦାବରୀଶଙ୍କ 'କଳିକା', 'କୁସୁମ', 'କବିତା ଚୟନ', 'ଗୀତିଗୁଚ୍ଛ; କୃପାସିନ୍ଧୁଙ୍କ 'ଲୀଳା' ପ୍ରବନ୍ଧ ଆଦିରେ ଆଧ୍ୟାତ୍ମିକତାର ଜ୍ୱଳନ୍ତ ଛବି ପ୍ରକଟିତ ହୋଇଛି । ନୀଳକଣ୍ଠଙ୍କ ଭକ୍ତିଗାଥାର -

"ଜୀବନ ମରଣ ସମ, ସବୁ ଯେ ତୁମ୍ଭରି
ବିଳାସ ବ୍ୟସନ ପାପ ପୁଣ୍ୟ ଅନୁଷ୍ଠାନ
ନିରାଶ ଅନ୍ତରେ ଯାଏ ତବ ଆଶା ଧରି
ଦୁର୍ବଳ ମୁଁ ତବ ବଳେ ମହାବଳୀୟାନ ।
ସ୍ମରି ତବ ସେ ବିଭୂତି ଦେବାର୍ଚ୍ଚନ କରେ ନିତି
ନ ଗଣି ସେ ଅର୍ଚ୍ଚନାରେ ଫଳର ଭିଆଣ ।।"

ପଙ୍କ୍ତିରେ ରହିଛି ଧର୍ମ ଦର୍ଶନ, ଭକ୍ତି ପୁଷ୍ପାଞ୍ଜଳି ଓ ଆଧ୍ୟାତ୍ମିକତାର ସମଧୁର ବାର୍ତ୍ତା, ଯାହା ସତ୍ୟବାଦୀ ସାହିତ୍ୟଯୁଗର ଅନ୍ୟତମ ବୈଶିଷ୍ଟ୍ୟ । ଇତିହାସର ଅନୁଶୀଳନ ଗୋଟିଏ ଜାତିର ଭବିଷ୍ୟତକୁ ସୁଦୃଢ଼ କରିଥାଏ । ଓଡ଼ିଶାର ଇତିହାସ ସେତେବେଳେ ଅଣଓଡ଼ିଆ ପ୍ରଶାସକମାନେ ଲେଖୁଥିଲେ । ତହିଁରେ ଅନେକ ଭୁଲ୍ ତଥ୍ୟ ପରିବେଷିତ ହେଉଥିଲା, କିନ୍ତୁ ଏଥିରେ ସଂସ୍କାର ଆଣି ଆମ ଓଡ଼ିଆ ଜାତିର ବୀରତ୍ୱଗାଥାକୁ ଅନୁଶୀଳନ କରିଥିଲେ ସତ୍ୟବାଦୀ ସ୍ରଷ୍ଟାଗଣ । ଆମମାନଙ୍କ ଶୌର୍ଯ୍ୟ-ବୀର୍ଯ୍ୟର ପ୍ରତୀକ ହେଉଛି କୃପାସିନ୍ଧୁଙ୍କ 'ବାରବାଟୀ ଦୁର୍ଗ' ପୁସ୍ତକ, ଯାହା ପ୍ରତ୍ୟେକଙ୍କ ମନରେ ନବଜାଗରଣ ସୃଷ୍ଟି କରିଥିଲା । ସେହିପରି ଗୋପବନ୍ଧୁଙ୍କ 'ଧର୍ମପଦ', ନୀଳକଣ୍ଠଙ୍କ 'କୋଣାର୍କେ', 'ଖାରବେଳ'; ଗୋଦାବରୀଶଙ୍କ 'ପୁରୁଷୋ ମଦେବ', 'ମୁକୁନ୍ଦଦେବ' ନାଟକ ଓ କୃପାସିନ୍ଧୁଙ୍କ 'କୋଣାର୍କ', 'ଉତ୍କଳର ଇତିହାସ' କେବଳ ଐତିହାସିକ ଘଟଣାବଳୀକୁ ନେଇ ରଚିତ ହୋଇନାହିଁ ବରଂ ଏଥିରେ ଓଡ଼ିଆ ଜାତିର ଦେଶପ୍ରେମ ଓ ଗୌରବଗାଥାର ମାର୍ମିକ ଅନୁଶୀଳନ ପରିସ୍ଫୁଟ । ଅନୁବାଦ ହିଁ ଭାଷାଗତ ବିବିଧତାକୁ ଦୂର କରି ସାର୍ବଜନୀନ ପାଠକୀୟତା ସୃଷ୍ଟି କରିବାକୁ ସକ୍ଷମ ହୋଇଥାଏ । ସାହିତ୍ୟକ୍ଷେତ୍ରରେ ଅନ୍ୟର ଅନୁଭୂତିକୁ ଅନୁଭବ କରିବା ପାଇଁ ଅନୁବାଦ ଏକ ମିଳନ ମଞ୍ଚ । ସତ୍ୟବାଦୀ ସୃଜନସ୍ରଷ୍ଟାମାନେ ଏ ଦିଗରେ ଯତ୍ନବାନ ହୋଇ ନିଜର ଲେଖନୀ ଚଳାଇ ଓଡ଼ିଆ ସାହିତ୍ୟକୁ ରଦ୍ଧିମନ୍ତ କରିବାକୁ ଆଗେଇ ଆସିଛନ୍ତି । ଏହା ପୂର୍ବରୁ ଫକୀରମୋହନ, ରାଧାନାଥ ପ୍ରମୁଖ ଲେଖକ ଅନୁବାଦ କ୍ଷେତ୍ରରେ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ ହେଁ ଗୋପବନ୍ଧୁ ସଂସ୍କୃତ ମହାଭାରତରୁ 'ଗୋ-ମାହାତ୍ମ୍ୟ', 'ବ୍ରହ୍ମତତ୍ତ୍ୱ ବା ନଚିକେତା ଉପାଖ୍ୟାନ', ନୀଳକଣ୍ଠ ଟେନସନ୍‌ଙ୍କ 'ଦି ପ୍ରିନ୍‌ସେସ୍'ରୁ 'ପ୍ରଣୟିନୀ', ଟେନସନ୍‌ଙ୍କ 'ଏନୋକ ଆର୍ଡେନ୍'ରୁ 'ଦାସନାଏକ'; ଗୋଦାବରୀଶ ଟେନିସନ୍, ୱାର୍ଡସ୍‌ୱାର୍ଥ, ୱାଲ୍‌ଟର୍ ସ୍କଟ୍ ପ୍ରମୁଖଙ୍କ କବିତାରୁ 'ଚୟନିକା', ଷ୍ଟିଭେନ୍‌ସନ୍‌ଙ୍କ ଉପନ୍ୟାସ 'ଡ.ଜେକ୍‌ଲି ଆଣ୍ଡ ମି.ହାଇଡ୍'ରୁ 'ଘଟାନ୍ତର', ଡିକେନ୍‌ସନ୍‌ଙ୍କ ଉପନ୍ୟାସ 'ଏ ଟେଲ୍ ଅଫ୍ ଟୁ ସିଟିଜ୍'ରୁ 'ଅଠରଶହ ସତର'; ଆଚାର୍ଯ୍ୟ ହରିହର ସଂସ୍କୃତ ଗୀତା ଓ ଉପନିଷଦରୁ 'ଶ୍ରୀମଦ୍‌ଭଗବଦ୍‌ଗୀତା', 'ଉପନିଷଦ' ଆଦି ଅନୁ

ନିଯୁକ୍ତି ନାଁରେ ଲକ୍ଷାଧିକ ଠକେଇ; ୨ ଗିରଫ

ବଲାଙ୍ଗିର, ୧୮।୧(ସମିସ): ନିଯୁକ୍ତି ଦେବାକୁ କହି ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ଏକ ବଡ଼ଧରଣର ରାକେଟର ପର୍ଦ୍ଦାଫାସ୍ କରିଛି ବଲାଙ୍ଗିର ପୁଲିସ୍। ଏହି ଘଟଣାରେ ପୁଲିସ୍ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଢେଙ୍କାନାଳ ଜିଲ୍ଲା କଣ୍ଟାବଣିଆ ଥାନା ଅଧୀନ ମଙ୍ଗଳାପୁର ଗ୍ରାମର ମାତୃପ୍ରସାଦ ସେଠୀ(୫୪) ଏବଂ କୋଲକାତା ରବୀନ୍ଦ୍ର ନଗରର ଗୋପାଳ କୁମାର (୩୫)। ସେମାନଙ୍କଠାରୁ ୨ ଲକ୍ଷ ୭ ହଜାର ଟଙ୍କା, ୨୫ଟି କମ୍ପ୍ୟୁଟର ଏବଂ ପ୍ରିଣ୍ଟର, ୧୨ଟି ମୋବାଇଲ ଫୋନ, ୮ଟି ସିମ୍‌କାର୍ଡ, ୧ଟି କାଉଣ୍ଟର ସିଲ, ୨୪ଟି ବ୍ୟାଙ୍କ ପାସବୁକ୍ ଏବଂ ଏଟିଏମ କାର୍ଡ, ୧୫ ଟି ନକଲି ପରିଚୟପତ୍ର ସହ ଅନ୍ୟାନ୍ୟ ପ୍ରମାଣପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ରିଜର୍ଭ ପୁଲିସ୍ କାର୍ଯ୍ୟାଳୟଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବଲାଙ୍ଗିର ଏସ୍‌ପି ଋଷିକେଶ ଖିଲାରୀ ଏହି ସୂଚନା ଦେଇଛନ୍ତି। ଏସ୍‌ପି କହିଥିଲେ ଯେ ମୁଖ୍ୟ ଅଭିଯୁକ୍ତ ମାତୃପ୍ରସାଦ ସେଠୀ ଓ ସହଯୋଗୀ ଗୋପାଳ କୁମାର ବିଭିନ୍ନ ନାମରେ ସଂସ୍ଥା ଖୋଲି ସେଥିରେ ନିବେଶ କରିବାକୁ ଲୋକଙ୍କୁ ପ୍ରବର୍ତ୍ତାଉଥିଲେ। ଏହି ସଂସ୍ଥାକୁ ବିଦେଶରୁ ଟଙ୍କା ଆସିବ କହି ସାଧାରଣଙ୍କୁ ଭୁଆଁ ବୁଲାଉଥିଲେ।

ମୁମୂର୍ଷୁ ଅବସ୍ଥାରେ ଜଙ୍ଗଲରୁ ଯୁବତୀ ଉଦ୍ଧାର ହେବା ଘଟଣା

ପୀଡ଼ିତାଙ୍କ ଘରେ ବିଜେଡି ଟିମ୍

ବରଗଡ଼, ୧୮।୧(ସମିସ): ଧନୁଯାତ୍ରାରୁ ନିଖୋଜ ଜଣେ ଯୁବତୀ ୪୮ଘଣ୍ଟା ପରେ ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର ହେବା ଘଟଣାରେ ଆଜି ବିଜେଡିର ଏକ ପ୍ରତିନିଧିଦଳ ବରଗଡ଼ସ୍ଥିତ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜ୍ଞାପନ କରିବା ସହ ତଥ୍ୟ ଅନୁସନ୍ଧାନ କରିଛନ୍ତି। ଏଭଳି ଏକ ସ୍ପର୍ଶକାତର ଘଟଣାରେ ପୁଲିସ୍‌ର ନିଷ୍କ୍ରିୟତାକୁ ନେଇ ପ୍ରତିନିଧିଦଳ ଆଶ୍ଚର୍ଯ୍ୟ ପ୍ରକଟ କରିବା

ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଓ ପୀଡ଼ିତାଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ ଦାବି

୧୨ଘଣ୍ଟିଆ ବନ୍ଦ ଡାକରା ଦେଲା ଯୁବକ ସଂଘ

ସହ ସରକାରଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ରାଜନୈତିକ ଚାପର ବଶବର୍ତ୍ତୀ ହୋଇ ପୁଲିସ୍ ଦୋଷୀଙ୍କୁ ଘଣ୍ଟ ଘୋଡ଼ାଇବାକୁ ଉଦ୍ୟମ କରୁଛି ବୋଲି ବିଜେଡି ଅଭିଯୋଗ କରିଛି। ଏହାସହ, ରାଜ୍ୟରେ ଆଇନଶୃଙ୍ଖଳା ପୂରା ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦିଅନ୍ତୁ ବୋଲି ଦଳ ପକ୍ଷରୁ ଦାବି କରାଯାଇଥିଲା। ପରେ ପ୍ରତିନିଧିଦଳ ବରଗଡ଼ ଏସ୍‌ପିଙ୍କୁ ସାକ୍ଷାତ କରି ତୁରନ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛନ୍ତି। ତୁରନ୍ତ ନ୍ୟାୟ ନ ମିଳିଲେ, ଆଗାମୀ ଦିନରେ ବିଜେଡି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ତେବେ ଏହି ଅବସରରେ ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ମୀନା କହିଥିଲେ ଯେ ଜିଲ୍ଲା ତଥା ଜିଲ୍ଲା ବାହାରକୁ ପୁଲିସ୍‌ର କିଛି ଟିମ୍ ଯାଇଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ।

ସୂଚନାଯୋଗ୍ୟ, ଏହି ପ୍ରତିନିଧିଦଳରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର, ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀ, ଆଇନଜୀବୀ ଅନୁପ ଶତପଥୀ ଓ ଜିଲ୍ଲା ପରିଷଦ ସଭ୍ୟାବୃନ୍ଦଙ୍କ ସମେତ ବହୁ ସ୍ଥାନୀୟ ବିଜେଡି ନେତା ସାମିଲ ଥିଲେ। ଅପରପକ୍ଷେ ଏହି ଘଟଣାରେ ଆଜି ବରଗଡ଼ ଅଗ୍ରଗାମୀ ଯୁବକ ସଂଘ ପକ୍ଷରୁ ମଙ୍ଗଳବାର ଦିନ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏକ ସର୍ବଦଳୀୟ ବୈଠକରେ ଆଜି ଏହି ନିଷ୍ପତ୍ତି ନିଆଯାଇଛି। ବୈଠକରେ ବରଗଡ଼ ବାର୍ ଆସୋସିଏସନ୍ ସହ ବିଜୁ ଜନତା ଦଳ, ବରଗଡ଼ ଜିଲ୍ଲା କଂଗ୍ରେସ, ଆପ୍, ସଂଯୁକ୍ତ କୃଷକ ସଂଗଠନ, ଆମ୍ବେଦକର ଯୁବକ ସଙ୍ଘ, ଭୀମ ଆର୍ମି, ବରଗଡ଼ ନାଗରିକ କମିଟି, ସମ୍ବିଧାନ ସୁରକ୍ଷା ମଞ୍ଚ ଓ ବିଭିନ୍ନ ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ବୈଠକରେ ପୁଲିସ୍‌ର ନିଷ୍କ୍ରିୟତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଲୋଚନାରେ ଭୀଷ୍ମଦେବ ସରାଫ, ଦ୍ୱିତୀଶ ଆଚାର୍ଯ୍ୟ, ଜାପାନ ମହାପାତ୍ର, ହରଦୀପ ସିଂ, ଭବାନୀ ସାହୁ, ସ୍ନେହାଙ୍ଗିନୀ ଛୁରିଆ, ଦେବେଶ ଆଚାର୍ଯ୍ୟ, ନିପନ ଦାସ, ବର୍ମା ମହାକୁର, କଳ୍ପନା ମାଝୀ, ରମେଶ ମହାପାତ୍ର ପ୍ରମୁଖଙ୍କ ସହିତ ଶତାଧିକ ସଚେତନ ନାଗରିକ ଅଂଶଗ୍ରହଣ କରିଥିଲେ।

ଟୋଲ୍‌ଗେଟ୍ ଧରିବ ବୀମାବିହୀନ ଗାଡ଼ି

କଟକ, ୧୮।୧ (ସମିସ): ବର୍ଷବର୍ଷ ଧରି ବୀମା ନଥାଇ ଗାଡ଼ି ଚଳାଇ ଆସୁଥିବା ଚାଳକ ସାବଧାନ। ଏଥର ସେମାନଙ୍କୁ ଟୋଲଗେଟ୍ ଧରିବ ଏବଂ ସେମାନେ ଆଉ ଜରିମାନାରୁ ବର୍ତ୍ତିପାରିବେ ନାହିଁ। ପରିବହନ ପ୍ରାଧିକରଣ ପକ୍ଷରୁ ଏଭଳି ନିୟମ ଉଲ୍ଲଙ୍ଘନକାରୀଙ୍କୁ ସ୍ୱୟଂକ୍ରିୟ ପ୍ରଣାଳୀରେ ଧରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଇ-ଚିହ୍ନଟ ପ୍ରକ୍ରିୟାରେ ଏଭଳି ବୀମା ନଥିବା ଗାଡିଗୁଡ଼ିକ ପାଇଁ ଜାରି ହେବ ଇ-ଚାଲାଣ। ଆସନ୍ତା ଫେବୃଆରୀ ପହିଲାରୁ ରାଜ୍ୟର ଜାତୀୟ ରାଜପଥଗୁଡ଼ିକରେ ଥିବା ସମସ୍ତ ୨୨ଟି ଟୋଲଗେଟ୍‌ରେ ଏହା କାର୍ଯ୍ୟକାରୀ ହେବାକୁ ଯାଉଛି। ଅନେକ ଘରୋଇ ଓ ବ୍ୟବସାୟିକ ଗାଡ଼ି ନିୟମ ଉଲ୍ଲଙ୍ଘନ କରି ବୀମା କରୁନାହାନ୍ତି। ଫଳରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁରେ ମୃତକଙ୍କ ପରିବାର ଅନୁକମ୍ପାମୂଳକ ବୀମା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ସରକାର ଉଦ୍‌ବେଗ ପ୍ରକାଶ କରିବା ସହ ଏପରି ଏକ ନୂଆ ବ୍ୟବସ୍ଥା ଲାଗୁ କରିବାକୁ ଯାଉଛନ୍ତି। ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିବହନ ଆୟୁକ୍ତ ଅମିତାଭ ଠାକୁର କହିଛନ୍ତି।

ମୋଟର ଯାନ ଆଇନ ଅନୁଯାୟୀ, ବୈଧ ବୀମା ନଥାଇ ଗାଡ଼ି ଚଳାଚଳ କରୁଥିବା ନିୟମ ଉଲ୍ଲଙ୍ଘନକାରୀଙ୍କୁ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୋଟର ଯାନ ଆଇନର ଧାରା ୧୪୬ ଅନୁଯାୟୀ ପ୍ରତ୍ୟେକ ମୋଟର ଯାନ ବୈଧ ବୀମାଭୁକ୍ତ ହେବା ବାଧ୍ୟତାମୂଳକ। ଏହାର ଉଲ୍ଲଙ୍ଘନ କଲେ ଧାରା ୧୯୬ ଅନୁଯାୟୀ ୨ ହଜାର ଟଙ୍କା ଜରିମାନା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ୍ କିମ୍ବା ଉଭୟ ଦଣ୍ଡ

ସ୍ୱୟଂକ୍ରିୟ ପଦ୍ଧତିରେ ଜାରି ହେବ ଇ-ଚାଲାଣ

ଫେବୃଆରୀ ପହିଲାରୁ ୨୨ଟି ଟୋଲଗେଟ୍‌ରେ ଲାଗୁ

ଭୋଗିବାକୁ ପଡ଼ିବ। ସେହିଭଳି ପୁନର୍ବାର ନିୟମ ଉଲ୍ଲଙ୍ଘନ କଲେ ଜରିମାନା ରାଶି ୪ହଜାର ଟଙ୍କା କିମ୍ବା ୩ ମାସ ପର୍ଯ୍ୟନ୍ତ ଜେଲ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବାର ପ୍ରାବଧାନ ରହିଛି। ପୂର୍ବରୁ ଇ-ଚିହ୍ନଟ ପ୍ରକ୍ରିୟାରେ ପରମିଟ୍, ଫିଟନେସ୍, ଟିକସ ନିୟମ ଉଲ୍ଲଙ୍ଘନକାରୀ ଟୋଲଗେଟ୍‌ରେ ଧରାପଡୁଥିଲେ। ଏବେ ବୀମା ନିୟମ ଉଲ୍ଲଙ୍ଘନକାରୀଙ୍କୁ ମଧ୍ୟ ଏହି ପ୍ରକ୍ରିୟାରେ ଚିହ୍ନଟ କରାଯିବ। ଏନ୍‌ଫୋର୍ସମେଣ୍ଟରେ ଆଧୁନିକ ଜ୍ଞାନକୌଶଳକୁ ଅଧିକ ବ୍ୟବହାର କରାଯିବାକୁ ନିଷ୍ପତ୍ତି ହୋଇଛି। ତେଣୁ ଗାଡ଼ିର ବୀମା ନଥିଲେ, ତୁରନ୍ତ ବୀମା କରାଇନେବାକୁ ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ଅନୁରୋଧ କରାଯାଇଛି।

ଡିଜି-ଗଭ୍ ପୋର୍ଟାଲ ଅଚଳ

୪୬୦୦୦ ଶିକ୍ଷକ ଦରମାରୁ ବଞ୍ଚିତ

ଭୁବନେଶ୍ୱର, ୧୭।୧ (ସମିସ): ଅଚଳ ହୋଇପଡ଼ିଛି ଡିଜି-ଗଭ୍ ପୋର୍ଟାଲ। ଫଳରେ ବିଦ୍ୟାଳୟକୁ ମିଳୁଥିବା ବିଭିନ୍ନ ଅନୁଦାନ ଠପ୍ ହୋଇଯାଇଛି। ବିଦ୍ୟାଳୟ ଉନ୍ନତୀକରଣ ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ବିଭିନ୍ନ ଅତ୍ୟାବଶ୍ୟକ କାର୍ଯ୍ୟ ବାକିରେ ଚାଲୁଛି। ଏପରିକି, ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ମଧ୍ୟ ଦରମା ମିଳୁନି। ପ୍ରାୟ୨୦ଦିନ ହେବ ପୋର୍ଟାଲ୍‌ର ଅଚଳାବସ୍ଥା ଲାଗି ରହିଥିବାରୁ ପ୍ରାୟ ୪୬ ହଜାର ଶିକ୍ଷକ ଦରମା ପାଇବାରୁ ବଞ୍ଚିତ ହୋଇଛନ୍ତି। ଗୋଟିଏପଟେ ସରକାର କନିଷ୍ଠ ଶିକ୍ଷକ ସ୍କିମାଟିକ୍‌ଙ୍କ ଦରମା ପ୍ରାୟ ୫ ହଜାର ବଢ଼ାଇଥିବା ବେଳେ ଅଧାରୁ ଅଧିକ ଜିଲ୍ଲାର ସ୍କିମାଟିକ୍ ଶିକ୍ଷକମାନେ ଚାକିରି କରିବା ଦିନଠାରୁ ଆଦୌ ଦରମା ପାଇନାହାନ୍ତି।

ଡିଜି-ଗଭ୍ ପୋର୍ଟାଲ ଜରିଆରେ ସ୍କୁଲଗୁଡ଼ିକୁ ସମସ୍ତ ଅନୁଦାନ ପ୍ରଦାନ କରାଯାଇଥାଏ। କିନ୍ତୁ ଏହା ଅଚଳ ହୋଇପଡ଼ିଥିବାରୁ କମ୍ପୋଜିଟ୍ ଓ ଖେଳ ଅନୁଦାନ, ବିଦ୍ୟାଳୟର ନିରାପତ୍ତା ଓ ସୁରକ୍ଷା, ଏଫ୍‌ଏଲ୍‌ଏନ୍, ଇକୋ ଆଣ୍ଡ ୟୁଥ୍ କ୍ଲବ୍, ଛାତ୍ରଛାତ୍ରୀଙ୍କ ପୋଷାକ ପରି ବିଭିନ୍ନ ଅନୁଦାନ ମିଳିପାରୁନି। ସମସ୍ୟା ଏମିତି ଯେ ବିଦ୍ୟାଳୟରେ ବଲ୍‌ବ, ପଙ୍ଖା ଖରାପ ହେଲେ ମଧ୍ୟ ସଜାଡ଼ିବାକୁ ଅନୁଦାନ ନାହିଁ। ଅନୁରୂପ ଭାବେ ଏହି ପୋର୍ଟାଲ ମାଧ୍ୟମରେ କନିଷ୍ଠ ଶିକ୍ଷକ, ଖେଳ ଶିକ୍ଷକ ଓ ଏକ୍ସ କ୍ୟାଡର ଶିକ୍ଷକ, ଖେଳ ଶିକ୍ଷକ ଓ କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ମାନେ ଦରମା ପାଇଥା'ନ୍ତି। ଏହି ସମସ୍ତ ବର୍ଗର ଶିକ୍ଷକଙ୍କ ସଂଖ୍ୟା ପ୍ରାୟ ୪୬ ହଜାରରୁ ଅଧିକ। ସେମାନେ ସମସ୍ତେ ଡିସେମ୍ବର ମାସର ଦରମା ପାଇପାରୁନାହାନ୍ତି। ସେହିପରି କାର୍ଯ୍ୟରତ ଥିବା ୧୩,୭୪୦କନିଷ୍ଠ ଶିକ୍ଷକ (ସ୍କିମାଟିକ୍)ଙ୍କ ମଧ୍ୟରୁ ଅଧାରୁ ଅଧିକ ଜିଲ୍ଲାରେ ମୂଳରୁ ଦରମା ପାଇନାହାନ୍ତି। ଅର୍ଥାତ ଅକ୍ଟୋବର ୫ ତାରିଖରେ ନିଯୁକ୍ତି ପାଇବାଠାରୁ

ପୋର୍ଟାଲ୍ ପରିଚାଳନା କରିପାରୁନି ଓସେପା

ତିନି ମାସ ବିତିଥିଲେ ମଧ୍ୟ ଅଧାରୁ ଅଧିକ ଜିଲ୍ଲାରେ ଆଦୌ ଦରମା ପାଇନାହାନ୍ତି। ଫଳରେ ସେମାନେ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ସଜବାଜ ହେଉଛନ୍ତି। ବହୁ ଜିଲ୍ଲାରେ କନିଷ୍ଠ ଶିକ୍ଷକମାନେ ନିୟମିତ ହୋଇଥିଲେ ମଧ୍ୟ ବର୍ଦ୍ଧିତ ଦରମା ପାଇପାରୁନାହାନ୍ତି। ଏହାର ପରିଚାଳନା ଦାୟିତ୍ୱ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ହୋଇଥିବା ବେଳେ ଏଯାଏ ଠିକ୍ କରାଯାଇ ନଥିବାରୁ ଶିକ୍ଷକ ଓ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ଗତ ଶିକ୍ଷାବର୍ଷ ଆରମ୍ଭରୁ ଡିଜି-ଗଭ୍ ପୋର୍ଟାଲ୍ ଆରମ୍ଭ ହୋଇଛି। ଏହା ପୂର୍ବରୁ ପିଏଫ୍‌ଏମ୍‌ଏସ୍ ପୋର୍ଟାଲ ମାଧ୍ୟମରେ ଏହି ସମସ୍ତ କାର୍ଯ୍ୟ ହେଉଥିଲା। ପିଏଫ୍‌ଏମ୍‌ଏସ୍ ପୋର୍ଟାଲ ବାରମ୍ବାର ଅଚଳ ହେବାରୁ ଡିଜି-ଗଭ୍ ପୋର୍ଟାଲ୍‌କୁ ଆପଣାଇଥିଲା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ।

■ ସ୍ୱାମୀକୁ ଖୋଜିଖୋଜି ପାଇଲେନି

ଥାନାରେ ଫିନାଇଲ୍ ପିଇ ପତ୍ନୀଙ୍କ ଆତ୍ମହତ୍ୟା ଉଦ୍ୟମ

ବନ୍ତ/ଆଗରପଡ଼ା, ୧୮।୧(ସମିସ): ଅହମଦାବାଦରୁ ଆସି ଭଦ୍ରକ ଜିଲ୍ଲା ବନ୍ତରେ ଦୀର୍ଘ ଦିନ ହେବ ସ୍ୱାମୀଙ୍କୁ ଖୋଜୁଥିଲେ ପ୍ରତାରିତା ପତ୍ନୀ। ସ୍ୱାମୀଙ୍କୁ ଖୋଜିଖୋଜି ନୟାନ୍ତ ହେଲେ; କିନ୍ତୁ ପତ୍ତା ମିଳିବା ସମ୍ଭବ ହେଲାନି। ଶେଷରେ ବାଧ୍ୟ ହୋଇ ଥାନାରେ ଆତ୍ମହତ୍ୟା ଉଦ୍ୟମ କଲେ ପତ୍ନୀ।

ସୂଚନା ମୁତାବକ, ଗୁଜରାଟ ଅହମଦାବାଦ ନିଉରୁମିପର ଅଞ୍ଚଳର ହିରଲ ମୋଦୀଙ୍କୁ ବନ୍ତ ଥାନା ଅଧୀନ ନରସିଂହପୁର ଗାଁର ମନୋଜ ନାୟକ ପ୍ରେମ ବିବାହ କରିଥିଲେ। ମନୋଜ ଓ ହୀରଲ ଦୁହେଁ ଏକ ଆଇଟି କମ୍ପାନୀରେ କାମ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ହେବା ପରେ ପରସ୍ପର ବିବାହ କରିଥିଲେ। ମନୋଜ ଓ ହୀରଲଙ୍କର ଗୋଟିଏ ଦୁଇ ବର୍ଷର ପୁତ୍ର ସନ୍ତାନ ମଧ୍ୟ ଅଛି। ହୀରଲଙ୍କ ରଙ୍କୱେ ପ୍ରାଇଭେଟ୍ ଲିମିଟେଡ୍ ନାମକ ଆଇଟି କମ୍ପାନୀ ଥିଲା। ମନୋଜ ତାକୁ ବ୍ୟାଙ୍କରେ ବନ୍ଧକ ରଖି ଲୋନ ଆଣିଥିଲେ; କିନ୍ତୁ କମ୍ପାନୀ ଏବେ ବନ୍ଦ ହେଇଗଲାଣି। ରହୁଥିବା ଘରକୁ ବନ୍ଧା ରଖି ଟଙ୍କା ଆଣିବାରୁ ବ୍ୟାଙ୍କ ଏବେ ଘର ନିଲାମ କରିବାକୁ ବସିଲାଣି। ମନୋଜ ଗାଁରେ ବ୍ୟବସାୟ କରୁଥିବା କହି ନିଜେ ସ୍ୱାବଲମ୍ବୀ ହେବା ପାଇଁ ପତ୍ନୀ ଓ ତାଙ୍କ ପରିବାର ଲୋକଙ୍କ ଘରକୁ ବନ୍ଧକ ରଖି ପର୍ଯ୍ୟାୟକ୍ରମେ ପ୍ରାୟ ୫ କୋଟି ଟଙ୍କା ଆଣିଲେ। ଶେଷରେ ସ୍ତ୍ରୀ ଓ ପୁଅକୁ ଛାଡ଼ି ଫେରାର ହୋଇଗଲେ ସ୍ୱାମୀ। ଛୋଟ ପୁଅକୁ ଧରି ଅହମଦାବାଦରୁ ଆସି ସ୍ୱାମୀଙ୍କୁ ଭଦ୍ରକ ଜିଲ୍ଲା ବନ୍ତରେ ଖୋଜୁଥିଲେ ହିରଲ। ବନ୍ତ ପୁଲିସଠାରୁ ପୁଲିସ ଡିଜି, ପୁଣି ଗାଁରୁ ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚିଥିଲେ ସେ। ଛୁଆକୁ ଧରି ଗଳିକନ୍ଦିରେ ଖୋଜିଥିଲେ ସ୍ୱାମୀକୁ। କିନ୍ତୁ ସ୍ୱାମୀଙ୍କର କେୟଣସି ଟେର୍ ପାଇନଥିଲେ। କିନ୍ତୁ ପୁଲିସ ଦୀର୍ଘ ଦିନ ହେବ କୌଣସି ଅଭିଯୋଗ ଶୁଣୁ ନଥି ବାରୁ ଶନିବାର ଥାନା ଭିତରେ ଫିନାଇଲ୍ ପିଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି ମହିଳାଜଣଙ୍କ। ତାଙ୍କୁ ଗୁରୁତର ଅବସ୍ଥାରେ ବନ୍ତ ପୁଲିସ୍ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

୨ ବାଇକ୍ ମୁହାଁମୁହିଁ ଧକ୍କା; ପ୍ରଧାନଶିକ୍ଷକଙ୍କ ସମେତ ୨ ମୃତ

ଫିରିଙ୍ଗିଆ, ୧୮।୧ (ସମିସ): କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଡେରାକୁମ୍ଭା ଆଗ୍ରଗାମୀ କାର୍ଯ୍ୟାଳୟ ନିକଟରେ ଶନିବାର ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣେ ପ୍ରଧାନ ଶିକ୍ଷକଙ୍କ ସମେତ ଦୁଇଜଣଙ୍କ ମୃତ୍ୟୁ ଘଟିଛି। ମୃତ ଶିକ୍ଷକଜଣଙ୍କ ହେଲେ, କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଘାଟିଗୁଡ଼ା ଗାଁର ରବିଚନ୍ଦ୍ର ଦାଶ। ପରିବାର ସହ ସେ ଫୁଲବାଣୀରେ ରହନ୍ତି। ସେ ଫିରିଙ୍ଗିଆ ବ୍ଲକ ନୂଆପଦରରେ ଥିବା ବନବାସୀ ଉଚ୍ଚବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ। ସେହିପରି ଅନ୍ୟ ଜଣେ ମୃତକ ହେଲେ, ଗୋଛାପଡ଼ା ଥାନା ଅନ୍ତର୍ଗତ ସଲାଗୁଡ଼ା ଗାଁର ବିଶ୍ୱମ୍ବର କହଁର। ପୁଲିସ୍ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାନୁସାରେ, ରବିଚନ୍ଦ୍ର ଆଜି ସକାଳୁ ଫିରିଙ୍ଗିଆ ବ୍ଲକ୍‌ର ଲୋଇସିଂ ହାଇସ୍କୁଲରେ ଥିବା ଶିକ୍ଷକ ତାଲିମ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ବାଇକ୍‌ରେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ଫୁଲବାଣୀ-ଗୋଛାପଡ଼ା ମୁଖ୍ୟରାସ୍ତାର ଡେରାକୁମ୍ଭାରେ ଥିବା ଅଗ୍ରଗାମୀ କାର୍ଯ୍ୟାଳୟ ନିକଟରେ ଗୋଛାପଡ଼ା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ଅନ୍ୟ ବାଇକ୍‌ର ଚାଳକ ବିଶ୍ୱମ୍ବର ଓ ପଛରେ ବସିଥିବା ଜଣେ ଯୁବକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଗୋଛାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ବିଶ୍ୱମ୍ବରଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ଗୋଛାପଡ଼ା ଥାନା ଅଧିକାରୀ ଚିରଞ୍ଜୀବ ବେହେରା ପହଞ୍ଚି ମୃତଦେହ ଜବତ କରିଥିଲେ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଦୋଛକିରେ ରାଜ୍ୟ...

ସୃଷ୍ଟି କରିଛି। ପୂର୍ବ ସରକାରଙ୍କ ୨୪ଟି ଯୋଜନାର ନାମ ପରିବର୍ତ୍ତନ କରାଯାଇଥିଲେ ହେଁ ଅଧିକାଂଶ ଯୋଜନା ପାଇଁ ପାଣ୍ଠି ବ୍ୟୟରେ ଶିଥିଳତା ଦେଖାଦେଇଛି। ଯାହା ଏବେ ଚିନ୍ତାର କାରଣ ପାଲଟିଛି। ଆଗାମୀ ବଜେଟ୍ ଆଗତ ପାଇଁ ମାତ୍ର ଏକମାସରୁ କମ୍ ସମୟ ଥିବାବେଳେ ପ୍ରାକ୍ ବଜେଟ୍ ପ୍ରସ୍ତୁତି ପାଇଁ ଅର୍ଥ ବିଭାଗ ପକ୍ଷରୁ କସରତ ଆରମ୍ଭ ହୋଇଛି। କିନ୍ତୁ ବିଭାଗୱାରୀ ତଥ୍ୟ ସମ୍ବଳିତ ପ୍ରସ୍ତାବ ଉପସ୍ଥାପନରେ ସମସ୍ୟା ବିଭାଗ ପାଇଁ ଆହ୍ୱାନ ପାଲଟିଛି।

ଯଦିଓ ପୂର୍ବାପେକ୍ଷା ୨୦୨୪-୨୫ ବଜେଟରେ ଅଧିକ ବ୍ୟୟବରାଦ ହୋଇଛି ତଥାପି ପାଣ୍ଠି ବ୍ୟୟରେ ସରକାର ବହୁ ପଛରେ ରହିଥିବାରୁ ବିଧାନସଭାରେ ବିରୋଧୀ ତୀବ୍

ସାଧାରଣତନ୍ତ୍ର ଦିବସ ପାଳନ ଲାଗି ପ୍ରସ୍ତୁତି

ସମସ୍ତଙ୍କ ସହଯୋଗ ଲୋଡ଼ିଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୧୮ ।୧(ସମିସ)

ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଜିଲ୍ଲା ଖଣିଜ ପାଣ୍ଠି ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ ଅଧ୍ୟକ୍ଷତା କରିଥିଲେ । ସାଧାରଣତନ୍ତ୍ର ଦିବସ ପାଳନ ସକାଶେ ସେ ସମସ୍ତଙ୍କ ସହଯୋଗ ଲୋଡିଥିଲେ । ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ବ୍ରଜବନ୍ଧୁ ଭୋଇ, ଉପ ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ରାମଧୂନ ପ୍ରଚାର, ବିଭିନ୍ନ ସରକାରୀ କାର୍ଯ୍ୟାଳୟ, କ୍ଲବ, ପାଠାଗାର, ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ, ମନମୋହନ ପଡ଼ିଆରେ ଜାତୀୟ ପତାକା ଉତ୍ତୋଳନର ସମୟସୀମା ସ୍ଥିର କରାଯାଇଥିଲା । ସେହିଭଳି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ମାତୃମଙ୍ଗଳ କେନ୍ଦ୍ର ଓ ଉପ କାରାଗାର, ଶିଶୁ ଯତ୍ନ ଅନୁଷ୍ଠାନ, ଦିବ୍ୟାଙ୍ଗ ବିଦ୍ୟାଳୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯିବ । ସେହିପରି ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ ଲିଖନ, କୁଇଜ, ଚିତ୍ରାଙ୍କନ, ଦେଶାତ୍ମବୋଧ କବିତା ଆବୃତ୍ତି ଆଦି ପ୍ରତିଯୋଗିତା ଆୟୋଜନ କରାଯିବାକୁ ସ୍ଥିର କରାଯାଇଛି । ସନ୍ଧ୍ୟାରେ ବେହେରାମାଲସ୍ଥିତ ଏମ୍‌ସିଏଲ୍ ପ୍ରେକ୍ଷାଳୟରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା ବୈଠକର କାର୍ଯ୍ୟସୂଚୀ ଅନୁସାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବୈଠକରେ ବିଭିନ୍ନ ଶିକ୍ଷାନୁଷ୍ଠାନର ମୁଖ୍ୟ, ବିଭାଗୀୟ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ନବଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମ

ବ୍ରଜରାଜନଗର, ୧୮ ।୧(ସମିସ):ସ୍ଥାନୀୟ ଗାନ୍ଧିଛକସ୍ଥିତ ତ୍ରିନାଥ ମନ୍ଦିରରେ ନବଗ୍ରହଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି । ୩ ଦିନ ଧରି ପୂଜାକାର୍ଯ୍ୟ ଲାଗି ରହିଥିଲା । ସ୍ଥାନୀୟ ନିତାଇ ବନ୍ଧୁ କଳସ ଯାତ୍ରା ଦ୍ୱାରା ଜଳ ସଂଗ୍ରହ କରାଯାଇଥିଲା । ନବଗ୍ରହଙ୍କ ବିଗ୍ରହରେ ପୂଜାର୍ଚ୍ଚନା ସହ ହୋମ ଯଜ୍ଞ ହୋଇଥିଲା । କର୍ତ୍ତା ଭାବେ ତପନ ସ୍ୱାଇଁ ଓ ତାଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ସ୍ୱାଇଁଙ୍କ ସହ ଶୁଭଶ୍ରୀ ମହାପାତ୍ର, ଜାନି ମହାନ୍ତି, ନମିତା ଦାସ ଯୋଗ ଦେଇଥିଲେ । ପୁରୁଷୋତ୍ତମ ରଥଙ୍କ ଦ୍ୱାରା ପୂଜା ସମ୍ପନ୍ନ କରାଗଲା । ବିଜୟ ସାହୁ, ସୁଶାନ୍ତ ସ୍ୱାଇଁ, ରମେଶ ସାହୁ, ପବିତ୍ର ପ୍ରଧାନ, ବିରଞ୍ଚି ସ୍ୱାଇଁ, ଗୋପାଳ ରାୟ, ଜୟନାରାୟଣ ପ୍ରଧାନ, ନିର୍ଲିପ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

ହୃଦ୍‌ଘାତରେ ପର୍ଯ୍ୟଟକଙ୍କ ମୃତ୍ୟୁ

ଦେବଗଡ଼, ୧୮ ।୧(ସମିସ): ପ୍ରଧାନପାଟକୁ ଜଣେ ପର୍ଯ୍ୟଟକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ପର୍ଯ୍ୟଟକ ଜଣକ ହେଲେ ଗଞ୍ଜାମ ଜିଲ୍ଲା କେନ୍ଦୁପଦର ଏନପିସି କଲେଜର କର୍ମଚାରୀ ସୁବାଷ ଚନ୍ଦ୍ର ଜେନା । ସେ କଲେଜର ଅନ୍ୟମାନଙ୍କ ସହ ଏଠାକୁ ବୁଲି ଆସିଥିଲେ । ସ୍ଥାନୀୟ ଅଗ୍ରସେନ ଭବନଠାରେ ସମସ୍ତେ ଶୌଚ ପାଇଁ ପହଞ୍ଚି ଥିଲେ । ସୁବାଷ କିନ୍ତୁ ଗାଡ଼ିରୁ ଉଠି ନ ଥିଲେ । ସେ ଶୋଇଥିବା ଭାବି ଅନ୍ୟମାନେ ଉଠାଇବା ପାଇଁ ଚେଷ୍ଟା କରିଥିଲେ । ପରେ ତାଙ୍କୁ ଚିକିତ୍ସା ପାଇଁ ତୁରନ୍ତ ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ପରିବାର ଲୋକ ଦେବଗଡ଼ ପହଞ୍ଚି ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ମୃତଦେହ ଜବତ କରି ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

ଯୌତୁକ ନିର୍ଯାତନା ମାମଲାରେ ସ୍ୱାମୀ, ନଣନ୍ଦଙ୍କୁ ଜେଲ୍

ଝାରସୁଗୁଡା, ୧୮ ।୧(ସମିସ): ଝାରସୁଗୁଡା ଜିଲ୍ଲା ରେଙ୍ଗାଲି ଥାନା ପଲସଦା ଗ୍ରାମରେ ଅମୃତ ମେହେର ନାମ୍ନୀ ଜଣେ ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ତାଙ୍କ ସ୍ୱାମୀ ଏବଂ ନଣନ୍ଦ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଲଖନପୁର ଗ୍ରାମ୍ୟ ନ୍ୟାୟାଳୟର ବିଚାରପତି ବ୍ରଜେଶ ମିଶ୍ର ରାୟ ଶୁଣାଇଛନ୍ତି । ଅଭିଯୁକ୍ତ ସ୍ୱମୀ ଚିନ୍ତାମଣି ମେହେର ଏବଂ ନଣନ୍ଦ ସମାରି ମେହେରଙ୍କୁ ୧ ବର୍ଷ କାରାଦଣ୍ଡ ଦେଶ ସହ ୧୦ ହଜାର ଲେଖାଏଁ ଜରିମାନା ଧୈଠ କରିବା ପାଇଁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି । ଜାରିମାନା ଅନାଦେୟ କଲେ ଅଧିକ ୩ ମାସ କାରାଦଣ୍ଡାଦେଶ ପାଇଁ ନିର୍ଦ୍ଦେଶ ରହିଛି । ପୀଡିତାଙ୍କ ପକ୍ଷରୁ ଓକିଲ ମୁରଲୀ ନାୟକ ମାମାଲା ପରିଚାଳନା କରୁଥିଲେ । ଏହି ମାମାଲାରେ ମୋଟ ୧୫ଜଣ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇଥିବା ଓକିଲ ମୁରଲୀଧର ନାୟକ ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, ଢୁଡୁଗା ଗ୍ରାମର ଅମୃତ ମେହେର ପଲସଦା ଗ୍ରାମର ଚିନ୍ତାମଣି ମେହରଙ୍କୁ ବୈଦିକ ରୀତିନୀତିରେ ବିବାହ କରିଥିଲେ । ପ୍ରଥମରୁ ସେମାନଙ୍କ ସମ୍ପର୍କ ଠିକ ଥିଲା । ଦୁଇଟି କନ୍ୟା ସନ୍ତାନ ଜନ୍ମ ହେବା ପରେ ସ୍ୱାମୀ ଚିନ୍ତାମଣି ଏବଂ ନଣନ୍ଦ ସମାରି ନିର୍ଯାତନା ଦେବା ଆରମ୍ଭ କରିଥିଲେ । ବାପଘରୁ ୫୦ ହଜାର ଟଙ୍କା ଏବଂ ଦୁଇ ଭରି ସୁନା ଆଣିବା ପାଇଁ ନିର୍ଯାତନା ଦେବାସହ ମାରପିଟ କରିଥିଲେ । ଏ ନେଇ ଅମୃତ ରେଙ୍ଗାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମାଲା ରୁଜୁ କରି ତଦନ୍ତ ଆରମ୍ଭ କରିଥଲା । ଶେଷରେ ଲଖନପୁର ଗ୍ରାମ୍ୟ ନ୍ୟାୟଳୟରେ ଏହି ମାମାଲାର ଶୁଣାଣି ହୋଇଛି ।

ବେଆଇନ ବାଲି ଚାଲାଣ ବେଳେ ୨ ଗାଡ଼ି ଜବତ

ଝାରସୁଗୁଡା, ୧୮ ।୧(ସମିସ):ବେଆଇନ ବାଲି ଚଲାଣ କରୁଥିବା ୨ଟି ଭାରୀଯାନ ଝାରସୁଗୁଡା ଜିଲ୍ଲା ଗାନ୍ଧୀଛକ ଫାଣ୍ଡି ନିକଟରୁ ଜବତ ହୋଇଛି । ଗାନ୍ଧୀଛକ ଫାଣ୍ଡି ପୁଲିସ ଗାଡି ଦୁଇଟିକୁ ଅଟକ କରି ଖଣି ବିଭାଗକୁ ଖବର ଦେଇଥିଲା । ବାଲି ପରିବହନ ନେଇ ଆବଶ୍ୟକ କାଗଜପତ୍ର ଦେଖାଇବାରେ ବିଫଳ ହେବାରୁ ଗାଡି ଦୁଇଟିକୁ ଖଣି ବିଭାଗ ଜବତ କରିଛି । ନିୟମ ମୁତାବକ ଉଭୟ ଗାଡିରୁ ଜରିମାନା ଆଦାୟ ପରେ ଛଡ଼ାଯିବ ବୋଲି ଖଣି ଅଧିକାରୀ କହିଛନ୍ତି ।

ଆମେରିକୀୟ ଦମ୍ପତିଙ୍କ ପୌଷକନ୍ୟା ଗ୍ରହଣ

ଝାରସୁଗୁଡ଼ା, ୧୮ ।୧(ସମିସ): ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟା ଚୂଡ଼ାନ୍ତ ହେବା ପରେ ଏକ ଦମ୍ପତ୍ତି ଆମେରିକାରୁ ଆସି ଝାରସୁଗୁଡ଼ାରୁ ୧୨ ବର୍ଷର କନ୍ୟା ଗ୍ରହଣ କରିଛନ୍ତି । ଏହି ଦମ୍ପତ୍ତି ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେଙ୍କ ଉପସ୍ଥିତିରେ କନ୍ୟା ସନ୍ତାନଟିକୁ ଗ୍ରହଣ କରି ଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ଓ ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଏବଂ ଆମେରିକାସ୍ଥିତ ଫରେନ ଆଡପସନ ଏଜେନ୍ସି ପକ୍ଷରୁ ଏମ୍. କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ଆଶିଷ ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା, ସୁରକ୍ଷା ଅଧିକାରୀ ଚୁଡାମଣି ପଣ୍ଡା, ପରାମର୍ଶଦାତା ସମୀର ମିଶ୍ର, ଶିଶୁ ଯତ୍ନ ଅନୁଷ୍ଠାନର ସମ୍ପାଦକ ନିରାକାର କିସାନ, ମାନସ ମଲ୍ଲିକ, ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ପ୍ରବୀଣ ବାଗ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜିଲ୍ଲାପାଳଙ୍କ ଦ୍ୱାରା ୫ ଶିଶୁଙ୍କର ଚୂଡାନ୍ତ ପୋଷ୍ୟ ସନ୍ତାନ କେସ୍ ଫଇସଲା କରାଯାଇଛି । ଗୁଜରାଟ ଓ ପଶ୍ଚିମବଙ୍ଗର ଜଣେ ଜଣେ ଦମ୍ପତ୍ତିଙ୍କୁ ଜଣେ ଜଣେ, ମୁମ୍ବାଇ ଏକ ଦମ୍ପତ୍ତିଙ୍କୁ ଦୁଇ ଜଣ ପୋଷ୍ୟ ଶିଶୁ କନ୍ୟା ହସ୍ତାନ୍ତର ପାଇଁ ଚୂଡ଼ାନ୍ତ ପ୍ରକ୍ରିୟା ସମ୍ପନ୍ନ କରାଯାଇଛି । ଲଖନପୁର ବ୍ଲକର ଜଣେ ଦମ୍ପତ୍ତି ସେମାନଙ୍କ ନିକଟ ସମ୍ପର୍କୀୟଙ୍କ ପାଖରୁ ଜଣେ ପୋଷ୍ୟ ଶିଶୁ ପୁତ୍ର ଗ୍ରହଣ ସଂକ୍ରାନ୍ତୀୟ କେସ ମଧ୍ୟ ଫଇସଲା କରାଯାଇଛି ।

ଅଭିଭାବକଙ୍କ ଏକଜୁଟ ଦେଖି ଶିକ୍ଷକଙ୍କ ବଦଳି ସ୍ଥଗିତ

ଶିକ୍ଷକ ବଦଳିକୁ ଅଭିଭାବକଙ୍କ ବିରୋଧ

ରିଆମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଘେରଉ

ଟିଙ୍କବୀର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଦେବଗଡ଼, ୧୮ ।୧(ସମିସ): ରିଆମାଳ ବ୍ଲକ ଟିଙ୍କବୀର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳିକୁ ବିରୋଧ କରି ଉତ୍ତେଜନା ପ୍ରକାଶ ପାଇଛି । ଶନିବାର ୫୦ରୁ ଅଭିଭାବକ ରିଆମାଳ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ପହଞ୍ଚି ଘେରଉ କରିବା ସହ ହୋ ହାଲ୍ଲା କରିଥିଲେ । ଏହି ବିଦ୍ୟାଳୟରୁ ଶିକ୍ଷକ ମାନଭାଞ୍ଜନ ନାୟକଙ୍କୁ ମାଝୀମୁଣ୍ଡା ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି । ଏଠାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୨୦ରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି । ବିଦ୍ୟାଳୟରେ ବର୍ତ୍ତମାନ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପାଠ ପଢ଼ାଉଥିବା ବେଳେ ଅଧିକ ଶିକ୍ଷକ ଆବଶ୍ୟକତା ରହିଛି; ମାତ୍ର ଶିକ୍ଷକ ନିଯୁକ୍ତି ସ୍ଥାନରେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ହେତୁ ଶିକ୍ଷାଦାନ ଘୋର ବାଧାପ୍ରାପ୍ତ ହେବା ଅଭିଭାବକ ଆଶଙ୍କା କରିଛନ୍ତି । ବାର୍ଷିକ ପରୀକ୍ଷା ପାଖେଇ ଆସିଲାଣି । ଏହି ସମୟରେ ଶିକ୍ଷକ ବଦଳିକୁ ଅଭିଭାବକମାନେ ଗ୍ରହଣ କରି ପାରୁନାହାନ୍ତି । ତେଣୁ ବଦଳିକୁ ବିରୋଧ କରି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ । ଶେଷରେ ଶିକ୍ଷକ ବଦଳିକୁ ସ୍ଥଗିତ କରାଯାଇଥିଲା ।

ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡା, ୧୮ ।୧(ସମିସ): ସ୍ଥାନୀୟ ପ୍ରସନ୍ନ ପଣ୍ଡା ଆଇନ ମହାବିଦ୍ୟାଳୟରେ କର୍ମକ୍ଷେତ୍ରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ, ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ, ଶିକ୍ଷାନବିଶ ଦେୱାନି ବିଚାରପତି ସୁଶ୍ରୀ ନର୍ମଦା ପ୍ରଧାନ ପ୍ରମୁଖ ବିଚାର ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ । କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ (ନିବାରଣ, ନିଷେଧ ଏବଂ ପ୍ରତିକାର) ଆଇନ ତଥା ଏହି ଆଇନ ସମ୍ପର୍କରେ ବିଶଦ ଭାବରେ ଆଲୋଚନା ହୋଇଥିଲା । ଆଇନ ସହାୟତା ପ୍ରତିପକ୍ଷ ଓକିଲ ସାଜଦା ବେଗମ, ଆଇନ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ ତିୱାରୀ ଓ ଅଧ୍ୟାପିକା ମଧୁଛନ୍ଦା ବାଙ୍କ ପ୍ରମୁଖ ଯୋଗ ଦେଇଥିଲେ । ନାଗରିକଙ୍କ ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରା ଯାଇଥିଲା ।

କୃଷକ ମୋର୍ଚ୍ଚା ସଭାପତିଙ୍କ ମଣ୍ଡି ପରିଦର୍ଶନ

ଦେବଗଡ଼, ୧୮୧(ସମିସ): ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଗୁରସଙ୍ଗ ମଣ୍ଡି ପରିଦର୍ଶନ କରିଛନ୍ତି । ମଣ୍ଡି ପରିଦର୍ଶନ ସମୟରେ ବିଜେପି ଜିଲ୍ଲା ସଭାପତି ଅରୁଣ ସାହୁ, ଦେବଗଡ଼ ପ୍ରଭାରୀ ଲିଙ୍ଗରାଜ ଦାଶ, କଲା ବିଜେପି ମଣ୍ଡଳ ସଭାପତି ବେଲାରସେନ ବାରିକ ଓ ସରପଞ୍ଚ ଭବାନୀ କାନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ ।

ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ କପ୍

ନାଲ୍‌କୋକୁ ହରାଇ ସେମିରେ ପ୍ରୟାଗରାଜ

ଦେବଗଡ଼/ରିଆମାଳ, ୧୮ ।୧(ସମିସ): ରିଆମାଳ ବ୍ଲକ ଟିଙ୍କବୀର ହାଇସ୍କୁଲ ପଡ଼ିଆରେ ଆୟୋଜିତ ୧୬ତମ ସର୍ବଭାରତୀୟ ମା' ଜଳମୁଣ୍ଡି କ୍ରିକେଟ କପ୍‌ର ପ୍ରଥମ ସେମିରେ ଉତ୍ତରପ୍ରଦେଶ ପ୍ରୟାଗରାଜ ଉନ୍ନୀତ ହୋଇଛି । ନାଲକୋ ବ୍ଲାକ କ୍ୟାପ୍ ଦଳକୁ ୨ ୱିକେଟରେ ପରାସ୍ତ କରି ପ୍ରୟାଗରାଜ ସେମି ଫାଇନାଲରେ ପହଞ୍ଚିଛି । ଟସ୍ ଜିତି ନାଲ୍‌କୋ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୧୫ ରନ୍ କରିଥିଲା । ଦଳ ପକ୍ଷରୁ ଗଙ୍ଗାଧର ସର୍ବାଧିକ ୨୫ଟି ବଲରେ ୨୬ରନ୍ ସଂଗ୍ରହ କରିଥିଲେ । ପ୍ରୟାଗରାଜର ସୋଏବ ୩ଟି, ଉମେଶ ୨ଟି ଏବଂ ଉମର ଗୋଟିଏ ୱିକେଟ ଅକ୍ତିଆର କରିଥିଲେ । ଜବାବରେ ପ୍ରୟାଗରାଜ ଦଳ ବ୍ୟାଟିଂ କରି ୧୯.୩ ଓଭରରେ ୮ ୱିକେଟ ହରାଇ ୧୧୮ ରନ୍ କରି ବିଜୟୀ ହୋଇଛି । ଦଳର ମହମ୍ମଦ ଉମର ୨୫ ବଲ୍‌ରେ ୩୧ କରି ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ । ମ୍ୟାଚକୁ ଓସିଏ ଅମ୍ପାୟାର ମହେଶ ମୁନସୀ ଓ ପ୍ରଦୀପ ଦାସ ପରିଚାଳନା କରିଥିଲେ । ନେତାଜୀ ଆସୋସିଏସନ କ୍ଲବର ଗିରି ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ବିଷ୍ଣୁ ସାହୁ ଓ ଡୁଗୁ ସାହୁ ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ । ରବିବାର ଫୁଲ ଏ'ର ପ୍ରଥମ ସେମି ଫାଇନାଲ ମ୍ୟାଚ ଆରଆରସିସି ରାଉରକେଲା ସହିତ ଯୁଝି ପ୍ରୟାଗରାଜ ମଧ୍ୟରେ ଅନୁଷ୍ଠିତ ହେବ ।

ତୃତୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦ୍‌ଯାପିତ

ଝାରସୁଗୁଡା, ୧୮ ।୧(ସମିସ): ସମାସିଂହା କ୍ଷୀରୋଦ ଗୌନ୍ତିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ 'ଉନ୍ମେଷ' ଉଦ୍‌ଯାପିତ ହୋଇଯାଇଛି । ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଏବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ୫୦ ଜଣ ଏ-୧ ଆକାଂକ୍ଷୀ ଛାତ୍ରଛାତ୍ରୀଙ୍କୁ ନେଇ ଏହା ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ଉତ୍ସବରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଘୁଟା, କୋଲାବିରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସତ୍ୟବ୍ରତ ସାହୁ, ବିଦ୍ୟାଳୟ ସଭାପତି ତୁଲାରାମ ସେନାପତି, ବେଦାନ୍ତ ଆସିଷ୍ଟାଣ୍ଟ ମ୍ୟାନେଜର ଅମନ୍ ପ୍ରକାଶ ସିଂ ଅତିଥି ଭାବେ ଯୋଗ ଦେଇଥିଲେ । ବେଲପାହାଡ ଗିରିଧରଲାଲ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ସଚିନ୍ଦ୍ର ପଟେଲ, ରାଜେନ୍ଦ୍ର ସାହୁ, ଟୁନା ରଣା, କୁଶ ସା, ପ୍ରମୋଦ ପଟେଲ, ବିପ୍ଳବ ପାତ୍ର, ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ନିତ୍ୟାନନ୍ଦ ନାୟକ, ଭାରତୀ ଭୋଇ, ସବିତା ସାହୁ, ଦୁଖିଶ୍ୟାମ ବେହେରା, ଅରୁଣ ଭୋଇଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଥିଲା ।

ଏନଟିପିସି NTPC — ଏନ ଟି ପି ସି ଲିମିଟେଡ
(ଭାରତ ସରକାର/ଭାରତ ଉଦ୍ୟମ)

ନୋଟିସ୍

ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଏନଟିପିସି ଭବନ, ଫୋର-୭, ସ୍ପୋର୍ଟ କମ୍ପ୍ଲେକ୍ସ, ୭-ଇଷ୍ଟିଚ୍ୟୁସନାଲ ଏରିଆ, ଲୋଧି ରୋଡ, ନୂଆ ଦିଲ୍ଲୀ - ୧୧୦୦୦୩
କରପୋରେଟ୍ ପରିଚୟ ନଂ- L40101DL1975GOI007966

ଉପରୋକ୍ତ ନାମିତ ଆବେଦନକାରୀ ତା.୦୧.୦୪.୨୦୨୪ ରିଖରୁ ୩୧.୦୩.୨୦୨୯ ପର୍ଯ୍ୟନ୍ତ କହଲଗାଁ ସୁପର ଥର୍ମାଲ ପାୱାର ଷ୍ଟେସନ, ଷ୍ଟେଜ- ୨ (୧୫୦୦ ମେଗାୱାଟ)ର ଟାରିଫ ନିର୍ଦ୍ଧାରଣ ପାଇଁ କେନ୍ଦ୍ରୀୟ ବିଦ୍ୟୁତ ବିନିୟାମକ ଆୟୋଗ (ସିଇଆରସି), ନୂଆ ଦିଲ୍ଲୀକ ସମୁଖରେ ଆବେଦନ କରିଅଛନ୍ତି ।

୧. ଉତ୍ପାଦକ ଷ୍ଟେସନର ଲାଭାର୍ଥୀ:
କ) ଗ୍ରିଡ୍‌କୋ ଲିମିଟେଡ୍, ୨୪, ଜନପଥ, ଭୁବନେଶ୍ୱର - ୭୫୧୦୦୩
ଖ) ଗୁଜରାଟ ଉର୍ଜା ବିକାଶ ନିଗମ୍ ଲିମିଟେଡ୍, ସରଦାର ପଟେଲ୍ ବିଦ୍ୟୁତ ଭବନ, ରେସ୍ କୋର୍ସ, ବଡୋଦା - ୩୯୦୦୦୩
ଗ) ମଧ୍ୟପ୍ରଦେଶ ପାୱ

ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମ୍ମିଳନୀ

ଦହିତା, ୧୮।୧ (ସମିସ): ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ,ଜମରତଲା ଠାରେ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ କୁମାର ଖମାରୀ ସମସ୍ତ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ କରିଥିଲେ। ବରିଷ୍ଠ ଶିକ୍ଷକ କୁଳମଣି ନାଏକ ମନ୍ତ୍ର ଉଚ୍ଚାରଣ କରିଥିଲେ। ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ଅତିଥିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ମିଳନୀର ସ୍ଥାୟୀ ସଭାପତି ତଥା ରାଜବୋଡ଼ାସମ୍ବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ସମ୍ମିଳନୀର ପରିଚାଳନା ସହ ଆଜିର ଏଜେଣ୍ଡା ବିଷୟରେ ଆଲୋକପାତ କରିଥିଲେ। ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ପଣ୍ଡା ଓ ରେଣୁଧର ସାହୁ କର୍ମଶାଳା ପରିଚାଳନା ପୂର୍ବକ ଆଜିର ବିଷୟବସ୍ତୁ ଆଲୋଚନା କରିଥିଲେ। ଗତ ସଭାର ବିବରଣୀ ପଠନ କରିଥିଲେ ପ୍ରଧାନ ଶିକ୍ଷକ ସୁଭାସ ଚନ୍ଦ୍ର ଝଗରା। ଅପରାହ୍ନରେ ୫-ଟି ସମ୍ବଳିତ କାର୍ଯ୍ୟ ଦର୍ଶନ ସହ ଶ୍ରେଣୀ ପରିଦର୍ଶନ କରାଯାଇଥିଲା। ଆସନ୍ତା ମାସରେ ସଭା ସତ୍ୟ ସେବା ହାଇସ୍କୁଲ,କନସିଂହାରେ ହେବାକୁ ପ୍ରଧାନଶିକ୍ଷକ ଅରୁଣ କୁମାର ବଣିଆ ମତ ରଖିଲେ।

ପଲସଦା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପାଇକମାଳ,୧୮।୧ (ସମିସ): ପାଇକମାଳ ବ୍ଲକ୍ ପଲସଦା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଯତୀନ୍ଦ୍ର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ମହେନ୍ଦ୍ର କୁମାର ସାହୁ ଏବଂ ପୀତାମ୍ବର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଗଜିନ୍ଦ୍ର ସାହୁ, ବିଚିତ୍ର ପ୍ରଧାନ, ପ୍ରଦୀପ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମହେନ୍ଦ୍ର ସିଂ ବରିହା ଏବଂ ଅନ୍ୟ ସଭ୍ୟ ସଭ୍ୟାମାନେ ମଞ୍ଚାସୀନ ଥିଲେ। ଦଶମ ଶ୍ରେଣୀ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରଧାନଶିକ୍ଷକ ଯତୀନ୍ଦ୍ର ଦୀପ ବିବରଣୀ ପଠନ କରିଥିଲେ। ଏହି ଅବସରରେ ଷଷ୍ଠରୁ ଦଶମ ଶ୍ରେଣୀର ସମାପ୍ତି ସୂଚକ ଆକଳନ-୧ ରେ ସର୍ବାଧିକ ନମ୍ବର ରଖିଥିବା ପ୍ରତି ଶ୍ରେଣୀରୁ ତିନିଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବର୍ଗରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାକୁ ଉନ୍ନୀତ ହୋଇଥିବା ଛାତ୍ରଛାତ୍ରୀଙ୍କୁ ଏବଂ ବାର୍ଷିକ କ୍ରୀଡ଼ା ଓ ଅନ୍ୟାନ୍ୟ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

ବରତୁଣ୍ଡାରେ ଟାୱାର ଥାଇ ବି ଇଣ୍ଟରନେଟ୍ ଚାଲୁନି

ମାଣ୍ଡୋସିଲ,୧୮।୧(ସମିସ)

ବର୍ତ୍ତମାନ ଦୁନିଆରେ ଲୋକେ ମୋବାଇଲ ଓ ଇଣ୍ଟରନେଟ ଉପରେ ଅଧିକାଂଶ ନିର୍ଭରଶୀଳ। ଘରେ ଥାଇ ନେଟ୍ ବ୍ୟାଙ୍କିଙ୍ଗ ମାଧ୍ୟମରେ ସହଜରେ ପଇସା କାରବାର କରାଯାଉଛି। ଛାତ୍ରଛାତ୍ରୀମାନେ ଅନଲାଇନ ମାଧ୍ୟମରେ ଘରେ ଥାଇ ପାଠ ପଢୁଛନ୍ତି। ଘରେ ଥାଇ ଇଣ୍ଟରନେଟ ମାଧ୍ୟମରେ ରାଜ୍ୟ, ଦେଶ ଓ ବିଦେଶରେ ଖବର ଜାଣିପାରୁଛନ୍ତି। ଏହା ସ୍ମାର୍ଟଫୋନ, ଲାପଟପ୍ ଓ ଇଣ୍ଟରନେଟ ମାଧ୍ୟମରେ ସମ୍ଭବ ହୋଇପାରୁଛି। ଘରେ ଥାଇ ଇଣ୍ଟରନେଟ ମାଧ୍ୟମରେ ଅନଲାଇନ ଟିକେଟ କରିପାରୁଛନ୍ତି। ଏବେ ଘରୋଇ ଟେଲି କମ୍ପାନୀଗୁଡ଼ିକ ଛୋଟ ଛୋଟ ଗାଁଗୁଡିକରେ ୫- ଜି ସେବା ଯୋଗାଉଥିବା ବେଳେ ଏବେ ବି ବିଏସଏନଏଲ ସେବା ୨- ଜିରେ କଇଁଛ ଭଳି ମନ୍ଥର ଗତିରେ ଚାଲୁଛି। ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଉପାନ୍ତ ଅଞ୍ଚଳ ବରତୁଣ୍ଡା ଓ ମାଣ୍ଡୋସିଲ ଗାଁରେ ଦୀର୍ଘଦିନ ଧରି ବିଏସଏନଏଲ ଟାଓ୍ୱାର ରହିଛି। ପରେ ଏୟାରଟେଲ ଓ ଜିଓ ଆସି ୫- ଜି ସେବା ଯୋଗାଇଛନ୍ତି। ଅନେକ ବିଏସଏନଏଲ ଉପଭୋକ୍ତାମାନେ ପୋର୍ଟ କରି ଅନ୍ୟ ନେଟୱର୍କକୁ ଡେଇଁବା ଲାଗି ଚେଷ୍ଟା କରୁଛନ୍ତି। ୨- ଜି ସେବାରେ ଇଣ୍ଟରନେଟ ଖୋଲୁନି ଉପଭୋକ୍ତାମାନେ ନାହିଁ ନଥିବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ କଲେ ବି ବିଏସଏନଏଲ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି।

ବରତୁଣ୍ଡାରେ ଗାଁରେ ବିଏସଏନଏଲ ଟାଓ୍ୱାର ରହିଛି ହେଲେ ସେଥିରେ ମଧ୍ୟ ୪/୫ ଜି ପରିବର୍ତ୍ତେ ୨-ଜି ଚାଲୁଛି, ଯାହା ଇଣ୍ଟରନେଟ ନଥିବା ସଙ୍ଗେ ସମାନ ହେଉଛି। ବହୁ ପୁରୁଣା

ବିଏସ୍ଏନ୍ଏଲ୍‌ର ୪/୫ଜି ସେବା କେବେ

ଉପଭୋକ୍ତାମାନେ ବିଏସଏନଏଲ ବ୍ୟବହାର କରୁଛନ୍ତି ହେଲେ ତାଙ୍କ ସ୍ମାର୍ଟଫୋନରେ ଇଣ୍ଟରନେଟ ଚାଲୁ ନଥିବାରୁ ନାହିଁ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବିଏସଏନଏଲ ଥାଇ ୪/୫ ଜି ନହେବାରୁ ଉପଭୋକ୍ତାମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବରତୁଣ୍ଡା ହାଇସ୍କୁଲ ନିକଟରେ ଟାଓ୍ୱାର ଥିବା ଗାଁ ବସ୍ତି ପର୍ଯ୍ୟନ୍ତ କିମ୍ବା ଚେରେଙ୍ଗାଝାଞ୍ଚ ଓ ଜାମସେଠ ପର୍ଯ୍ୟନ୍ତ ନେଟୱର୍କ କମ ଆସୁଛି। ନେଟୱର୍କ ରେଞ୍ଜ ବଢ଼ାଇବାକୁ ଦାବି ହୋଇଛି। ଏନେଇ ବାରମ୍ବାର ଅଭିଯୋଗ କଲେ ବି ବିଏସଏନଏଲ କର୍ତ୍ତୃପକ୍ଷ ୪/୫ଜି ସେବା ଯୋଗାଉ ନଥିବାରୁ ଅସନ୍ତୋଷ ବୃଦ୍ଧିପାଉଛି।

ସେମାନେ ଯାହା କୁହନ୍ତି...

ଆଖପାଖ ଗାଁ ଗୁଡ଼ିକରେ ଘରୋଇ ଟେଲି କମ୍ପାନୀଗୁଡ଼ିକ ୪/୫ଜି ସେବା ଚାଲୁ କରୁଥିବା ବେଳେ ଆମ ଗାଁରେ ବିଏସଏନଏଲ ୪/୫ଜି ନଚାଲିବା ଦୁର୍ଭାଗ୍ୟଜନକ। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଶୀଘ୍ର ସେବା ଯୋଗାଇଦେବାକୁ ଅନୁରୋଧ କରୁଛୁ।

ବିଶ୍ୱନାଥ ବାଗ, ବରତୁଣ୍ଡା

ଗାଁ ବସ୍ତି ପର୍ଯ୍ୟନ୍ତ ଠିକ୍ ଭାବରେ ନେଟୱର୍କ ଆସୁନାହିଁ। ୪/୫ଜି ସେବା ନ ମିଳିବାରୁ ଇଣ୍ଟରନେଟ ଭଲ ଭାବରେ ଚାଲୁନାହିଁ। ଆମେ ଠିକ୍ ଭାବରେ ଇଣ୍ଟରନେଟ ଚଲାଇପାରୁନାହୁଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଶୀଘ୍ର ସେବା ପ୍ରଦାନ କରନ୍ତୁ।

ବେଣୁଧର ସାହୁ, ବରତୁଣ୍ଡା

ବରତୁଣ୍ଡା ଓ ଆମ ଗାଁ ମଝିରେ ଟାଓ୍ୱାର ଅଛି, ହେଲେ ନେଟୱର୍କ କମ ଆସୁଛି। ତା ସହିତ ୪/୫ଜି ସଂଯୋଗ କଲେ ଭଲ ହୁଅନ୍ତା ଆମେ ଅନଲାଇନ କ୍ଲାସ କରିପାରିବୁ।

କରୁଣାକର ପ୍ରଧାନ, ଚେରେଙ୍ଗାଝାଞ୍ଚ

ମାଣ୍ଡୋସିଲ ଓ ବରତୁଣ୍ଡାରେ ଦୁଇଟି ବିଏସଏନଏଲ ଟାଓ୍ୱାର ରହିଛି। ଆମ ଦୁଇ ଗାଁକୁ ନେଟୱର୍କ ଆସେ, ହେଲେ ଇଣ୍ଟରନେଟ ଚାଲେନି। ଏଠାରେ ୪/୫ଜି ସେବା ନାହିଁ। ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟିଦେଲେ ବହୁ ଉପଭୋକ୍ତା ବିଏସଏନଏଲ ସହ ଯୋଡ଼ି ହୋଇରହିବେ।

ପ୍ରମୋଦ ରାୟ, ଜାମସେଠ

ସଡ଼କ ସୁରକ୍ଷା ସପ୍ତାହ ପାଳିତ

ଗାଇସିଲେଟ, ୧୮।୧(ସମିସ): ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଜାମୁଟପାଲି ଗ୍ରାମପଞ୍ଚାୟତ ଅନ୍ତର୍ଗତ କେନ୍ଦୁଭଟା ଛକ ଠାରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଦେବଦତ୍ତ କ୍ଲବ ଅନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବର କର୍ମକର୍ତ୍ତାମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିହାପୁଖପାଣି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଅଶ୍ୱିନୀ କୁମାର ଦାଶ, କୃଷି ଗ୍ରାମ ସେବକ ଚନ୍ଦନ ବାଗ, ଦେବଦତ୍ତ କ୍ଲବର ଶେଷଦେବ ସାହୁ, ବିଜୟ ମାଝୀ, ବୀରେନ୍ଦ୍ର ବାରିକ, ମନ ଡନସନା, ଥବିର ସାହୁ, ଉମାକାନ୍ତ ସାହୁ, ରୋହିତ ବେହେରା, ସଂଜୀବ ରଣା, ଭଜମନ ଗଡ଼ତିଆ ଉପସ୍ଥିତ ଥିଲେ।

କଳାଭୂମିର ବାର୍ଷିକ ଉତ୍ସବ

ବରପାଲି,୧୮।୧ (ସମିସ): ବରପାଲି ଚାରୁକଳା ଓ କାରୁକଳା ଅନୁଷ୍ଠାନ କଳାଭୂମିର ସପ୍ତବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଚିତ୍ରକଳା ହସ୍ତଶିଳ୍ପ ପ୍ରଦର୍ଶନୀକୁ ବରପାଲି ତହସିଲଦାର ରୁକ୍ମଣ ଭୋଇ ଉଦଘାଟନ କରିଥିଲେ। ବରିଷ୍ଠ କଳାକାର ବିଶିଷ୍ଟ ବାନ୍ଧଶିଳ୍ପୀ ଡ. ସୁରେନ୍ଦ୍ର କୁମାର ମେହେର, ଅନୁଷ୍ଠାନ ସଭାପତି ରମାକାନ୍ତ ତ୍ରିପାଠୀ, ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ରାଉତ, କଳାଶିକ୍ଷକ.ବିନୋଦ, କେଶବ, ଆନନ୍ଦ, ଶିକ୍ଷୟିତ୍ରୀ ପ୍ରଜ୍ଞା,ସଭ୍ୟ ଲଳିତ,ଚାରୁ କଳାକାର ବନ୍ଦିତା ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଉତ୍ସବରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ କଳାଭୂମି ଆର୍ଟ ସ୍କୁଲ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଆୟୋଜିତ କଳା ପ୍ରଦର୍ଶନୀ ଛାତ୍ର ଛାତ୍ରୀମାନଙ୍କ ପାଇଁ ଆସନ୍ତା ୧୯ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ଖୋଲାରହିବ ବୋଲି ଆୟୋଜକମାନେ ଜଣାଇଥିଲେ।

ଆତ୍ମସୁରକ୍ଷା ତାଲିମ ଶିବିର

ବରଗଡ଼,୧୮।୧ (ସମିସ): ତୋରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସଂଯୋଜିକା ସୁସ୍ମିତା ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏହି ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀରାମ କର ସଭାପତିତ୍ୱ କରିଥିଲେ। ମାଷ୍ଟର ଟ୍ରେନର ପ୍ରିୟମ୍ବଦା ତ୍ରିପାଠୀ ଓ ରିଙ୍କି ଭୋଇଙ୍କ ଦ୍ୱାରା ପରଚାଳିତ ଏହି ଶିବିରର ଉଦଯାପନୀ ଦିବସରେ ମହାବିଦ୍ୟାଳୟ ର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଯୋଗଦାନ କରିଥିଲେ। ଏଥିରେ ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା।

ଆର୍ଦ୍ରଭୂମି ସ୍ଥଳରେ ପକ୍ଷୀଗଣନା ଓ ଜୀବନଶୈଳୀ ଅନୁଧ୍ୟାନ

ବରଗଡ଼,୧୮।୧ (ସମିସ): ବରଗଡ଼ ଜିଲ୍ଲା ଭଟଲି ବ୍ଲକ ଅନ୍ତର୍ଗତ କମଗାଁ ପଞ୍ଚାୟତ ଅଧୀନରେ ଥିବା କର୍ଲାଯୋରୀ ଓ ଅନ୍ତପାଲି ଗ୍ରାମ ଦ୍ୱୟ ପକ୍ଷୀ ସଂରକ୍ଷଣ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ପ୍ରକୃତିର ଗନ୍ତାଘର କୁହାଯାଉଥିବା ଏ ଅଞ୍ଚଳ ଜୈବ ବିବିଧତାରେ କ୍ଷେତ୍ରରେ ବେଶ୍ ଗୁରୁତ୍ୱପୂର୍ଣ୍ଣ। ପ୍ରତ୍ୟେକ ବର୍ଷ ଏ ଅଞ୍ଚଳକୁ ବିଭିନ୍ନ ପ୍ରଜାତିର ପରିବ୍ରାଜକ ପକ୍ଷୀ ଅକ୍ଷୟ ତୃତୀୟା ବେଳକୁ ଆଗମନ କରି ଶୀତ ଋତୁ ଆରମ୍ଭ ହେବାର ଅଳ୍ପଦିନ ପର୍ଯ୍ୟନ୍ତ ଆସ୍ଥାନ ଜମାଇବା ସହିତ କାର୍ତ୍ତିକ ପୂର୍ଣ୍ଣିମା ବେଳକୁ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଯାଆନ୍ତି। ତଥାପି ଆର୍ଦ୍ର ଭୂମି ସ୍ଥଳରେ କିଛି ପ୍ରଜାତିର ପକ୍ଷୀ ଜଳକ୍ରୀଡ଼ା କରିବା,ଖାଦ୍ୟ ସଂଗ୍ରହ କରିବା ଏବଂ ନୀଳ ଆକାଶରେ ଦଳବଦ୍ଧ ହୋଇ ଉଡ଼ିବାର ଅପୂର୍ବ ଦୃଶ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ସ୍ଥାନୀୟ ପକ୍ଷୀମାନଙ୍କ ମଧ୍ୟରେ କର୍ମୋରେଣ୍ଟ, ଇଗ୍ରିଟ୍,ହେରନ୍, କିଙ୍ଗ

ଫିସର ଆଦି ବିଭିନ୍ନ ପ୍ରଜାତିର ବିହଙ୍ଗ ଦେଖିବାକୁ ମିଳିଥାଏ। ଚଳିତ ବର୍ଷ ସେହି ପକ୍ଷୀମାନଙ୍କ ସଂଖ୍ୟା ଓ ସେମାନଙ୍କ ଜୀବନ ଶୈଳୀ ଅନୁଧ୍ୟାନ କରିବା ପାଇଁ ବରଗଡ଼ ବନାଞ୍ଚଳ ଅଧିକାରୀ ଆରତୀ ନେଗୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ବନପାଳ ସୁଶୀଳ ମାଝୀ, ଇକୋ କ୍ଲବ ମାଷ୍ଟର ଟ୍ରେନର ତଥା ପରିବେଶବିତ୍ ସଞ୍ଜୟ ଖମାରୀ,ବନରକ୍ଷୀ କିଶୋର ସେଠ୍,ଜଙ୍ଗଲ ସୁରକ୍ଷାର ସ୍କାର୍ଡ ମନୋରଞ୍ଜନ ସାହୁ ଓ ସୁମନ୍ତ ମିର୍ଦ୍ଧା ପ୍ରମୁଖ ସ୍ଥାନୀୟ ଆର୍ଦ୍ରଭୂମି ସ୍ଥଳ ପରିଦର୍ଶନ କରିଥିଲେ। ବାଇନାକୁଲାର ମାଧ୍ୟମରେ ସେମାନଙ୍କ ପ୍ରଜାତି ବିଷୟରେ ତଥ୍ୟ ସଂଗ୍ରହ କରିବା ସହିତ ଡ୍ରୋନ କ୍ୟାମେରା ବ୍ୟବହାର କରି ସେମାନଙ୍କ ଗତିବିଧିର ସ୍ପଷ୍ଟ ଚିତ୍ର ଉତ୍ତୋଳନ କରିଥିଲେ।

ଜବାହର ନବୋଦୟ ପ୍ରବେଶିକା ପରୀକ୍ଷା

ଅମ୍ବାଭୋନା, ୧୮ ।୧ (ସମିସ): ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ଭୁକ୍ତାରେ ଜବହାର ନବୋଦୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ପଞ୍ଚମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୪୧ ଜଣ ଏହି ପରୀକ୍ଷା କେନ୍ଦ୍ରରେ ଉପସ୍ଥିତ ଥିଲେ। ଆସନ୍ତା ଶିକ୍ଷାବର୍ଷରେ ନବୋଦୟ ବିଦ୍ୟାଳୟ ପରିଚାଳନା ସମିତି ଦ୍ୱାରା ପରିଚାଳିତ ଜବାହର ନବୋଦୟ ବିଦ୍ୟାଳୟରେ କୃତକାର୍ଯ୍ୟ ପରୀକ୍ଷାର୍ଥୀ ନାମ ଲେଖାଇବା ପାଇଁ ଯୋଗ୍ୟ ବିବେଚିତ ହେବେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ଶିକ୍ଷକ ସଞ୍ଜୟ ଖମାରୀ, ତେଜରାମ ସା, ଜ୍ୟୋତିଶ୍ଚନ୍ଦ୍ର ପଧାନ, ବୋଧରାମ ବିଶ୍ୱାଳ, ଈଶ୍ୱର ପଧାନ, ଅଙ୍କିତ ମହନ୍ତ, ଶିକ୍ଷୟିତ୍ରୀ ଅନୀତା ପଧାନ ନିରୀକ୍ଷକ ଦାୟିତ୍ୱ ତୁଲାଇଥିବା ବେଳେ ପଦ୍ମଲୋଚନ ବିଶି ଓ ସୁବାସ ଚନ୍ଦ୍ର ଖମାରୀ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ନାୟକ କେନ୍ଦ୍ର ତତ୍ତ୍ୱାବଧାରକ ଭାବେ ଦାୟିତ୍ୱ ନିର୍ବାହ କରିଥିବାବେଳେ ଜବାହର ନବୋଦୟ ବିଦ୍ୟାଳୟ ପାଇକମାଳର ଶିକ୍ଷକ ଗୋବିନ୍ଦ କୁମାର ପଣ୍ଡିତ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ପରୀକ୍ଷା କାର୍ଯ୍ୟ ତଦାରଖ କରିଥିଲେ। ଅମ୍ବାଭୋନା ବିଡିଓ ଲଳିତ ବାଗ, ତହସିଲଦାର ରଘୁନାଥ ପାଣିଗ୍ରାହୀ ଓ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଧୀରଜ ପଟ୍ଟନାୟକ ପରୀକ୍ଷାକେନ୍ଦ୍ର ପରିଦର୍ଶନ କରିଥିଲେ।

ବର୍ଦ୍ଧିତ ଭତ୍ତା ବାଣ୍ଟିଲେ ସରପଞ୍ଚ

ପାଇକମାଳ, ୧୮ ।୧ (ସମିସ) : ରାଜ୍ୟ ସରକାର ୮୦ ବର୍ଷ ଓ ୮୦% ଦିବ୍ୟାଙ୍ଗ ମହିଳା ଓ ପୁରୁଷଙ୍କୁ ୩୫ଶହ ଟଙ୍କା ଭତ୍ତା ପ୍ରଦାନ କରିଛନ୍ତି। ଏହି କ୍ରମରେ ପାଇକମାଳ ବ୍ଲକର ଟେମେରୀ ଗ୍ରାମ ପଞ୍ଚାୟତ ଯୁବ ସରପଞ୍ଚ ଦିଲ୍ଲୀପ

ବେହେରା ତାଙ୍କ ପଞ୍ଚାୟତର ସୋଢ଼ା, କୁର୍ଷାପାଲି, ଟେମେରୀ, ଧାନ୍ଦୁପାଲି ଆଦି ଗାଁର ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିବା ଦେଖାଦେଇଛି।

ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ଭେଡ଼େନ, ୧୮ ।୧(ସମିସ): ଭେଡ଼େନ ସ୍ଥିତ ଆଞ୍ଚଳିକ କିଷାନ ମହାବିଦ୍ୟାଳୟରେ ଅନୁଷ୍ଠିତ ଆତ୍ମ ସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ମଞ୍ଜୁଳା ସାହୁଙ୍କ ତତ୍ତ୍ୱାବଧାନ ଅନୁଷ୍ଠିତ ଉଦଯାପିତ ଶିବିରକୁ ଅଧ୍ୟାପିକା ଡ଼ ସୁଜାତା ମେହେର, କର୍ମଶାଳାରେ ଟ୍ରେନର ଭାବେ ସୋନାଲୀ କର୍ଣ୍ଣ ଯୋଗଦାନ କରି ଛାତ୍ରୀଙ୍କୁ ଆତ୍ମ ସୁରକ୍ଷା ତାଲିମ ପ୍ରଦାନ କରିଥିଲେ ଓ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ବିନୋଦ ବିହାରୀ ଭୋଇ, ଖେଳ ଶିକ୍ଷକ ଯୁଧିଷ୍ଠିର ମହାକୁରଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସହଯୋଗ କରିଥିଲେ।

ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ

ଭଟଲି,୧୮ ।୧(ସମିସ): ଭଟଲି ବ୍ଲକ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ ନୂଆଁଗଡ଼ଠାରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ତ୍ରୟୋଦଶତମ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାରେ ବିଇଓ ସରୋଜ କୁମାର ଭୁଏ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ପରଦେଶୀ ବୁଧିଆ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ବିଦ୍ୟାଳୟର କନିଷ୍ଠ ସହାୟକ ଆନନ୍ଦ ସାହୁ ବିଦ୍ୟାଳୟର ବିଭିନ୍ନ ଅଭିନବ ପଦକ୍ଷେପ ଗୁଡ଼ିକୁ ପ୍ରଦର୍ଶନ କରିଥିଲେ। ପରେ ସମସ୍ତ ପ୍ରଧାନଶିକ୍ଷକ ବିଦ୍ୟାଳୟର ଲାଇବ୍ରେରୀ, ବିଜ୍ଞାନାଗାର ପରିଦର୍ଶନ କରି ଏହାର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ଏହାର ନୂତନ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଚାରୋଟି କ୍ଲବର ସମୀକ୍ଷା,ୟୁଡାଇସ ପ୍ଲସ, ଆପାର ଆଡି, ପୋଷାକ ପରିଧାନ ଯୋଜନା,ଆଇ ଗଟ୍ କର୍ମଯୋଗୀ, ବିଭିନ୍ନ ସରକାରୀ ଅନୁଦାନର ଖର୍ଚ୍ଚ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏଥିରେ ବ୍ଲକର ସମସ୍ତ ୧୯ଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଯୋଗଦାନ କରି ନିଜ ନିଜ ମତାମତ ରଖିଥିଲେ।

ଆତ୍ମସୁରକ୍ଷା ଶିବିର ଉଦ୍‌ଯା

ଗୁଡ୍ ମର୍ଣ୍ଣିଂ ରିପୋର୍ଟର

ଆଉ ମିଳୁନି
ଗୋବିନ୍ଦପାଲ୍ଲୀ ବାଇଗଣ

ଅଶୋକ ମିଶ୍ର

ବିଗତ ଶତାବ୍ଦୀ ଓ ଦଶକ ଗୁଡିକରେ ରାଜ୍ୟରେ ଖୁବ ପ୍ରସିଦ୍ଧି ଲାଭ କରିଥିଲା ଏଠାକାର ବାଇଗଣ । ଭୁବନେଶ୍ୱର, କଟକ, ବ୍ରହ୍ମପୁର, ବଲାଙ୍ଗୀର, ସମ୍ବଲପୁରରେ ବି ଗୋବିନ୍ଦପାଲ୍ଲୀ ବାଇଗଣ ନାମରେ ପ୍ରସିଦ୍ଧ ଥିବା ସହିତ ସ୍ଥାନୀୟ ଚାଷୀଙ୍କ ପାଇଁ ବି ଭଲ ରୋଜଗାର ଦେଉଥିଲା । ତେବେ ଗତ ଦୁଇ ଦଶକରେ ଆଧୁନିକ ଚାଷ ନାମରେ ଏଠି ହେଉଥିବା ବାଇଗଣ, ଭେଣ୍ଡି , ଟମାଟୋ ଓ ଲଙ୍କା ଆଉ ବଜାରରେ ଦେଖିବାକୁ ମିଳୁନି ।

ରାଜ୍ୟରେ ସୁନାମ ଅର୍ଜନ କରିଥିବା ମାଲକାନଗିରି ଜିଲ୍ଲା ଗୋବିନ୍ଦପାଲ୍ଲୀ ଅଞ୍ଚଳର ବିଭିନ୍ନ ପ୍ରଜାତିର ବାଇଗଣ ବର୍ତ୍ତମାନ ଆଉ ମିଳୁନି । ପ୍ରୋତ୍ସାହନ ଅଭାବରୁ ପ୍ରଜାତିର ସୁସ୍ୱାଦୁ ବାଇଗଣ ଚାଷ ଲୋକ ଧିରେ ଧିରେ ବନ୍ଦ କଲେଣି । ନିଜର ପରିଚୟ ସୃଷ୍ଟି କରିଥିବା ଏ ବାଇଗଣର ମୁଖ୍ୟତଃ ମଞ୍ଜି ଖୁବ କମ ହୁଏ ଓ ଆକାରରେ ଅଧା କିଲୋରୁ ଏକ କିଲୋ ପର୍ଯ୍ୟନ୍ତ ହୁଏ । ଏହାର ସୁଗନ୍ଧ ମଧ୍ୟ ଖୁବ ଆକର୍ଷଣୀୟ ।

ଗୋବିନ୍ଦପାଲ୍ଲୀ ଆଖ ପାଖର ଧୁଙ୍ଗିଆପୁଟ, ଗୋବିନ୍ଦପାଲ୍ଲୀ, କୁଟୁଣୀପାଲ୍ଲୀ ପ୍ରଭୃତି ପଞ୍ଚାୟତ ସପ୍ତଧାରା ଓ ଏହାର ଉପନଦୀ ଧର୍ମଧାରାର ଅବବାହିକାରେ ଆସେ ଶହ ଶହ ଏକର ଚାଷ ଉପତ୍ୟକା । ପାହାଡି ନଦୀ ଗୁଡିକର ଅବବାହିକା ଓ ଉପତ୍ୟକା ପ୍ରତି ବର୍ଷ ବର୍ଷାଦିନେ ପାହାଡି ପଟୁ ମାଟିରେ ଖୁବ ଉର୍ବର ହୋଇଥାଏ । ନଦୀର ଦୁଇପଟର ବାଲୁକା ଶଯ୍ୟା ଯୁକ୍ତ ଚାଷ ଉପଯୋଗୀ ଅଞ୍ଚଳକୁ ଏଠାକାର ଆଦିବାସୀ ଭାଷାରେ ''ଅଟାଲ' କହନ୍ତି । ତେଣୁ ଏଠି ଚାଷ ହେଉଥିବା ଝୁମ୍ପା, ପେଣ୍ଡି, ବଡ ବାଇଗଣ ପ୍ରଜାତି ଅଟାଲ ବାଇଗଣ ବୋଲି ପ୍ରସିଦ୍ଧି ଲାଭ କରିଥିଲା । ଏଠି ଅଟାଲରେ ଚାଷ ହେଉଥିବା ଦେଶୀ ଟମାଟକୁ ଭେଜରି ବୋଲି କହନ୍ତି । ତେବେ ଏ ଭେଜରି ଆକାରରେ ଖୁବ ବଡ ନ ହେଲେ ବି ବର୍ତ୍ତମାନ ବଜାରରେ ମିଳୁଥିବା ଟମାଟୋ ଠାରୁ ଭଲ ଓ ଅଳ୍ପ ଖଟା । ସେମିତି ଭେଣ୍ଡିରେ ଯେଉଁ ପ୍ରଜାତି ଏସବୁ ଅଟାଲ ଗୁଡିକରେ ଚାଷ ହେଉଥିଲା ସେଗୁଡିକରେ ନାଲୁଆ ଅଂଶ ଖୁବ କମ କିନ୍ତୁ ଖୁବ ସୁସ୍ୱାଦୁ ।

ସବୁଠୁ ବଡ କଥା ହେଉଛି ପୁରା ବିଶ୍ୱରେ ଜୈବିକ କୃଷିକୁ ବହୁତ ଗୁରୁତ୍ୱ ଦିଆ ଯାଉଥିବା ବେଳେ ଏଠାକାର ଅଟାଲ ଚାଷ ସଂପୂର୍ଣ୍ଣ ଜୈବିକ ହିଁ ହୁଏ । କୌଣସି ପ୍ରକାର ରାସାୟନିକ ସାର ଓ କୀଟନାଶକ ବ୍ୟବହାର ହେଉ ନ ଥିବାରୁ ଏ ବାଇଗଣ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର ହେଉଥିଲା । ଅତି ବେଶୀରେ କେହି କେହି ଅଳ୍ପ ଗୋବର ପ୍ରୟୋଗ କରୁଥିଲେ । ପଟୁ ମାଟିରେ ଏ ବିଶିଷ୍ଟ ପ୍ରଜାତିର ବିହନରେ ପ୍ରସ୍ତୁତ ବାଇଗଣ ଆକାର ଖୁବ ବଡ, ମଞ୍ଜି ଖୁବ କମ ଏ ରଙ୍ଗ ମୂଳତଃ ଧଳା ହେଉଥିଲା । ମୁଖ୍ୟତଃ ଝୁମ୍ପା, ପେଣ୍ଡି ଓ ବଡ ବାଇଗଣ ବାଇଗଣ ଓ ଫୁଲେରି ଟମାଟ ନିକଟତମ ଗୋବିନ୍ଦପାଲ୍ଲୀ ବଜାରରେ ଶୀତ ଦିନରୁ ଆରମ୍ଭ କରି ଖରା ଦିନର ଶେଷ ପର୍ଯ୍ୟନ୍ତ ମିଳୁଥିଲା ।

ତେବେ ମୂଳ କଥା ହେଉଛି ଅଟାଲ ଚାଷ ଓ ବିନା ରାସାୟନିକ ସାର କୀଟନାଶକରେ ହୁଏ, ଯାହା ଧିରେ ଧିରେ ବନ୍ଦ ହେବାକୁ ବସିଲାଣି । ବଜାରରେ ଚାହିଦା ଥିଲେ ମଧ୍ୟ ଉଚିତ ସୁବିଧାସୁଯୋଗ ଓ ବିପଣନ ରାସ୍ତା ଠିକରେ ଚାଷୀଙ୍କ ପାଖରେ ନ ଥିବାରୁ ପ୍ରଜାତି ଗୁଡିକ ଲୋପ ତ ପାଉଛି ତା ସହିତ ଗୋବିନ୍ଦପାଲ୍ଲୀର ପରିଚୟ କୁହାଯାଉଥିବା ଅଟାଲ ବାଇଗଣ ଲୋପ ବି ହେଉଛି ।

ବୁଲା ବାରିକ



ମନ୍ଦିର ମାଳିନୀ ଗାଁ

ଖୋର୍ଦ୍ଧାରୁ ଭୁବନେଶ୍ୱର ଯିବା ରାସ୍ତାରେ ୧୬ନଂ ଜାତୀୟ ରାଜପଥରେ ଅବସ୍ଥିତ ଜଟଣୀ ବ୍ଲକ୍‌ର ଯାଁଳା ଅଞ୍ଚଳ, ଏହାକୁ ମନ୍ଦିର ମାଳିନୀ ଗାଁ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଅଞ୍ଚଳରେ ଛୋଟବଡ଼ ହୋଇ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ମନ୍ଦିର ରହିଛି । ପ୍ରତ୍ୟେକ ଦେବଦେବୀଙ୍କ ପଛରେ କିଛି ନା କିଛି କିମ୍ବଦନ୍ତୀ ଲୁଚି ରହିଛି । ଏହି ଅଞ୍ଚଳରେ ଚତୁଃଦିଗରେ ୪ଟି ମହାଦେବ ମନ୍ଦିର, ପୂର୍ବରେ ଗ୍ରାମେଶ୍ୱର ଦେବ, ପଶ୍ଚିମରେ ପଞ୍ଚଲିଙ୍ଗେଶ୍ୱର, ଉତ୍ତରରେ ବାବା ବାଲୁଙ୍କେଶ୍ୱର ଏବଂ ଦକ୍ଷିଣରେ ମୃଗେଶ୍ୱର ମହାଦେବ ବିରାଜମାନ କରିଛନ୍ତି । ଅଞ୍ଚଳର ପ୍ରତ୍ୟକ୍ଷ ଏବଂ ପ୍ରସିଦ୍ଧ ଦେବୀ ମା'ବାଟ ଭୁଆଶୁଣୀ ମନ୍ଦିର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ।

ଶୁଣାଯାଏ ଏକଦା ଜଣେ ରାଜା ଏକ ମିରିଗକୁ ଶିକାର କରିବା ଉଦ୍ଦେଶ୍ୟରେ ତା ପଛରେ ଧାଇଁଥିଲେ, ମିରିଗଟି ଧାଇଁଥିବା ବେଳେ ତାର ପାଦସେହି ରାସ୍ତାରେ ଥିବା ମହାଦେବଙ୍କ ଶକ୍ତି ଉପରେ ପଡିଯାଇଥିଲା, ଏବଂ ତା ଉପରେ ସେହି ମିରିଗର ପାଦଚିହ୍ନ ସ୍ପଷ୍ଟ ହୋଇ ରହିଯାଇଥିଲା, ରାଜା ଏହାଦେଖି ଆଶ୍ଚର୍ଯ୍ୟ ଚକିତ ହୋଇଯାଇଥିଲେ ଏବଂ ସେହିଠାରେ ଏକ ଶିବ ମନ୍ଦିର ନିର୍ମାଣ କରିଥିଲେ,ମୃଗର ପାଦଚିହ୍ନ ରହିଥିବାରୁ ଠାକୁରଙ୍କର ନାମ ମୃଗେଶ୍ୱର ରଖାଗଲା ।

ସେହିପରି ଆଉ ଏକ ଆଶ୍ଚର୍ଯ୍ୟର କଥା ହେଉଛି ମହାବିଷୁବ ପଣାସଂକ୍ରାନ୍ତିରେ ଚାରିଆଡେ ଝାମୁଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ବାବା ମୃତ୍ୟେଶ୍ୱରଙ୍କ ପୀଠରେ ରଜଯାତ୍ରା ସମୟରେ ଝାମୁଯାତ୍ରା ଅନୁଷ୍ଠିତ ହୁଏ ଠିକ୍ ପଣା ସଂକ୍ରାନ୍ତିରେ ଝାମୁଯାତ୍ରା ପରି ପାଟୁଆମାନେ ଦେହରେ କଣ୍ଟାଫୋଡି ହୁଅନ୍ତି, ଖାଇରେ ତଳକୁ ଝୁଲନ୍ତି ଯାହାକୁ ଅଘୋର ତପ କୁହାଯାଏ, ଆହୁରି ମଧ୍ୟ ପ୍ରତ୍ୟେକ ସଂକ୍ରାନ୍ତି ଏବଂ ଜାଗର ବେଳେ ଏଠାରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୁଏ,ଠାକୁରଙ୍କର ଅନ୍ୟାନ୍ୟ ଯାତ୍ରା ମଧ୍ୟ ଏଠାରେ ପ୍ରଥା, ପରମ୍ପରା ଅନୁଯାୟୀ ମହା ଆଡମ୍ବରରେ ପାଳନ କରାଯାଏ,

ବାବା ଗ୍ରାମେଶ୍ୱରଙ୍କର ଏକ କିମ୍ବଦନ୍ତୀ ଅଛି ଯେ ଏହି ଅଞ୍ଚଳରେ ସ୍ଥାନୀୟ ଗୌଡ଼ଙ୍କର ପୂର୍ବ ପୁରୁଷ ଏକଦା ଗାଈ ଚରାଇବା ସମୟରେ ଦେଖିଲେ ଯେ ଗାଈଟିଏ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିଦିନ ଯାଇ ଛିଡ଼ାହେଉଛି ଏବଂ ତା ପହ୍ନାରୁ ଆପେ ଆପେ ସେଠାରେ କ୍ଷୀର ବାହାରି ଭୂମିରେ ପଡୁଛି କୌତୁହଳ ହେବାରୁ ଦେଖନ୍ତି ଯେ ସେଠାରେ ସ୍ୱୟଂ ମହାଦେବଙ୍କ ଶକ୍ତି ଉପରକୁ ଦିସୁଛି, ସେହି ରାତିରେ ପ୍ରଭୁଙ୍କର ସ୍ୱପ୍ନାଦେଶ ହେଲା ସେଠାରେ ମନ୍ଦିର ନିର୍ମାଣ ପାଇଁ, କିନ୍ତୁ ମନ୍ଦିର ନିର୍ମାଣ ପାଇଁ ସ୍ଥାନୀୟ ଜଣେ ବ୍ୟକ୍ତି ଏବଂ ଗୌଡ଼ମାନଙ୍କ ମଧ୍ୟରେ ବିବାଦ ଉପୁଜିଲା ଶେଷରେ ଦୁଇଟି ମାଠିଆ ଭର୍ତ୍ତି ମୁଦ୍ରା ଏକ ଗଛ ଡାଳରେ ବାନ୍ଧି ଦିଆଗଲା, ଯେଉଁ ମାଠିଆଟି ପ୍ରଥମେ ତଳକୁ ପଡିବ ସେହି ମନ୍ଦିର ନିର୍ମାଣ ଦାୟିତ୍ୱ ନେବ ବୋଲି ସ୍ଥିର କରାଗଲା. ଶେଷରେ ସ୍ଥାନୀୟ ସେହି ବ୍ୟକ୍ତି ଜଶକ ଗ୍ରାମବାସୀଙ୍କୁ ଧରି ମନ୍ଦିର ନିର୍ମାଣ ସଂପୂର୍ଣ୍ଣ କଲେ, ଏମିତିକି ତାଙ୍କର ସମ୍ପତ୍ତି ତିନିବାଟି ଦଶମାଣ ଜମିକୁ ଠାକୁରଙ୍କ ନାମରେ ତାଙ୍କର ସେବାୟତମାନଙ୍କୁ ସମର୍ପି ଦେଲେ, ବିସ୍ମୟର କଥା ଏହି କି ଭବିଷ୍ୟତରେ ତାଙ୍କୁ କିମ୍ବା ତାଙ୍କର ବଂଶଧରମାନଙ୍କୁ କେହି ଯେମିତି ନ କୁହନ୍ତୁ ଯେ ସେ ମନ୍ଦିର ନିର୍ମାଣ କରିଛନ୍ତି, ସେଥିପାଇଁ ସେ ଗାଁ ମାଟି ଛାଡ଼ି ସବୁଦିନ ପାଇଁ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଛନ୍ତି ଗ୍ରାମର ବିବାଦ ଯୋଗୁ ପ୍ରତିଷ୍ଠିତ ମହାଦେବଙ୍କ ନାମ ଗ୍ରାମେଶ୍ୱର ନାମରେ ଖ୍ୟାତ ହେଲା । ସେହିପରି ବାବା ବାଲୁଙ୍କେଶ୍ୱରଙ୍କ କୃପା ମଧ୍ୟ ଆପାର, ଏହାର ବିଶେଷତ୍ୱ ଏହି କି ଯେ ସମସ୍ତ ଶୈବ ପୀଠର ମୁଖ ପୂର୍ବଦିଗକୁ ଥିବା ବେଳେ ଏହା ଏକ ପଶ୍ଚିମ ମୁଖା ମନ୍ଦିର । ଶୁଣାଯାଏ ଯେ ଜଣେ ରାଜା ଏହା ନିର୍ମାଣ କରିଥିଲେ ଏବଂ ତା ପାଖରେ ଥିବା ପୋଖରୀକୁ ତାଙ୍କ ରାଣୀ ଚିତ୍ର ଦେବୀଙ୍କ ନାମରେ ନାମିତ କରିଥିଲେ ବର୍ତ୍ତମାନ ଯେଉଁ ପୋଖରୀଟି ବଡ଼ ପୋଖରୀ ନାମରେ ପରିଚିତ ଅଟେ ।

ସେହିପରି ପ୍ରଭୁ ମହାଦେବଙ୍କୁ ନେଇ ପଞ୍ଚାୟତରେ ଦୁଇଟି ଗାଁରେ ବାଦ ବିବାଦ ଉପୁଜିଥିଲା, ବାବା ମହାଦେବଙ୍କ ମନ୍ଦିର ନିର୍ମାଣକୁ ନେଇ ପଞ୍ଚାୟତରେ ଦୁଇଟି ଗାଁରେ ବିବାଦ ଯୋଗୁ ନିର୍ମିତ ମନ୍ଦିରର ନାମ ପଞ୍ଚଲିଙ୍ଗେଶ୍ୱର ନାମରେ ନାମିତ ହୋଇଛି ।

ସେହିପରି ଯାଁଳାର ଅଧିଷ୍ଠାତ୍ରୀ ଦେବୀ ମା' ବାଟ ଭୁଆଷୁଣୀ, ମା'ଙ୍କ ମନ୍ଦିର ପ୍ରତିଷ୍ଠା ଅତ୍ୟନ୍ତ ରହସ୍ୟମୟ,ଲୋକ ନିସୃତ ବାଣୀ ଏହି କି ଯେ ଜଣେ ଗାଈ ଜଗୁଆଳ ପ୍ରତିଦିନ ଗାଈ ନେଇ ଜଙ୍ଗଲ ବାଟ ଦେଇ ଯାଏ, ତାର ଏକ ଭୁଆଷୁଣୀ ଝିଅ ପ୍ରତିଦିନ ତାର ଆସିବା ବାଟକୁ ଅନାଇ ଥାଏ ଏମିତିକି ଟିକେ ଡେରି ହେଲେ ବାଟ ପର୍ଯ୍ୟନ୍ତ ଚାଲିଯାଏ । ଥରେ ତା ବାପାର ଆସିବା ଡେରି ହେବାରୁ ସେ ବାଟ ପର୍ଯ୍ୟନ୍ତ ଚାଲି ଯାଇଥିଲା ହେଲେ ତା ବାପାକୁ ପାଇନଥିଲା ଶୁଣାଯାଏ ଯେ ତା ବାପା କୌଣସି କାରଣରୁ ଜଙ୍ଗଲରେ ମୃତ୍ୟୁବରଣ କରିଥିଲେ,ଭୁଆଷୁଣୀ ଝିଅଟି ମଧ୍ୟ ସେହି ବାଟରେ ହିଁ ମୃତ୍ୟୁବରଣ କରିଥିଲା । ସେହି ବାଟଦେଇ ଲୋକେ ଯିବା ଆସିବା ସମୟରେ ସେହି ସ୍ଥାନରେ ଏକ ଝିଅର କ୍ରନ୍ଦନ ଏବଂ ଚୁଡ଼ି ଝଣ ଝଣ ଶବ୍ଦ ଶୁଣାଯାଏ, ଆହୁରି ମଧ୍ୟ ଶୁଣାଯାଏ ଯେ ସେହି ସ୍ଥାନରେ କୌଣସି ଅଘଟଣ ବା ଦୁର୍ଘଟଣା ଘଟିଲେ କେହି ଯେମିତି ସେମାନଙ୍କୁ ସାହାଯ୍ୟ କରୁଛି,ବିପଦ ଆପଦରେ ରକ୍ଷା କରୁଛି । ସେଥିପାଇଁ ସ୍ଥାନୀୟ ଲୋକେ ସେଠାରେ ଏକ ପଥର ରଖି ତାକୁ ପୂଜା କରିବାରେ ଲାଗିଲେ । ସେହି ବାଟରେ ଭୁଆଷୁଣୀ ଝିଅର ଜୀବନ ଯାଇଥିବାରୁ ସେହି ପଥରକୁ ସେମାନେ ମା' ବାଟ ଭୁଆଷୁଣୀ ନାମରେ ନାମିତ କରି ପୂଜା କରିବାରେ ଲାଗିଲେ, କାଳକ୍ରମେ ସେହି ଗଛ ମୂଳରେ ଏକ ମନ୍ଦିର ନିର୍ମାଣ କରାଗଲା । ସେହିଦିନ ଠାରୁ ମା' ସେହି ଗଛ ମୂଳରେ ଏକ ମନ୍ଦିରରେ ପୂଜା ପାଇ ସମସ୍ତଙ୍କର ମନୋସ୍କାମନା ପୂରଣ କରୁଛନ୍ତି ବୋଲି ଭକ୍ତମାନେ କୁହନ୍ତି । ସେହିପରି ଆହୁରି ଅନେକ ମନ୍ଦିର ଏ ଅଞ୍ଚଳରେ ଅବସ୍ଥିତ ଯାହାକି କଳ୍ପନାର ବାହାରେ, ଯେପରିକି ଅନେକ ମଙ୍ଗଳା ମନ୍ଦିର, ହନୁମାନ ମନ୍ଦିର,ରଘୁନାଥ ମନ୍ଦିର, ଚଣ୍ଡି ମନ୍ଦିର, ସାଇ ମନ୍ଦିର,ମା' ଖଣ୍ଡୁଆଳ ମନ୍ଦିର,ତ୍ରିନାଥ ମନ୍ଦିର, ଶ୍ୟାମାକାଳୀ,ଯୋଗମାୟା, ରାଧାମାଧବ, ଜାଗୁଳେଇ, ଦାରୁ ଆଣୀ ମନ୍ଦିର ଅନ୍ୟତମ ।

ରାସ୍ତାରେ ଗଡ଼ୁନି ଶଗଡ଼
ହଜିଯାଉଛି ହଳ ବଳଦ

ଦିନେ ଗାଁ ଗଣ୍ଡାରେ ବାସ କରୁଥିବା ସମ୍ଭ୍ରାନ୍ତ ତଥା ସାହୁକାର ଶ୍ରେଣୀର ମୁଖ୍ୟ ପରିଚୟଥିଲା ଶଗଡ଼ । ଗାଁଠାରୁ ସହର ପର୍ଯ୍ୟନ୍ତ ଶଗଡ଼ର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା । ଆଧୁନିକ ଜ୍ଞାନ କୌଶଳର ଉଦ୍ଭାବନ ଓ ଏହାର ପ୍ରୟୋଗ ଫଳରେ ଆଜିକାଲି ପ୍ରାୟ ଶଗଡ଼ ଅଲୋଡ଼ା ହୋଇ ପଡିଛି । ସେହିପରି ହଳ ବଳଦ କଥା ନକହିଲେ ଭଲ । ପୁରୁଷାନୁକ୍ରମେ ଭୋର ୪ଟାରୁ ଚାଷୀମାନେ ହଳ ଲଙ୍ଗଳ ନେଇ ବିଲରେ ଚାଷ କରୁଥିଲେ । ଶଗଡ଼ରେ ଜମିକୁ ଖତ ବୋହୁଥିଲେ । ସେଠାରୁ ଫସଲ ଆଣୁଥିଲେ । ପୂର୍ବରୁ ଶୁଣାଯାଉଥିବା ଶଗଡ଼ର କେଁ କଟର ଶବ୍ଦ, ଶଗଡ଼ିଆଙ୍କ ଗୀତ ଆଉ ନାହିଁ । ଜମିରେ ଲଙ୍ଗଳ ବଦଳରେ ବୁଲୁଛି ଟ୍ରାକ୍ଟର, ପାୱାର ଟିଲର ଓ ହାର୍ଭେଷ୍ଟର ଭଳି ଆଧୁନିକ ଯନ୍ତ୍ରପାତି । ଏହି ଯାନ୍ତ୍ରିକ ଗାଡ଼ିର କର୍କଶ ଶବ୍ଦରେ କାନ ଫାଟିଯାଉଛି । ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କମ୍ ସମୟରେ ଅଧିକ କାର୍ଯ୍ୟ ହୋଇପାରୁଛି ସତ, କିନ୍ତୁ ଏଥିଯୋଗୁଁ ଗାଁ ଗହଳିରେ ଏବେ ଲୋକେ କାମ ପାଉନାହାନ୍ତି । ଅନେକ ଚାଷୀ ଚାଷ କାର୍ଯ୍ୟ ଛାଡ଼ି ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି । ଏହି ଯାନ୍ତ୍ରିକରୁ ବାହାରୁଥିବା କଳାଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି । କାଁ ଭାଁ ଗ୍ରାମାଂଚଳରେ ଗରିବ, ଆର୍ôଥକ ଦୁର୍ବଳ ଓ ସ୍ୱାବଲମ୍ବୀ ଚାଷୀ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି ।ବହୁବର୍ଷ ପୂର୍ବରୁ ଲୋକେ ବ୍ୟବହାର କରୁଥିବା ଶଗଡ଼ ଗାଡ଼ି ଏବଂ ଏଥିରେ ଲାଗିଥିବା ଚକ, ଅଖ, ହଳ, ଲଙ୍ଗଳ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡ଼ିଛି ତ କେଉଁଠି ପିଣ୍ଡାରେ ଅଜାଡ଼ି ହୋଇ ତା ଉପରେ ବହଳେ ଧୂଳି ଆସ୍ତରଣ ଜମାଟ ବାନ୍ଧି ପରିତ୍ୟକ୍ତ ଅବସ୍ଥାରେ ପଡି ଅତୀତର ସ୍ମୃତିକୁ ଜାହିର କରୁଛି ।

ଏଭଳି ବିକଳ ଚିତ୍ର ଅତ୍ୟାଧୁନିକ ହାଇଟେକ୍ ସଂସ୍କୃତିର ନୂତନ ପିଢ଼ିଙ୍କ ମନରେ ଜିଜ୍ଞାସା ଭାବ ସୃଷ୍ଟି କରୁଛି ।କାରଣ ଶଗଡ଼ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଉପଯୁକ୍ତ କାଠ ଏବେ ସୁଲଭ ମୂଲ୍ୟରେ ମିଳୁ ନାହିଁ । ବଳଦ ଚରାଇବା ପାଇଁ ଲୋକଙ୍କ ଅଭାବ ତଥା ସରକାର କିମ୍ବା ସାମାଜିକସ୍ତରରେ ସେମିତି ଶଗଡ଼ ଗାଡ଼ିର ବ୍ୟବହାର ପାଇଁ କୌଣସି ପ୍ରୋତ୍ସାହନ ମିଳୁ ନାହିଁ । ଫଳରେ ଲୋକେ ଶଗଡ଼ ଗାଡ଼ି ଉପରେ ନିର୍ଭରଶୀଳ ନ ହୋଇ ଟ୍ରାକ୍ଟର,ପାୱାର ଟିଲର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ତେଣୁ ଶଗଡ ଗାଡ଼ି ଓ ହଳବଳଦ ର ଚାହିଦା ଗାଁ ଠାରୁ ସହର ପର୍ଯ୍ୟନ୍ତ କାଁ ଭାଁ ଦେଖିବାକୁ ମିଳୁଛି ।

ଅନ୍ୟପକ୍ଷରେ ବୟସ୍କ ଚାଷୀ ଲକ୍ଷ୍ମୀଧର ରାଉତ କୁହନ୍ତି, ଗ୍ରାମାଞ୍ଚଳରେ କାଁ ଭାଁ ସ୍ୱାବଲମ୍ବୀ ଚାଷୀ ବଳଦ, ହଳ, ଲଙ୍ଗଳ ରଖିଥିବା ବେଳେ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି । ପୁରୁଣା କାଳରେ ଲୋକେ ବ୍ୟବହାର କରୁଥିବା ଲଙ୍ଗଳ ଫାଳ, ଜୁଆଳି ଓ ଶଗଡ଼ ଗାଡ଼ିରେ ଲାଗୁଥିବା ଚକ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡିଛି ତ କେଉଁଠି ପିଣ୍ଡାରେ ଡେରା ହୋଇଛି । ସେହିପରି ପୂର୍ବତନ ପ୍ରାଧ୍ୟାପକ ତଥା ଗବେଷକ ଗୋପାଳ ଦାସ କୁହନ୍ତି, ନିଜକୁ ଆଧୁନିକ ବୋଲାଉଥିବା ମଣିଷ ନିଜର ପୁରୁଣା ଜିନିଷକୁ ଭୁଲିବାରେ ଲାଗିଛି । ଆଜିର ଯୁବପିଢି କେବଳ ବର୍ଣ୍ଣବୋଧ ବହିରେ ଚକ, ଅଖ, ଶଗଡ଼ ଚିହ୍ନୁଛନ୍ତି । ଯନ୍ତ୍ରପାତିର ବହୁଳ ବ୍ୟବହାର ଯୋଗୁ ମାଟି, ପାଣି, ପବନ ବିଷାକ୍ତ ହେବାରେ ଲାଗିଛି । ଯେଉଁ କାରଣରୁ ନାନାବିଧ ରୋଗରେ ପଡ଼ି ମଣିଷ ଛଟପଟ ହେଉଛନ୍ତି ।

ବର୍ତ୍ତମାନ ବିଜ୍ଞାନ ଯୁଗରେ ପୁର ପଲ୍ଲୀ ସବୁଠି ଆଧୁନିକତାର ଛାପ । ଆଧୁନିକତାର ଛାପରେ ବଦଳିଗଲାଣି ପାରମ୍ପରିକ ଚାଷ ପ୍ରଣାଳୀ । ଗାଁ ଦାଣ୍ଡରେ ଆଉ ଗଡ଼ୁନି ଶଗଡ଼ । ଦିଶୁନାହାନ୍ତି ହଳ ବଳଦ । ଶୁଣାଯାଉନାହିଁ ଗୋରୁ, ବଳଦଙ୍କ ହମ୍ବା ରଡ଼ି । ଦିନ ଥିଲା ଶଗଡ଼ ଗାଡ଼ି ଯାତ୍ରୀ ପରିବହନଠାରୁ ଆରମ୍ଭ କରି ମାଲ ପରିବହନ ପାଇଁ ଏକମାତ୍ର ମାଧ୍ୟମ ଥିଲା । ଅଧିକାଂଶ ଘରେ ବଳଦ, ଲଙ୍ଗଳ ଓ ଶଗଡ଼ ଗାଡ଼ି ଥିବାର ଦେଖିବାକୁ ମିଳୁଥିଲା । ଗ୍ରାମୀଣ ଜୀବନରେ ମଧ୍ୟ ଆଧୁନିକତାର ଚାକଚକ୍ୟରେ ଶଗଡ଼ ଗାଡ଼ିର କେଁ କଟର ଶବ୍ଦ କାଳର କରାଳ ଗର୍ଭରେ ହଜିଗଲାଣି ।

ରଞ୍ଜିତ୍ କେ ଏନ୍ ସାମନ୍ତରାୟ

ଜନଜାତିଙ୍କ ନିଆରା ବିବାହ

ଚୁକ୍ତିଆ ଭୁ ଞ୍ଜି ଆ ଜନଜାତି ମୁଖ୍ୟତଃ ନୂଆପଡ଼ା ଜିଲ୍ଲାରେ ବାସ କରନ୍ତି । ସେମାନଙ୍କ ସମ୍ପ୍ରଦାୟର ପ୍ରତ୍ୟେକ ଝିଅ ଥରେ ନୁହେଁ ବଗଂ ଦୁଇ ଥର ବିବାହ କରନ୍ତି । ଆଦିବାସୀ ସମ୍ପ୍ରଦାୟର ଚୁକ୍ତିଆ ଭୁଞ୍ଜିଆ ଜନଜାତିଙ୍କ ମଧ୍ୟରେ ଏପରି ଏକ ଭିନ୍ନ ଧରଣର ବିବାହ ପ୍ରଥା ଦେଖିବାକୁ ମିଳିଥାଏ । ପୂର୍ବ କାଳରୁ ଜନଜାତି ସଂସ୍କୃତି ଓ ପରମ୍ପରା ସହ ଜଡିତ ଏହି ଭିନ୍ନ ପ୍ରକାରର ବିବାହକୁ ଅତି ଧୁମ ଧାମ ସହ ପାଳନ କରି ଆସୁଛନ୍ତି ଏହି ସମ୍ପ୍ରଦାୟର ଲୋକେ । ସ୍ଥାନୀୟ ଭାଷାରେ ଏହି ବିବାହର ନାମ ହେଉଛି "କଣାବରା" ବା ଅଧା ବିବାହ । କଣାବରା ବା ଅଧା ବିବାହ" ଚୁକ୍ତିଆ ଭୁଞ୍ଜିଆ ଜନଜାତିଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା । ଏହା ମୁଖ୍ୟତଃ ବୈଶାଖ ମାସର ବିବାହ ତିଥିରେ ପାଳନ କରାଯାଏ । ଝିଅଟିର ଋତୁସ୍ରାବ ହେବା ପୂର୍ବରୁ ଦଶ ବର୍ଷ ବୟସରେ ନିଜ ପରିବାର ଏବଂ ସମ୍ପ୍ରଦାୟର ଲୋକଙ୍କ ଉପସ୍ଥିତିରେ କଣାବରା ବା ବିବାହ କରାଯାଇଥାଏ ।

ସାଧାରଣ ବିବାହ ପରି କୌଣସି ପୁଅ ସହ ନୁହେଁ ବଗଂ ସମ୍ପୂର୍ଣ୍ଣ ରୀତି ନୀତି ଅନୁସାରେ ଏହି ବିବାହ ଧନୁତୀର ସହ କରାଯାଇଥାଏ । ଏହି ଦିନ ପ୍ରଥମେ ନୂଆ ଧାନର ଚାଉଳକୁ ତୁନା କରି ବେଦୀରେ ଖୋଟି ଅଙ୍କାଯାଏ ।

୧୦ ବର୍ଷ ପରେ ରଣ୍‌ଜୀ ଖେଳିବେ ରୋହିତ୍

ମୁମ୍ବାଇ, ୧୮।୧ (ଏଜେନ୍ସି): ପାଖାପାଖି ୧୦ ବର୍ଷର ବ୍ୟବଧାନ ପରେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ୍ ଶର୍ମା ଘରୋଇ କ୍ରିକେଟ୍‌ର ଶ୍ରେଷ୍ଠ ଟୁର୍ଣ୍ଣାମେଣ୍ଟ ରଣଜୀ ଟ୍ରଫି ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ସ୍ଥଗିତ ରହିଥିବା ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟ ମ୍ୟାଚ୍ ଜାନୁଆରୀ ୨୩ରୁ ଆରମ୍ଭ ହେବ। ଏଥିରେ ମୁମ୍ବାଇ ଦଳ ୱାଙ୍ଖେଡେ ଷ୍ଟାଡିୟମରେ ଜମ୍ମୁ କଶ୍ମୀର ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ମ୍ୟାଚ୍ ଲାଗି ଉପଲବ୍ଧ ରହିବେ ଅର୍ଥାତ୍ ଖେଳିବେ ବୋଲି ରୋହିତ୍ ଶନିବାର ଘୋଷଣା କରିଛନ୍ତି। ୧୦ ବର୍ଷ ତଳେ ୨୦୧୫ରେ ଏହି ସମାନ ଭେନ୍ୟୁରେ ରୋହିତ୍ ତାଙ୍କ ଶେଷ ରଣଜୀ ଟ୍ରଫି ମ୍ୟାଚ୍ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳିଥିଲେ।

ଜମ୍ମୁ କଶ୍ମୀର ବିପକ୍ଷ ମ୍ୟାଚ୍ ଲାଗି ରୋହିତ୍ କିଛିଦିନ ହେବ ମୁମ୍ବାଇ ଦଳ ସହ ପ୍ରସ୍ତୁତି କରୁଛନ୍ତି। ଏହି ମ୍ୟାଚ୍ ଲାଗି ରବିବାର ମୁମ୍ବାଇ ଦଳ ଘୋଷଣା ହେବ। ଏଠାରେ ଉଲ୍ଲେଖଯୋଗ୍ୟ, ବର୍ଡର-ଗାଭାସ୍କର ଟ୍ରଫିରେ ୩-୧ରେ ଭାରତୀୟ ଦଳ ଶୋଚନୀୟ ଭାବେ ପରାସ୍ତ ହେବା ପରେ ବିସିସିଆଇ କଡ଼ା ପଦକ୍ଷେପମୂଳକ ଅନ୍ତର୍ଜାତୀୟ ଖେଳାଳିଙ୍କୁ ଘରୋଇ କ୍ରିକେଟ୍ ଖେଳିବା ବାଧ୍ୟତାମୂଳକ କରିଛି। ଫଳରେ ଋଷଭ ପନ୍ତ, ଶୁବମାନ ଗିଲ୍, ଯଶସ୍ୱୀ ଜୟସ୍ୱାଲ ପ୍ରମୁଖ ପୂର୍ବରୁ ନିଜ ନିଜ ରାଜ୍ୟ ତରଫରୁ ଆଗାମୀ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବା ନେଇ ଘୋଷଣା କରିସାରିଥିଲେ। ଅପରପକ୍ଷରେ ଦୀର୍ଘ ୧୩ ବର୍ଷ ପରେ ବିରାଟ କୋହଲି ଦିଲ୍ଲୀ ପାଇଁ ରଣଜୀ ଟ୍ରଫି ଖେଳିବେ ବୋଲି ଯେଉଁ ଆଲୋଚନା ହେଉଥିଲା ସେଥିରେ ବିରାମ ଲାଗିଛି। ସୌରାଷ୍ଟ୍ର ବିପକ୍ଷ ମ୍ୟାଚ୍‌ରେ ସେ ଖେଳିବେ ନାହିଁ ବୋଲି କୋହଲି ଶନିବାର ସ୍ପଷ୍ଟ କରିଛନ୍ତି।

ଚାମ୍ପିଅନ୍ସ ଟ୍ରଫି ଓ ଇଂଲଣ୍ଡ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

ସାମି, ବୁମ୍‌ରା ସାମିଲ; ଗିଲ୍ ଉପଅଧିନାୟକ

ନୂଆଦିଲ୍ଲୀ, ୧୮।୧(ଏଜେନ୍ସି):

ଇଂଲଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଓ ପାକିସ୍ତାନ-ଦୁବାଇରେ ଖେଳାଯିବାକୁ ଥିବା ଚାମ୍ପିଅନ୍ସ ଟ୍ରଫି କ୍ରିକେଟ ପ୍ରତିଯୋଗିତା ଲାଗି ଜାତୀୟ ଚୟନ କମିଟି ଅଧ୍ୟକ୍ଷ ଅଜିତ ଅଗରକର ଓ ଅଧିନାୟକ ରୋହିତ ଶର୍ମା ଆଜି ଭାରତୀୟ ଦଳ ଘୋଷଣା କରିଛନ୍ତି। ଏହି ଦଳରେ ଦୁଇ ଫାଷ୍ଟ ବୋଲର ମହମ୍ମଦ୍ ସାମି ଓ ଯଶପ୍ରୀତ୍ ବୁମ୍‌ରାଙ୍କୁ ସାମିଲ କରାଯାଇଛି। କିନ୍ତୁ ଇଂଲଣ୍ଡ ବିପକ୍ଷ ସିରିଜ୍ ଲାଗି ବୁମ୍‌ରାଙ୍କ ପରିବର୍ତ୍ତେ ଯୁବ ଫାଷ୍ଟ ବୋଲର ହର୍ଷିତ ରାଣାଙ୍କୁ ନିଆଯାଇଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ଇଂଲଣ୍ଡ ସହ ଦିନିକିଆ ସିରିଜ୍ ଯଥାକ୍ରମେ ନାଗପୁରରେ ଫେବୃଆରୀ ୬, କଟକରେ ୯ ଓ ଅହମ୍ମଦାବାଦରେ ୧୨ରେ ଖେଳିବ। ସେହିପରି ଚାମ୍ପିଅନ୍ସ ଟ୍ରଫି ଲାଗି ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ସମସ୍ତ ମ୍ୟାଚ୍ ଦୁବାଇରେ ଖେଳିବ। ଏହା ମଧ୍ୟରେ ବାଂଲାଦେଶ ସହ ପ୍ରଥମ ଲିଗ୍ ମ୍ୟାଚ୍ ଫେବୃଆରୀ ୨୦ରେ, ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଫେବୃଆରୀ ୨୩ରେ ଓ ନ୍ୟୁଜିଲାଣ୍ଡ ସହ ମାର୍ଚ୍ଚ ୨ରେ ଖେଳିବ। ନକ୍‌ଆଉଟକୁ ଉନ୍ନିତ ହେଲେ ଭାରତ ଅନ୍ୟ ମ୍ୟାଚ୍ ଗୁଡ଼ିକ ଦୁବାରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଚାମ୍ପିଅନ୍ସ ଟ୍ରଫିରେ ଭାରତ ଦୁଇଥର ଚାମ୍ପିଅନ ହୋଇଛି। ୨୦୧୭ରେ ଶେଷଥର ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଥିଲା।

ସ୍ପିନର, ଯୁବ ଖେଳାଳିଙ୍କୁ ଗୁରୁତ୍ୱ

ଘୋଷଣା କରାଯାଇଥିବା ୧୫ ଜଣିଆ ଭାରତୀୟ ଦଳରେ ସ୍ପିନର ଓ ଯୁବ ଖେଳାଳିଙ୍କୁ ଗୁରୁତ୍ୱ ଦିଆଯାଇଛି। ଏହି ଦଳରେ ୪ଜଣ ସ୍ପିନର ଯଥା ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର ଓ କୁଲଦୀପ ଯାଦବଙ୍କୁ ନିଆଯାଇଛି। ଏମାନଙ୍କ ମଧ୍ୟରୁ ପ୍ରଥମ ୩ଜଣ ବ୍ୟାଟିଂରେ ଦଳ ଲାଗି ବୋନସ ସାବ୍ୟସ୍ତ ହୋଇଆସିଛନ୍ତି। ସେହିପରି ଭବିଷ୍ୟତର ଅଧିନାୟକ ଭାବେ ଶୁବମାନ ଗିଲଙ୍କୁ ଏହି ଦୁଇଟି ସିରିଜ୍‌ରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସେହିପରି ଅନ୍ୟତମ ଯୁବ ଖେଳାଳି ତଥା ଓପନର ଯଶସ୍ୱୀ ଜୟସ୍ୱାଲଙ୍କୁ ମଧ୍ୟ ପ୍ରଥମଥର ଦଳରେ ସାମିଲ କରାଯାଇଛି। ଏହାର ଅର୍ଥ ଯେଉଁ ଯୁବ ଖେଳାଳିମାନେ ଭଲ ପ୍ରଦର୍ଶନ କରୁଛନ୍ତି ତାଙ୍କୁ ସମସ୍ତ ଫର୍ମାଟରେ ଗୁରୁଦାୟିତ୍ୱ ଦେବାକୁ ମନୋନୟନ କମିଟି ଯୋଜନା କରୁଛି।

ବୁମ୍‌ରାଙ୍କ ଖେଳିବା ନେଇ ସନ୍ଦେହ

ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜର ୫ମ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇ ଖେଳୁଥିବା ଯଶପ୍ରୀତ ବୁମ୍‌ରା ପିଠିରେ ଆଘାତ ଲାଗିବାରୁ ଖେଳି ପାରି ନ ଥିଲେ। ଏହା ପରଠାରୁ ସେ ବିସିସିଆଇ ମେଡିକାଲ ଟିମ୍ ଦ୍ୱାରା ଚିକିତ୍ସିତ ହେଉଛନ୍ତି। କିନ୍ତୁ ଫିଟ୍‌ନେସ୍ ସାର୍ଟିଫିକେଟ ନ ଥାଇ ମଧ୍ୟ ତାଙ୍କୁ ଦଳରେ ସାମିଲ କରାଯାଇଛି। ଚୟନ କମିଟି ଅଧ୍ୟକ୍ଷ ଅଗରକରଙ୍କ କହିବା ଅନୁଯାୟୀ ଫେବୃଆରୀ ୨ରେ ତାଙ୍କର ପୁନର୍ବାର ସ୍କାନ କରାଯିବ। ଏହା ପରେ ତାଙ୍କ ଖେଳିବା ନେଇ ସ୍ପଷ୍ଟ ହେବ। ଏଣୁ ଇଂଲଣ୍ଡ ସିରିଜ୍‌ରେ ତାଙ୍କୁ ସାମିଲ କରାଯାଇନାହିଁ। ଚାମ୍ପିଅନ୍ସ ଟ୍ରଫିରେ ଖେଳିବା ନେଇ ସନ୍ଦେହ ରହିଛି। ପୂର୍ବାନୁମାନ ଅନୁଯାୟୀ ମହମ୍ମଦ୍ ସାମିଙ୍କୁ ଦିନିକିଆ ଦଳରେ ସାମିଲ କରାଯାଇଛି।

ପୂର୍ବରୁ ତାଙ୍କୁ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ମଧ୍ୟ ଦଳରେ ସାମିଲ କରାଯାଇଥିଲା। ଅନ୍ୟ ପେସ୍ ବୋଲର ଭାବେ ଅର୍ଶଦୀପ ସିଂଙ୍କୁ ପ୍ରଥମଥର ନିଆଯାଇଛି। ଡେଥ୍ ଓଭରରେ ଅର୍ଶଦୀପଙ୍କ ପ୍ରଦର୍ଶନ ଉନ୍ନତ ରହିଛି। ଏଣୁ ମହମ୍ମଦ୍ ସିରାଜଙ୍କୁ ବାଦ୍ ଦିଆଯାଇ ଅର୍ଶଦୀପଙ୍କୁ ଦଳରେ ସାମିଲ କରାଯାଇଛି। ଯୁବ ଖେଳାଳି ହର୍ଷିତ ରାଣାଙ୍କୁ ବୁମ୍‌ରାଙ୍କ ସ୍ଥାନରେ ଆସିଛନ୍ତି। ବୁମ୍‌ରା ଯଦି ଅନ୍‌ଫିଟ ଘୋଷିତ ହୁଅନ୍ତି ତେବେ ହର୍ଷିତ ଚାମ୍ପିଅନ୍ସ ଟ୍ରଫି ଦଳରେ ସାମିଲ ହେଲେ।

ଦଳ ଘୋଷଣା ଅବସରରେ ଚୟନ କମିଟି ଅଧ୍ୟକ୍ଷ ଅଜିତ୍ ଅଗରକର ଓ ଅଧିନାୟକ ରୋହିତ ଶର୍ମା

ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ, ଋଷଭ ପନ୍ତ (ୱିକେଟରକ୍ଷକ), ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ମହମ୍ମଦ୍ ସାମି, ଅର୍ଶଦୀପ ସିଂ।

- ଇଂଲଣ୍ଡ ସିରିଜ୍ ଲାଗି ବୁମ୍‌ରାଙ୍କ ସ୍ଥାନରେ ହର୍ଷିତ ରାଣାଙ୍କୁ ସାମିଲ କରାଯାଇଛି।

ଭାରତର ଖେଳସୂଚୀ

ଇଂଲଣ୍ଡ ବିପକ୍ଷ ସିରିଜ୍

୬।୨: ପ୍ରଥମ ଦିନିକିଆ, ନାଗପୁର, ୯।୨: ଦ୍ୱିତୀୟ ଦିନିକିଆ, କଟକ, ୧୨।୨: ତୃତୀୟ ଦିନିକିଆ, ଅହମ୍ମଦାବାଦ୍।

ଚାମ୍ପିଅନ୍ସ ଟ୍ରଫି

୨୦।୨: ବନାମ ବାଂଲାଦେଶ, ଦୁବାଇ, ୨୩।୨: ବନାମ ପାକିସ୍ତାନ, ଦୁବାଇ, ୨୦।୨: ବନାମ ନ୍ୟୁଜିଲାଣ୍ଡ, ଦୁବାଇ।

'ଦଳରେ ସମସ୍ତଙ୍କୁ ନିଆଯାଇ ପାରିବ ନାହିଁ'

ରୋହିତ ଶର୍ମା ଓ ଶୁବମାନ ଗିଲ ଓପନର ଭାବେ ଖେଳିବେ। ତୃତୀୟ ଓପନର ଭାବେ ଜୟସ୍ୱାଲଙ୍କୁ ନିଆଯାଇଛି। ବିରାଟ କୋହଲି, ଶ୍ରେୟସ ଆୟର, ଲୋକେଶ ରାହୁଲ ଓ ୱିକେଟ ରକ୍ଷକ ଋଷଭ ପନ୍ତଙ୍କ ଉପରେ ବ୍ୟାଟିଂ ଭାର ରହିବ। ହାର୍ଦ୍ଦିକ ପାଣ୍ଡ୍ୟା ମଧ୍ୟ ବ୍ୟାଟିଂରେ ପ୍ରମୁଖ ଭୂମିକା ନେବେ। କିନ୍ତୁ ଘରୋଇ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ୭ ୫୨ ହାରରେ ରନ୍ ସଂଗ୍ରହ କରିଥିବା କରୁଣ ନାୟାରଙ୍କୁ ଦଳରେ ସ୍ଥାନ ମିଳିନାହିଁ। ଆମେ ସମସ୍ତଙ୍କୁ ଦଳରେ ସ୍ଥାନ ଦେଇପାରିବୁ ନାହିଁ ବୋଲି ଏ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ କହିଛନ୍ତି ଅଗରକର। ମହମ୍ମଦ୍ ସିରାଜଙ୍କୁ ମଧ୍ୟ ସମାନ ଭାବେ ଦଳରୁ ବାଦ୍ ଦିଆଯାଇଛି। ଘରୋଇ କ୍ରିକେଟ ଖେଳିବାକୁ ବାଧ୍ୟ କରୁଥିବା ବିସିସିଆଇ ସଫଳତା ପାଉଥିବା ଖେଳାଳିଙ୍କୁ ଅଣଦେଖା କଲେ ଏହି ବାଧ୍ୟବାଧକତାର ଗୁରୁତ୍ୱ କ'ଣ ବୋଲି ପୂର୍ବତନ ଖେଳାଳିମାନେ ପ୍ରଶ୍ନ କରିଛନ୍ତି। ବିଶେଷ କରି ଇଂଲଣ୍ଡ ବିପକ୍ଷ ସିରିଜ୍ ଓ ଚାମ୍ପିଅନ୍ସ ଟ୍ରଫି ଯେଭଳି ପିଚ୍‌ରେ ଖେଳାଯିବ, ସେହିଭଳି ପିଚ୍‌ରେ କରୁଣ ସଫଳତା ପାଇଥିବାରୁ ତାଙ୍କୁ ଅଣଦେଖା କରିବା ଅନୁଚିତ ବୋଲି ଏହି ଖେଳାଳିମାନେ କହିଛନ୍ତି।

ପ୍ରଥମ ଟେଷ୍ଟ: ପାକିସ୍ତାନ ସ୍ଥିତି ଦୃଢ଼

ମୁଲତାନ,୧୮।୧(ଏଜେନ୍ସି): ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ପାକିସ୍ତାନ ତା'ର ସ୍ଥିତି ଦୃଢ କରିଛି। ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂକରି ୬୮.୫ ଓଭରରେ ୨୩୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ଆରମ୍ଭ

କରି ୨୫.୨ ଓଭରରେ ୧୩୭ ରନକରି ଅଲଆଉଟ ହୋଇଥିଲା। ଫଳରେ ପାକିସ୍ତାନ ୯୩ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ଶନିବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩୧ ଓଭରରେ ୩ ୱିକେଟ ହରାଇ ୧୦୯ ରନ ସଂଗ୍ରହ କରିଛି। ଫଳରେ ୭ ୱିକେଟ ବାକିଥାଇ ପାକିସ୍ତାନ ଏବେ ୨୦୨ ରନର ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିଛି। ଷ୍ଟମ୍ପ ଅପସାରଣ ବେଳକୁ କାମରନ ଗୁଲାମ ୯ ଓ ସାଉଦ୍ ସକିଲ ୨ ରନକରି ଅପରାଜିତ ରହିଛନ୍ତି।

ନୋମାନଙ୍କୁ ୫, ସାଜିଦଙ୍କୁ ୪ ୱିକେଟ

ପ୍ରଥମ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୪୩/୪ରୁ ଖେଳ ଆରମ୍ଭ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ସାଉଦ ସକିଲ ୮୪ ଓ ମହମ୍ମଦ ରିଜୱାନ ୭୧ ରନ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ ଜେଡେନ ସିଲ୍ସ ଓ ଜୋମେଲ ୱାରିକାନ ୩ଟି ଲେଖାଏ, କେଭିନ ସିନକ୍ଲେୟାର ୨ ୱିକେଟ ନେଇଥିଲେ। ୱେଷ୍ଟଇଣ୍ଡିଜ ପ୍ରଥମ ପାଳିରେ ଟପ୍ ଅର୍ଡର ଓ ମିଡଲ ଅର୍ଡର ବ୍ୟାଟର ବିଫଳ ହୋଇଥିଲେ। ୱାରିକାନ ସର୍ବାଧିକ ଅପରାଜିତ ୩୧, ଜେଡେନ ସିଲ୍ସ ୨୨ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ପାକିସ୍ତାନ ତରଫରୁ ବୋଲିଂରେ ନୋମାନ ଅଲି ୫, ସାଜିଦ ଖାନ୍ ୪ ୱିକେଟ ନେଇଥିଲେ।

ଅଧିନାୟକ ଶାନ ମାସୁଦ୍ ୫୨, ମୁହମ୍ମଦ ହୁରାଇରା ୨୯ ଓ ବାବର ଆଜମ ୫ ରନକରି ଆଉଟ ହୋଇଥିଲେ। ୱେଷ୍ଟଇଣ୍ଡିଜର ଜୋମେଲ ୱାରିକାନ ୨ ୱିକେଟ ନେଇଛନ୍ତି।

■ ଚିଫ୍ ମିନିଷ୍ଟର କପ୍

କିଟ୍‌ର ବୃହତ୍ ବିଜୟ

ଭୁବନେଶ୍ୱର, ୧୮।୧ (ସମିସ): ଫୁଟ୍‌ବଲ ଆସୋସିଏସନ୍ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଥିବା ଚିଫ୍ ମିନିଷ୍ଟର୍ କପ୍ ୧୫ ବର୍ଷରୁ କମ୍ ଆନ୍ତଃକ୍ଲବ ଜିଲ୍ଲାସ୍ତରୀୟ ଫୁଟ୍‌ବଲରେ ଶନିବାର କିଟ୍-କିସ୍ ଦଳ ବୃହତ୍ ବିଜୟ ହାସଲ କରିଛି। ଏଠାରେ ଅନୁଷ୍ଠିତ ଏକ ମ୍ୟାଚରେ କିଟ୍-କିସ୍ ଦଳ ୨୫-୦ ଗୋଲରେ ସିଟି କ୍ଲବ (ନୟାପଲ୍ଲୀ)କୁ ପରାସ୍ତ କରିଛି। ସେହିଭଳି ଅନ୍ୟ ଏକ ମ୍ୟଶଚରେ କଳିଙ୍ଗ ୟୁଥ୍ ସ୍ପୋର୍ଟିଂ କ୍ଲବ (ଭୁବନେଶ୍ୱର) ୧୩-୧ ଗୋଲରେ କ୍ୟାପିଟାଲ୍ ଷ୍ଟାର୍ କ୍ଲବ (ଭୁବନେଶ୍ୱର)କୁ ହରାଇଦେଇଛି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ମା ହିଙ୍ଗୁଳା କ୍ଲବ (ଅନୁଗୁଳ), ଭାଲେର୍ ଏଫ୍‌ସି (ବଲାଙ୍ଗିର), ରୋଭର୍ସ କ୍ଲବ (ଭଦ୍ରକ), ନୀତା ଫୁଟ୍‌ବଲ ଏକାଡେମୀ, କଳିଙ୍ଗ ନଗର ସ୍ପୋର୍ଟ୍ସ ଏକାଡେମୀ, ଫୁଲବାଣୀ ଫୁଟ୍‌ବଲ ଆସୋସିଏସନ ପ୍ରମୁଖ ବିଜୟ ଲାଭ କରିଛନ୍ତି।

ଫୁଟବଲ କିମ୍ବଦନ୍ତୀ ଡେନିସ୍ ଲ'ଙ୍କ ପରଲୋକ

ଏଡିନବର୍ଗ,୧୮।୧(ଏଜେନ୍ସି): ସ୍କଟଲାଣ୍ଡ ତଥା ମାଞ୍ଚେଷ୍ଟର ୟୁନାଇଟେଡ୍ ଫୁଟବଲର ଡେନିସ ଲ ୮୪ ବର୍ଷ ବୟସରେ ପରଲୋକ ଗମନ କରିଛନ୍ତି।

ନିଜ ସମୟରେ ସେ ଜଣେ ଉଚ୍ଚକୋଟୀର ଫରୱାର୍ଡ ଭାବେ ଜଣାଶୁଣା ଥିଲେ। ଦୀର୍ଘଦିନ ଧରି ଅସୁସ୍ଥ ରହିବା ପରେ ତାଙ୍କର ଦେହାନ୍ତ ହୋଇଛି। ସ୍କଟଲାଣ୍ଡର ଆବେରଡିନ୍‌ରେ ଜନ୍ମିତ ଡେନିସ୍ ସ୍କଟଲାଣ୍ଡ ତରଫରୁ ୫୫ଟି ମ୍ୟାଚ୍ ଖେଳି ୩୦ଟି ଗୋଲ ସ୍କୋର କରିଥିଲେ। ସେହିପରି ସେ ୨୩ ବର୍ଷରୁ କମ୍ ସ୍କଟଲାଣ୍ଡ ଦଳ ପାଇଁ ୩ଟି ମ୍ୟାଚ୍ ଖେଳି ଗୋଟିଏ ଗୋଲ ସ୍କୋର କରିଥିଲେ। ସେହିପରି ମାଞ୍ଚେଷ୍ଟର ୟୁନାଇଟେଡ ତରଫରୁ ସେ ୪୦୪ଟି ମ୍ୟାଚ୍ ଖେଳି ୨୩୭ଟି ଗୋଲ ସ୍କୋର କରିଥିଲେ। କ୍ଲବ ତରଫରୁ ସେ ତୃତୀୟ ସର୍ବାଧିକ ଗୋଲ ସ୍କୋର କରିଛନ୍ତି। ତାଙ୍କ ଦେହାନ୍ତରେ ୟୁନାଇଟେଡ ତରଫରୁ ଶୋକ ପ୍ରକାଶ କରାଯାଇଛି। ଏଥିସହ ବିଶ୍ୱ ଫୁଟବଲର ଅନ୍ୟ ତାରକାମାନେ ମଧ୍ୟ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ ଆରମ୍ଭ

ୱେଷ୍ଟଇଣ୍ଡିଜ ବିପକ୍ଷରୁ ଭାରତର ଅଭିଯାନ ଆଜି

କ୍ୱାଲାଲମ୍ପୁର,୧୮।୧(ଏଜେନ୍ସି): ମାଲେସିଆରେ ଶନିବାରଠାରୁ ୧୯ ବର୍ଷରୁ କମ୍ ମହିଳା ଟି-୨୦ ବିଶ୍ୱକପ୍ ଆରମ୍ଭ ହୋଇଛି। ବିଶ୍ୱକପ୍‌ର ଏହି ଦ୍ୱିତୀୟ ସଂସ୍କରଣରେ ମୋଟ୍ ୧୬ଟି ଦେଶ ଅଂଶଗ୍ରହଣ କରିଛନ୍ତି। ଫେବୃଆରୀ ୨ ପର୍ଯ୍ୟନ୍ତ ଅର୍ଥାତ ୧୬ ଦିନଧରି ଚାଲିବାକୁ ଥିବା ଏହି ବିଶ୍ୱକପ୍‌ରେ ମୋଟ୍ ୪୧ଟି ମ୍ୟାଚ୍ ଖେଳାଯିବ। ଆୟୋଜକ ମାଲେସିଆ, ଶ୍ରୀଲଙ୍କା ଓ ୱେଷ୍ଟଇଣ୍ଡିଜ ସମେତ ଭାରତ ଗ୍ରୁପ୍-ଏ'ରେ ସାମିଲ ହୋଇଛି। ଭାରତ ରବିବାର ତା'ର ପ୍ରଥମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ଭେଟି ଅଭିଯାନ ଆରମ୍ଭ କରିବ। ୨୦୨୩ରେ ଦକ୍ଷିଣ ଆଫ୍ରିକାରେ ଅନୁଷ୍ଠିତ ବିଶ୍ୱକପ୍‌ର ପ୍ରଥମ ସଂସ୍କରଣରେ ଭାରତ ୭ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ମାଲେସିଆର ୪ଟି ଭେନ୍ୟୁ ଯଥା ପାଣ୍ଡମାରାନ, ଜୋହର, ବାଙ୍ଗି ଓ ସାରାୱାକରେ ବିଶ୍ୱକପ୍‌ର ମ୍ୟାଚ୍ ଗୁଡିକ ଖେଳାଯିବ। କ୍ୱାଲାଲମ୍ପୁରରେ

ଭାରତ ୨୧ ତାରିଖ ଭାରତ ତା'ର ଦ୍ୱିତୀୟ ମ୍ୟାଚ୍‌ରେ ମାଲେସିଆକୁ ଓ ୨୩ରେ ଶ୍ରୀଲଙ୍କାକୁ ଭେଟିବ। ୩ଟି ଯାକ ମ୍ୟାଚ୍ କ୍ୱାଲାଲମ୍ପୁରରେ ଖେଳାଯିବ। ଶନିବାର ଖେଳା ଯାଇଥିବା ଉଦ୍‌ଘାଟନୀ ମ୍ୟାଚରେ ଅଷ୍ଟ୍ରେଲିଆ ୮୦ଟି ବଲ୍ ବାକିଥାଇ ୯ ୱିକେଟରେ ସ୍କଟଲାଣ୍ଡକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି।

■ ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ୍ ଲିଗ୍

ଇଣ୍ଟର କାଶୀକୁ ହରାଇଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୮।୧ (ସମିସ): ଏଆଇଏଫ୍‌ଏଫ୍ ଏଲିଟ୍ ୟୁଥ୍ ଲିଗ୍ (୧୭ ବର୍ଷରୁ କମ୍)ରେ ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଫୁଟ୍‌ବଲ କ୍ଲବ (ଓଏଫ୍‌ସି) ୫-୩ ଗୋଲରେ ଇଣ୍ଟର କାଶି କ୍ଲବକୁ ପରାସ୍ତ କରିଛି। କଟକସ୍ଥିତ ସାଇ ଇଣ୍ଟରନ୍ୟାସନରଶ ରେସିଡେଣ୍ଟିଆଲ୍ ସ୍କୁଲ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଘରୋଇ ଓଡ଼ିଶା ଏଫ୍‌ସି ପାଇଁ ରାଜଦେବ ମହତୋ ହ୍ୟାଟ୍ରିକ ଗୋଲ୍ ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିଭଳି ରାଇସ ଅହମ୍ମଦ ଖାନ ଅନ୍ୟ ଦୁଇଟି ଗୋଲ୍ ଦେଇଥିଲେ। ପ୍ରତିପକ୍ଷ ଇଣ୍ଟର କାଶୀ ପାଇଁ ଗୌରବ ଚୌହାନ ହ୍ୟାଟ୍ରିକ ଗୋଲସ୍କୋର କରିଥିଲେ ମଧ୍ୟ ଦଳକୁ



ପରାଜୟରୁ ରକ୍ଷା କରିପାରି ନ ଥିଲେ। ଓଡ଼ିଶା ଏଫ୍‌ସି ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଏସ୍‌କେଏମ୍‌ଏସ୍‌ଏଫ୍ ଦଳକୁ ଭେଟିବ।

ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍

ଚତୁର୍ଥ ରାଉଣ୍ଡରେ ସିନର, ରୁନ୍, ମିନାଉର

ମେଲବୋର୍ଣ୍ଣ,୧୮।୧(ଏଜେନ୍ସି):

ଖୋ ଖୋ ବିଶ୍ୱକପ୍ ଫାଇନାଲ୍ ଆଜି

ଉଭୟ ବର୍ଗରେ ଭାରତ-ନେପାଳ ଲଢ଼େଇ

ବିଜୟ ପରେ ଉଲ୍ଲସିତ ଭାରତୀୟ ମହିଳା ଦଳ

ନୂଆଦିଲ୍ଲୀ, ୧୮।୧ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଖୋ ଖୋ ବିଶ୍ୱକପ୍‌ରେ ଆୟୋଜକ ଭାରତକୁ ଶନିବାର ଡବଲ୍ ସଫଳତା ମିଳିଛି। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ସେମିଫାଇନାଲରେ ବିଜୟ ହୋଇ ଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ଭାରତୀୟ ପୁରୁଷ ଦଳ ୧୮ ପଏଣ୍ଟ (୬୦-୪୨)ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ସେହିଭଳି ମହିଳା ଦଳ ୫୦ ପଏଣ୍ଟ (୬୬-୧୬)ରେ ସହଜରେ ସମାନ ଦକ୍ଷିଣ ଆଫ୍ରିକାକୁ ହରାଇ ଫାଇନାଲରେ ସ୍ଥାନ ପକ୍କା କରିଛି। ରବିବାର ପୁରୁଷ ବିଭାଗ ଫାଇନାଲରେ ଭାରତର ମୁକାବିଲା ନେପାଳ ସହ ହେବ। ସେହିଭଳି ମହିଳା ବିଭାଗରେ ମଧ୍ୟ ସମାନ ପ୍ରତିଦ୍ୱନ୍ଦ୍ୱୀଙ୍କୁ ଦେଖିବାକୁ ମିଳିବ। ଭାରତୀୟ ମହିଳା ସହ ନେପାଳ ମହିଳା ଦଳ ଟାଇଟଲ୍ ଲାଗି ଟର୍ଫକୁ ଓହ୍ଲାଇବେ। ନେପାଳ ପୁରୁଷ ଦଳ ସେମିରେ ୭୨-୨୦ରେ ଇରାନକୁ ଓ ମହିଳା ଦଳ ୮୯-୧୮ରେ ଉଗାଣ୍ଡାକୁ ହରାଇଥିଲା।

ଶନିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯାଇଥିବା ପୁରୁଷ ସେମିଫାଇନାଲ କଡ଼ା ସଂଘର୍ଷପୂର୍ଣ୍ଣ ରହିଥିଲା। ଏପରିକି ୩ୟ ଟର୍ନ ସୁଦ୍ଧା ଦକ୍ଷିଣ ଆଫ୍ରିକା ୪୨-୨୮ ପଏଣ୍ଟରେ ଅଗ୍ରଣୀ ହାସଲ କରିଥିଲା। ଅନ୍ତିମ ୭ ମିନିଟ୍ ତଥା ୪ର୍ଥ ଟର୍ନରେ ଭାରତ ଚମତ୍କାର ଆଟାକ୍ କରି ୩୨ ପଏଣ୍ଟ ହାତେଇନେବା ସହ ୬୦-୪୨ରେ ବିଜୟୀ ହୋଇଥିଲା। ଭାରତ ସ୍କାଏ ଡାଇଭରେ ୩୬ ଓ ଟର୍‌ରେ ୨୦ ପଏଣ୍ଟ ହାସଲ କରିଥିଲା। ଭାରତୀୟ ଦଳର ଅଧିନାୟକ ପ୍ରତୀକ ୱାଇକର୍, ରାମଜୀ କାଶ୍ୟପ, ଓଡ଼ିଶାର ପବନୀ ଶବର ପ୍ରମୁଖ ପ୍ରଭାବୀ ପ୍ରଦର୍ଶନ କରିଥିଲେ। ସେହିଭଳି ମହିଳା ବିଭାଗ ସେମିଫାଇନାଲରେ ମଧ୍ୟ ଦକ୍ଷିଣ ଆଫ୍ରିକା ଭାରତର ଶିକାର ବନିଥିଲା। ଭାରତ ଏହି ମ୍ୟାଚକୁ ୬୬-୧୬ରେ ଏକପାଖିଆ ବିଜୟ ଲାଭ କରିଥିଲା। ଭାରତୀୟ ମହିଳା ଦଳରେ ଓଡ଼ିଶାର ଶୁଭଶ୍ରୀ ସିଂ ଓ ମଗାଇ ମାଝୀ ଖେଳୁଛନ୍ତି।

ଭାରତ ଓ ଦ.ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ପୁରୁଷ ସେମି ଫାଇନାଲ୍

ଆଜି ଫାଇନାଲ
ମହିଳା: ଭାରତ-ଦକ୍ଷିଣ ଆଫ୍ରିକା, ରାତି ୭ଟା
ପୁରୁଷ: ଭାରତ-ଦକ୍ଷିଣ ଆଫ୍ରିକା, ରାତି ୮ଟା ୧୫
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟୱର୍କ

■ ୨୮ରୁ ୩୮ତମ ଜାତୀୟ କ୍ରୀଡ଼ା

ଭାଗନେବେ ୩୦୧ ଓଡ଼ିଆ କ୍ରୀଡ଼ାବିତ୍

ଡେରାଡୁନ,୧୮।୧(ଏଜେନ୍ସି): ଉତ୍ତରାଖଣ୍ଡର ଡେରାଡୁନଠାରେ ଆୟୋଜନ ହେବ ୩୮ତମ ଜାତୀୟ କ୍ରୀଡ଼ା। ସ୍ଥାନୀୟ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଏହି କ୍ରୀଡ଼ା ମହାକୁମ୍ଭର ଉଦ୍‌ଘାଟନୀ ଉତ୍ସବ ଆସନ୍ତା ୨୮ ତାରିଖରେ ଆୟୋଜନ ହେବ। ସେହିପରି ଉଦ୍‌ଯାପନୀ ଉତ୍ସବ ଫେବୃଆରୀ ୧୪ରେ ଆୟୋଜନ ହେବ। ଏହି ସମ୍ମାଜନକ ପ୍ରତିଯୋଗିତାରେ ଓଡ଼ିଶାର ୩୦୧ ଆଥଲେଟ୍ ଓ ୭୫ ଜଣ ସପୋର୍ଟ ଷ୍ଟାଫ୍ ଅଂଶଗ୍ରହଣ କରିବେ। ମୋଟ୍ ୩୬ଟି କ୍ରୀଡ଼ାରୁ ଓଡ଼ିଆ ଖେଳାଳିମାନେ ୨୫ଟି କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ଓଡ଼ିଶା ବାସ୍କେଟବଲ ଆସୋସିଏସନ ସମ୍ପାଦକ ଅଶୋକ କୁମାର ସାହୁ ଦଳର 'ଚେଫ୍ ଡି ମିଶନ' ଭାବେ ଦାୟିତ୍ୱ ସମ୍ପାଦନ କରିବେ। ଦୁଇ ଦିନ ପୂର୍ବରୁ ଆଥଲେଟମାନେ ଡେରାଡୁନ୍‌ରେ ପହଞ୍ଚି ପ୍ରସ୍ତୁତି ଆରମ୍ଭ କରିବେ ବୋଲି କୁହାଯାଇଛି। ଜାତୀୟ କ୍ରୀଡ଼ାର ଗତ ୩୭ତମ ସଂସ୍କରଣ ଗୋଆରେ ଆୟୋଜିତ ହୋଇଥିଲା। ଏଥିରେ ମହାରାଷ୍ଟ୍ର ୮୦ ସ୍ୱର୍ଣ୍ଣ, ୬୯ ରୌପ୍ୟ, ୭୯ କାଂସ୍ୟ ସହ ମୋଟ୍ ୨୨୮ ପଦକ ହାସଲ କରି ତାଲିକାର ଶୀର୍ଷରେ ରହିଥିଲା। ସେହିପରି ଓଡ଼ିଶା ୧୦ ସ୍ୱର୍ଣ୍ଣ, ୧୮ ରୌପ୍ୟ ଓ ୩୦ କାଂସ୍ୟ ସହ ମୋଟ ୫୮ ପଦକ ସହ ତାଲିକାର ୧୬ତମ ସ୍ଥାନରେ ରହିଥିଲା।

କର୍ଣ୍ଣାଟକକୁ ୫ମ ବିଜୟ ହଜାରେ ଟ୍ରଫି

ଭଦୋଦାରା,୧୮।୧(ଏଜେନ୍ସି): ବିଜୟ ହଜାରେ ଟ୍ରଫିର ୩୨ତମ ସଂସ୍କରଣ ଶନିବାର ଉଦ୍‌ଯାପିତ ହୋଇଛି। କର୍ଣ୍ଣାଟକ ୩୬ ରନରେ ବିଦର୍ଭକୁ ପରାସ୍ତ କରି ଏଥର ଟାଇଟଲ ହାସଲ କରିଛି। କର୍ଣ୍ଣାଟକ ୫ମଥର ପାଇଁ ଚାମ୍ପିଅନ ହୋଇଛି। ସ୍ଥାନୀୟ କୋଟାମ୍ବି ଷ୍ଟାଡିୟମରେ ଶନିବାର ଅନୁଷ୍ଠିତ ଫାଇନାଲରେ ଟସହାରି କର୍ଣ୍ଣାଟକ ୬ ୱିକେଟ ହରାଇ ୩୪୮ ରନ କରିଥିଲା। ଜବାବରେ ବିଦର୍ଭ ୪୮.୨ ଓଭରରେ ୩୧୨ ରନରେ ସୀମିତ ରହି ରନର୍ସଅପ୍ ବିବେଚିତ ହୋଇଛି। ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ୭୭୯ ରନ କରି ପ୍ଲେୟର ଅଫ ଦି ସିରିଜ ବିବେଚିତ ହୋଇଥିବା କରୁନ ନାୟର ବିଫଳ ହୋଇଥିଲେ। କର୍ଣ୍ଣାଟକର ରବିଚନ୍ଦ୍ରନ ସ୍ମରଣ ୧୦୧ ରନର ଶତକୀୟ ପାଳି ଖେଳି ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

୩୪୯ ରନର କଷ୍ଟସାଧ୍ୟ ଟାର୍ଗେଟର ପିଛା କରି ବିଦର୍ଭ ନିୟମିତ ଅନ୍ତରରେ ୱିକେଟ ହରାଇଥିଲା। ଓପନର ଧ୍ରୁବ ଶୋରେ ୧୧୦ ରନର ଶତକୀୟ ପାଳି ଖେଳିଥିଲେ ମଧ୍ୟ ଏହା ନିଷ୍ଫଳ ସାବ୍ୟସ୍ତ ହୋଇଥିଲା। ସେହିପରି ମଧ୍ୟକ୍ରମ ବ୍ୟାଟର ହର୍ଷ ଦୁବେ ୬୩ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଅନ୍ୟମାନେ ବିଫଳ ହୋଇଥିଲେ। ଏହି କ୍ରମରେ ୟଶ ରାଠୋର ୨୨, ଇନ୍‌ଫର୍ମ କରୁଣ ନାୟର ୨୭, ଜିତେଶ ଶର୍ମା ୩୪ ରନ କରି ଆଉଟ ହୋଇଥିଲେ। ବୋଲିଂରେ କର୍ଣ୍ଣାଟକ ତରଫରୁ ବାସୁକି କୌଶିକ, ପ୍ରସିଦ୍ଧ କ୍ରିଷ୍ଣା ଓ ଅଭିଳାଷ ସେଙ୍ଗୀ ୩ଟି ଲେଖାଏ, ହାର୍ଦ୍ଦିକ ରାଜ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା କର୍ଣ୍ଣାଟକ ତରଫରୁ ମଧ୍ୟକ୍ରମ ବ୍ୟାଟର ରବିଚନ୍ଦ୍ରନ ସ୍ମରଣ ୧୦୧ ରନର ଶତକୀୟ ପାଳି ଖେଳିଥିଲେ। ସେହିପରି ଅଭିନବ ମନୋହର ୪୨ ବଲରୁ ୧୦ ଚୌକା ଓ ୪ ଛକା ସହ ୭୯ ରନର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ବିଶାଳ ସ୍କୋର ପ୍ରଦାନ କରିଥିଲେ। କ୍ରିଷ୍ଣନ ଶ୍ରୀଜିତ୍ ୭୮, ମୟଙ୍କ ୩୨ ରନ ସଂଗ୍ରହ କରିଥିଲେ। ବୋଲିଂରେ ବିଦର୍ଭ ତରଫରୁ ଦର୍ଶନ ନାଲକଣ୍ଡେ ଓ ନଚିକେତ ଭୂତେ ୨ଟି ଲେଖାଏ, ୟଶ ଠାକୁର ଓ ୟଶ କଦକ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନରେ ଭାରତର ଅଭିଯାନ ଶେଷ

ନୂଆଦିଲ୍ଲୀ, ୧୮।୧ (ଏଜେନ୍ସି): ସ୍ଥାନୀୟ କେଡି ଯାଦବ ଇଣ୍ଡୋର୍ ହଲ୍‌ରେ ଚାଲିଥିବା ୮ କୋଟି ୨୨ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଭାରତର ଅଭିଯାନ ଶେଷ ହୋଇଛି। ଶନିବାର ପୁରୁଷ ଡବଲ୍ସ ସେମିଫାଇନାଲରେ ଭାରତର ଶେଷଆଶା ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ୧୮-୨୧, ୧୪-୨୧ ସିଧାସଳଖ ଗେମ୍‌ରେ ଇଣ୍ଡୋନେସିଆ ଯୋଡ଼ି ଗୋ ଜି ଫେଇ ଓ ନୁର୍ ଇଜୁଦ୍ଦିନଙ୍କ ନିକଟରୁ ହାରିଯାଇଥିଲେ। ଚିରାଗ ଓ ସାତ୍ୱିକ ଯୋଡ଼ି କ୍ରମାଗତ ୨ୟ ସେମିଫାଇନାଲରେ ପରାସ୍ତ ହୋଇଛନ୍ତି। ଏଥିପୂର୍ବରୁ ମାଲେସିଆ ଓପନ୍‌ରେ ମଧ୍ୟ ଏହି ଭାରତୀୟ ଯୋଡ଼ି ସେମିଫାଇନାଲରେ ଅଟକିଥିଲେ।

ଆଶିଷ ପ୍ରଥମ ଓଡ଼ିଆ ସ୍ୱୀକୃତିପ୍ରାପ୍ତ ଅନ୍ତର୍ଜାତୀୟ ସୁଟିଂ ବିଚାରପତି

ଭୁବନେଶ୍ୱର, ୧୮।୧ (ସମିସ): ପ୍ରଥମ ଓଡ଼ିଆ ଭାବେ ଆଶିଷ ନାୟକ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ ବିଚାରପତି ଭାବେ ସ୍ୱୀକୃତି ଲାଭ କରିଛନ୍ତି। ଜାତୀୟ ରାଇଫଲ୍ ସଂଘ ପକ୍ଷରୁ ମନୋନୀତ ହୋଇ ଆଶିଷ ଦିଲ୍ଲୀରେ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ ଫେଡେରେସନ ଦ୍ୱାରା ଆୟୋଜିତ ବିଚାରପତି ପାଠ୍ୟକ୍ରମ ପରୀକ୍ଷା (ରାଇଫଲ୍ ଓ ପିସ୍ତଲ)ରେ କୃତକାର୍ଯ୍ୟ ହୋଇଛନ୍ତି। ଆଶିଷ ଏଥିପୂର୍ବରୁ ପ୍ରଥମ ଓଡ଼ିଆ ଭାବେ ଅନ୍ତର୍ଜାତୀୟ ସୁଟିଂ ସ୍ପୋର୍ଟ୍ସ କ୍ରୀଡ଼ା ପ୍ରଶିକ୍ଷକ ଓ ଜାତୀୟ ବନ୍ଧୁକ ଚାଳନା ବିଚାରପତି ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ସଫଳତା ଲାଗି ଆଶିଷଙ୍କୁ ଜାତୀୟ ରାଇଫଲ୍ ସଂଘର ସଭାପତି କଳିକେଶ ନାରାୟଣ ସିଂଦେଓ ଅଭିନନ୍ଦନ ଜଣାଇଛନ୍ତି।

ଉତ୍କଳ ଓପନ୍ ଟେନିସ

ପ୍ରାର୍ଥନା-ଅଭିପ୍ସା ଫାଇନାଲ ମୁକାବିଲା

ଭୁବନେଶ୍ୱର, ୧୮।୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ କମ୍ପ୍ଲେକ୍ସରେ ଚାଲିଥିବା ଉତ୍କଳ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ଫାଇନାଲ ଲାଇନଅପ୍ ସ୍ପଷ୍ଟ ହୋଇଛି। ରବିବାର ଫାଇନାଲରେ ୩ୟ ସିଡ୍ ପ୍ରାର୍ଥନା ମଣ୍ଡଳ ଓ ଅଭିପ୍ସା ଦେହୁରୀ ପରସ୍ପରକୁ ଭେଟିବେ। ସେମିରେ ପ୍ରାର୍ଥନା ୯-୮ (୫)ରେ ଟପ୍ ସିଡ୍ ପ୍ରିଶା ଦାସଙ୍କୁ ପରାସ୍ତ କରିଥିଲେ। ସେହିଭଳି ଅଭିପ୍ସା ୯-୨ରେ ୮ମ ସିଡ୍ ସରଞ୍ଜନା ଦାସଙ୍କୁ ହରାଇଥିଲେ। ରବିବାର ପୁରୁଷ ସିଙ୍ଗଲ୍ସ ସେମି ଖେଳାଯିବ। ଟପ୍ ସିଡ୍ ଅମୃତଜୟ ମହାନ୍ତି ଓ ୩ୟ ସିଡ୍ ଅଂଶୁମାନ ସିଂ ପରସ୍ପରକୁ ଭେଟିବେ। ଆଦିତ୍ୟ ଶତପଥୀ ଓ ୬ଷ୍ଠ ସିଡ୍ ଆଦିତ୍ୟ ମହାପାତ୍ରଙ୍କ ମଧ୍ୟରେ ୨ୟ ସେମିଫାଇନାଲ ଖେଳାଯିବ। ୧୪ ବର୍ଷରୁ କମ୍ ବାଳିକା ଫାଇନାଲରେ ଏସ୍‌କେ ୱନିଆ ଶଜଫା ଓ ସରଞ୍ଜନା ଦାସ ପରସ୍ପରକୁ ଭେଟିବେ।

ହକି ଇଣ୍ଡିଆ ଲିଗ୍

ହାଇଦ୍ରାବାଦ୍ ତୁଫାନ୍ସର ବଡ଼ ବିଜୟ

ରାଞ୍ଚି,୧୮।୧(ଏଜେନ୍ସି): ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ର ଚଳିତ ଷଷ୍ଠ ସଂସ୍କରଣରେ ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦରାବାଦ ତୁଫାନ୍ସ ୪-୦ ଗୋଲରେ ତାମିଲନାଡୁ ଡ୍ରାଗନ୍ସକୁ ପରାସ୍ତ କରିଛି। ଡ୍ରାଗନ୍ସର ରକ୍ଷଣଭାଗ ଦୁର୍ବଳତାରୁ ଫାଇଦା ଉଠାଇ ଡ୍ରାଗନ୍ସ ଗୋଟିଏ ପରେ ଗୋଟିଏ ଗୋଲ ସ୍କୋର କରିଥିଲା। ଏହି ବିଜୟ ସହ ତୁଫାନ୍ସ ୭ଟି ମ୍ୟାଚ୍ ଖେଳି ୧୩ ପଏଣ୍ଟ ପାଇ ଦ୍ୱିତୀୟ ଓ ଡ୍ରାଗନ୍ସ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ପରାଜୟ ସତ୍ତ୍ୱେ ୧୫ ପଏଣ୍ଟ ଶୀର୍ଷ ସ୍ଥାନ ବଜାୟ ରଖିଛି।

ପେଇଲାଟଙ୍କ ଡବଲ୍ ଗୋଲ

ସ୍ଥାନୀୟ ଜୟପାଲ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ଏକପାଖିଆ ମ୍ୟାଚ୍‌ରେ ତୁଫାନ୍ସ ତରଫରୁ ୨୧ତମ ମିନିଟ୍‌ରେ ଅଭିଜ୍ଞ ଜର୍ମାନୀ ଡିଫେଣ୍ଡର ଗୋଞ୍ଜାଲୋ ପେଇଲାଟ୍ ୨୧ ୪୮ତମ ମିନିଟ୍‌ରେ ଦୁଇଟି ଗୋଲ ଦେଇ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ୩୧ତମ ମିନିଟ୍‌ରେ ନେଦରଲାଣ୍ଡସ ଡିଫେଣ୍ଡର ଆର୍ଥର ସ୍ଲୁଭେର ଓ ଏହାର ଦୁଇ ମିନିଟ ପରେ ଅର୍ଥାତ ୩୩ତମ ମିନିଟ୍‌ରେ ଅଷ୍ଟ୍ରେଲିଆ ଫରୱାର୍ଡ ଟିମୋଥି ଡାନିଏଲ ବ୍ରାଣ୍ଡ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ଡ୍ରାଗନ୍ସ ତୁଫାନ୍ସ ଡିଫେନ୍ସକୁ ଭେଦ କରିପାରି ନଥିଲା। ବ୍ରାଣ୍ଡ ଫିଲ୍ଡ ଗୋଲ ଦେଇଥିବା ବେଳେ ଅନ୍ୟ ୩ଟି ଗୋଲ୍ ପେନାଲ୍ଟି କର୍ଣ୍ଣର ଜରିଆରେ ସ୍କୋର ହୋଇଥିଲା। ବଲ ପଜେସନରେ ଡ୍ରାଗନ୍ସ ସାମାନ୍ୟ ଆଗୁଆ ରହିଥିଲା। ତେବେ ସର୍ଟ୍ସ, ସର୍କଲ ଏଣ୍ଟ୍ରି ଓ ପେନାଲ୍ଟି କର୍ଣ୍ଣରରେ ତୁଫାନ୍ସ ଯଥେଷ୍ଟ ଅଗାରେ ରହିଥିଲା। ୧୮ଟି ପେନାଲ୍ଟି କର୍ଣ୍ଣର ପାଇ ତୁଫାନ୍ସ ମାତ୍ର ୩ଟି ଗୋଲ ସ୍କୋର କରିଥିଲା। ସେହିପରି ୩ଟି ପେନାଲ୍ଟି ପାଇଥିଲେ ମଧ୍ୟ ଡ୍ରାଗନ୍ସ ଗୋଲ ଦେଇପାରି ନଥିଲା।

ରୁଦ୍ରସଠାରୁ ହାରିଲା ଗୋନାସିକା

ଦ୍ୱିତୀୟ ମ୍ୟାଚ୍‌ରେ ଟିମ୍ ଗୋନାସିକା ୦-୧ ଗୋଲରେ ୟୁପି ରୁଦ୍ରସଠାରୁ ପରାସ୍ତ ହୋଇଛି। ସ୍ଥାନୟ ଜୟପାଲ ସିଂ ଷ୍ଟାଡିୟମରେ ଖେଳାଯାଇଥିବା ଏହି ସଂଘର୍ଷପୂର୍ଣ୍ଣ ମୁକାବିଲାରେ ରୁଦ୍ରସ ତରଫରୁ ହାର୍ଦ୍ଦିକ ସିଂ ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ୧୫ତମ ମିନିଟ୍‌ରେ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ଗୋନାସିକା ୧୭ଟି ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଟିଏ ବି ଗୋଲରେ ପରିଣତ କରିପାରି ନଥିଲା। ମିଳିଥିବା ଗୋଟିଏ ପେନାଲ୍ଟି ଷ୍ଟ୍ରୋକ୍‌କୁ ରୁଦ୍ରସ୍ ଗୋଲରେ ପରିଣତ କରିଥିଲା। ସର୍କଲ ଏଣ୍ଟ୍ରିରେ ରୁଦ୍ରସ ସମାନ୍ୟ ଆଗରେ ରହିଥିଲା। ବଲ୍ ପଜେସନରେ ଗୋନାସିଆକ ମଧ୍ୟ ସାମାନ୍ୟ ଆଗରେ ରହିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS